READ & SHARE
www.ekamaatra.com
ekamaatra@gmail.com
taraknews1@gmail.com
ekamaatraodia
ekamaatranews

EKAMAATRA
# ଏକମାତ୍ର
ଅନୁସନ୍ଧାନ ପରେ ଖବର

RNI Regd. No. ODIODI/2017/71524



ବର୍ଷ-୫ ସଂଖ୍ୟା-୨୧ ୦୭ - ୧୩ ଜୁନ୍, ୨୦୨୧ ଭୁବନେଶ୍ୱର Monday Weekly VOL-5 ISSUE-21 7th - 13th JUNE, 2021 BHUBANESWAR ₹ 5/- (8 Pages)

# ଶୀର୍ଷ ଛୁଇଁ ଖସୁଛି ସଂକ୍ରମଣ

**ନୂଆଦିଲ୍ଲୀ / ଭୁବନେଶ୍ୱର :** ଦେଶରେ କରୋନା ଜନିତ ଦୈନିକ ମୃତ୍ୟୁହାର ହ୍ରାସ ପାଇଛି। କରୋନା ଭାଇରସ ସଂକ୍ରମଣ ମାମଲାରେ ଦ୍ରୁତ ହ୍ରାସ ଏବେ ଆଶ୍ୱସ୍ତି ଆଣିଦେଇଛି। ଦ୍ୱିତୀୟ ଲହର ଶୀର୍ଷ ଛୁଇଁବା ବେଳକୁ ସର୍ବାଧିକ ଦୈନିକ ସଂକ୍ରମଣ ମାମଲା ୪.୧୪ ଲକ୍ଷ ଥିବା ବେଳେ ବର୍ତ୍ତମାନ ଏଥିରେ ୬୮% ହ୍ରାସ ପାଇଛି। ଭାରତରେ ମେ' ୭ ତାରିଖରେ ଦ୍ୱିତୀୟ ଲହର ଶୀର୍ଷ ଛୁଇଁଥିଲା। ସମ୍ପ୍ରତି ଯେଉଁ ନୂଆ ସଂକ୍ରମଣ ମାମଲା ଆସିଛି ସେଥିରୁ ୬୬% ମାମଲା କେବଳ ୫ଟି ରାଜ୍ୟରେ ରହିଛି। ବଳକା ମାମଲା ଆଉ ୩୧ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରୁ ଆସୁଥିବାର ଜଣାପଡିଛି। ସେହିଭଳି ଦେଶରେ ଦୈନିକ ମୃତ୍ୟୁହାର ହ୍ରାସ ପାଇବା ଏକ ଭଲ ଖବର। ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଯେ, ଦେଶର ଯେଉଁ ଜିଲ୍ଲା ମାନଙ୍କରେ ପ୍ରତିଦିନ ଅତି କମରେ ୧୦୦ ମାମଲା ସାମ୍ନାକୁ ଆସୁଥିଲା ସେଠାରେ ମଧ୍ୟ ସଂକ୍ରମଣ ଯଥେଷ୍ଟ କମିଯାଇଛି। ଏବେ ଭାରତରେ କରୋନା ଟିକାଦାନ ଜାରି ରହିଥିଲା ବେଳେ ୬୦ ରୁ ଅଧିକ ବୟସର ଲୋକଙ୍କ ମଧ୍ୟରୁ ୪୩% କରୋନା ଟିକାର ପ୍ରଥମ ମାତ୍ରା ନେଇସାରିଛନ୍ତି। ପିଲାମାନଙ୍କୁ ଟିକା ଦେବା ପାଇଁ ଆବଶ୍ୟକୀୟ ପରୀକ୍ଷଣ ଆରମ୍ଭ ହୋଇଯାଇଛି। ଗତ ମଙ୍ଗଳବାରଠାରୁ ଦୈନିକ ସଂକ୍ରମଣ ହ୍ରାସ ପାଉଥିବା ଜଣାପଡିଛି। ସେହିଭଳି ମୃତ୍ୟୁହାର ମଧ୍ୟ କମ ରହୁଛି। ତେବେ ବିଗତ ୩ ସପ୍ତାହ ଧରି ନୂତନ ସଂକ୍ରମିତଙ୍କ ତୁଳନାରେ ଅଧିକ ଅରୋଗ୍ୟ ଲାଭ କରିବା ପ୍ରକ୍ରିୟା ଜାରି ରହିଛି। ସକ୍ରିୟ ମାମଲାରେ କ୍ରମାଗତ ହ୍ରାସ ଘଟୁଛି। କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଗତ ଶୁକ୍ରବାର ସକାଳ ୮ଟା ସୁଦ୍ଧା



ବିଗତ ୨୪ଘଣ୍ଟା ମଧ୍ୟରେ ଦେଶରେ ୧,୩୨,୩୬୪ଜଣ ନୂତନ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ବର୍ତ୍ତମାନ ସୁଦ୍ଧା ଦେଶରେ ମୋଟ ୨,୮୫,୭୪,୩୫୦ଜଣ ଏହି ମହାମାରୀରେ ଆକ୍ରାନ୍ତ ହୋଇଥିବା ଜଣାଯାଏ। ନୂତନ ଆକ୍ରାନ୍ତଙ୍କ ମଧ୍ୟରେ ତାମିଲନାଡୁରେ ସର୍ବାଧିକ।

ତେବେ ଆମ ରାଜ୍ୟରେ କରୋନା ସଂକ୍ରମିତଙ୍କ ସଂଖ୍ୟା ୮ଲକ୍ଷ ନିକଟତର ହୋଇଛି। କରୋନାର ଦ୍ୱିତୀୟ ଲହରରେ ମେ' ମାସ ସବୁଠାରୁ ବିପଦପୂର୍ଣ୍ଣ ଥିବା ବେଳେ ଧୀରେ ଧୀରେ ସଂକ୍ରମଣ ହ୍ରାସ ପାଉଥିବା ଦେଖିବାକୁ ମିଳିଛି। ବିଶେଷଜ୍ଞଙ୍କ ମତରେ ଲକଡାଉନ ହେବାର ଚାରି ସପ୍ତାହ ପରେ ସଂକ୍ରମଣରେ ହ୍ରାସ ଦେଖିବାକୁ ମିଳିଥାଏ। ତେଣୁ ସେହି ଦୃଷ୍ଟିରୁ ରାଜ୍ୟରେ ଲକଡାଉନର ପ୍ରଭାବ ଆରମ୍ଭ ହୋଇଯାଇଛି ବୋଲି କୁହାଯାଉଛି। ରାଜ୍ୟ ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶକ ଡାକ୍ତର ବିଜୟ ମହାପାତ୍ର କହିଛନ୍ତି ଯେ, ଓଡ଼ିଶାରେ ପଜିଟିଭ୍ ହାରରେ ଧୀରେ ଧୀରେ ସୁଧାର ଆସୁଛି। ଜୁନ୍ ଶେଷ ବେଳକୁ ସ୍ଥିତିରେ ଆହୁରି ସୁଧାର ଆସିଯିବାର ଆଶା କରାଯାଉଛି।

ରାଜ୍ୟରେ ବର୍ତ୍ତମାନ କୋଭିଡ୍ ପାଇଁ ସାଧାରଣ ବେଡ୍ ୩୯% ଫିଲ୍ଅପ୍ ଅଛି। ବାକି ୬୧% ଖାଲି ରହିଛି। ସେହିପରି ଭେଣ୍ଟିଲେଟର ଓ ଅକ୍ସିଜେନ ବେଡ୍ ୬୦ ପ୍ରତିଶତ ଅଛି। ତଥାପି ନୂଆ କରି ୫-୬ଟି ଜାଗାରେ ସିସିସି, ଡିସିଏସ୍‌ପି, ଡିଡିଏସ୍ ବୃଦ୍ଧି କରାଯାଇଛି। ଏହି ସୂଚନା ଦେଇଛନ୍ତି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ବିଜୟ ମହାପାତ୍ର। ତୃତୀୟ ଲହରୀରେ ଶିଶୁମାନେ ଆକ୍ରାନ୍ତ ହେବାର ଆଶଙ୍କା ପ୍ରକାଶ କରାଯାଉଥିବାରୁ ଏଥିପାଇଁ ଆଗୁଆ ପ୍ରସ୍ତୁତି କରାଯାଇଥିବା ସେ ସୂଚନା ଦେଇଛନ୍ତି। ୧୮ ରୁ ୪୫ ବୟସ ମଧ୍ୟରେ ଦିଆଯାଉଥିବା ଟିକାକୁ ୪୫ ବର୍ଷରୁ ଅଧିକ ବୟସର ଲୋକଙ୍କୁ ଦିଆଯିବା ନେଇ କେନ୍ଦ୍ର ନିଷ୍ପତ୍ତି ନେବ। ଜୁନ୍ ଦ୍ୱିତୀୟ ସପ୍ତାହ ବେଳକୁ କରୋନା ନିୟନ୍ତ୍ରଣକୁ ଆସିଯିବ ବୋଲି ସେ ଅନୁମାନ କରିଛନ୍ତି। ଅନ୍ୟପଟେ କରୋନା ମହାମାରୀ ସଂକ୍ରମଣ ଭିତରେ ରାଜ୍ୟ ସରକାର ଆଉ ➤ ପୃ-୬

## ରେପୋ ରେଟ୍ ଅପରିବର୍ତ୍ତିତ

**ନୂଆଦିଲ୍ଲୀ :** ଭାରତୀୟ ରିଜର୍ଭ ବ୍ୟାଙ୍କର ଗଭର୍ଣ୍ଣର ଶକ୍ତିକାନ୍ତ ଦାସ ମୁଦ୍ରାନୀତି ସମୀକ୍ଷା ବୈଠକର ନିଷ୍ପତ୍ତି ଘୋଷଣା କରିଛନ୍ତି। ଆରବିଆଇ ମୁଦ୍ରାନୀତି ସମୀକ୍ଷା ବୈଠକରେ କରୋନା ପାଇଁ କୌଣସି ପଲିସିରେ ପରିବର୍ତ୍ତନ କରିନାହାନ୍ତି। ଅର୍ଥାତ୍ ରେପୋ ଏବଂ ରିଭର୍ସ ରୋପୋ ରେଟକୁ ଅପରିବର୍ତ୍ତିତ ରଖିଛି ଆରବିଆଇ। ରେପୋ ରେଟ୍ ପୂର୍ବରୁ ୪ ପ୍ରତିଶତ ଥିବା ବେଳେ ରିଭର୍ସ ରୋପୋ ରେଟ୍ ୩.୩୫ ପ୍ରତିଶତ ରହିଛି। ମାର୍ଜିନାଲ ଷ୍ଟାଣ୍ଡିଂ ଫେସିଲିଟି (ଏମଏସଏଫ) ରେଟ୍ ମଧ୍ୟ ୪.୨୫ ପ୍ରତିଶତ ରଖି ଅପରିବର୍ତ୍ତିତ ରଖିଛି ଆରବିଆଇ। ଅର୍ଥାତ ଲୋକଙ୍କ ଇଏମଆଇ କିମ୍ବା ଋଣ ହାର ପୂର୍ବ ଭଳି ରହିବ। ଏଥିରେ କୌଣସି ପରିବର୍ତ୍ତନ ହେବ ନାହିଁ। ଏଥିସହ ଶକ୍ତିକାନ୍ତ ଦାସ କହିଛନ୍ତି, ୨୦୨୧ ଆର୍ଥିକ ବର୍ଷରେ ଅଭିବୃଦ୍ଧି ହାର -୭.୩ ରହିଥିଲା। ➤ ପୃ-୬

## +୨ ପରୀକ୍ଷା ବାତିଲ



**ଭୁବନେଶ୍ୱର :** ସାରା ଦେଶରେ କୋଭିଡ ମହାମାରୀର ଦ୍ୱାତୀୟ ଲହର ବର୍ତ୍ତମାନ ଏକ ଅଭାବନୀୟ ପରିସ୍ଥିତି ସୃଷ୍ଟି କରିଛି। ଏଥିରେ ସବୁଠାରୁ ଅଧିକ ପ୍ରଭାବିତ ହୋଇଛି ପିଲାମାନଙ୍କ ପାଠପଢା ଓ ଲୋକମାନଙ୍କର ଜୀବନଜୀବିକା। କିନ୍ତୁ ଏସବୁ ଠାରୁ ଉର୍ଦ୍ଧ୍ୱରେ ରହିଛି ମଣିଷ ଜୀବନର ସୁରକ୍ଷା। ଏହି ପରିପ୍ରେକ୍ଷୀରେ ଛାତ୍ରଛାତ୍ରୀ, ଶିକ୍ଷକ ଓ ଅଭିଭାବକ ସମସ୍ତଙ୍କ ସ୍ୱାସ୍ଥ୍ୟ ସୁରକ୍ଷାକୁ ଦୃଷ୍ଟିରେ ରଖି ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଚଳିତ ବର୍ଷର ବାର୍ଷିକ ଦ୍ୱାଦଶ ଶ୍ରେଣୀ ପରୀକ୍ଷାକୁ ବାତିଲ କରାଗଲା ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଜୀବନ ଆଗ, ଆଉସବୁ ପଛ। ଜୀବନ ସୁରକ୍ଷିତ ରହିଲେ ଆଗକୁ ଅନନ୍ତ ସମ୍ଭାବନା ରହିବ ଏବଂ ସମାଜ ଓ ସଭ୍ୟତା ଆଗକୁ ବଢିବ। ତେଣୁ ଆମ ଦେଶ ଓ ଜାତିର ଭବିଷ୍ୟତ, ଆମ ପିଲାମାନଙ୍କର ସ୍ୱାସ୍ଥ୍ୟ ସୁରକ୍ଷା ପରୀକ୍ଷା ଠାରୁ ବହୁ ଅଧିକ ଗୁରୁତ୍ୱପୂର୍ଣ୍ଣ। ପରୀକ୍ଷା କରାଯାଇଥିଲେ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟତ୍ରୀ ଓ ଅଭିଭାବକ ମାନେ ବହୁ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତେ। ତେଣୁ ଛାତ୍ର ସମାଜର ବୃହତ୍ତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ପରୀକ୍ଷା ବାତିଲ ସଂକ୍ରାନ୍ତୀୟ ଏହି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏପରି ସମ୍ବେଦନଶୀଳ ସମୟରେ ପରିସ୍ଥିତିକୁ ସମ୍ଭାଳିବାରେ ଛାତ୍ରଛାତ୍ରୀ ଓ ସେମାନଙ୍କ ପରିବାରର ସଦସ୍ୟ ମାନଙ୍କର ଉଦ୍ୟମ, ➤ ପୃ-୬

## ନୀତି ଆୟୋଗ ଏସ୍‌ଡିଜି ର୍‌ୟାଙ୍କିଙ୍ଗ

## ପ୍ରଥମ ସ୍ଥାନରେ କେରଳ, ୨୧କୁ ଖସିଲା ଓଡ଼ିଶା

**ନୂଆଦିଲ୍ଲୀ :** ଭାରତ ସରକାରଙ୍କ ଥିଙ୍କଟ୍ୟାଙ୍କ ନୀତି ଆୟୋଗ ତା'ର ଏସଡିଜି (ସଷ୍ଟେନେବୁଲ୍ ଡେଭଲପମେଣ୍ଟ ଗୋଲ୍) ଇଣ୍ଡିଆ ଇଣ୍ଡେକ୍ସ ୨୦୨୦-୨୧ ରିପୋର୍ଟ ପ୍ରକାଶ କରିଛି। ନୀତି ଆୟୋଗ ପ୍ରସ୍ତୁତ କରିଥିବା ରାଙ୍କିଙ୍ଗରେ କେରଳ ୧ନଂ ସ୍ଥାନରେ ଥିବା ବେଳେ ବିହାର ସବୁଠାରୁ ପଛରେ ରହିଛି। ଓଡ଼ିଶାର ସ୍ଥାନ ୧୬ରୁ ୨୧କୁ ଖସି ଯାଇଛି। ରାଜ୍ୟମାନଙ୍କର ସାମାଜିକ, ଅର୍ଥନୀତିକ ଓ ପରିବେଶ ଜନିତ ବିକାଶକୁ ଦୃଷ୍ଟିରେ ରଖି ଏହି ଏସଡିଜି ଇଣ୍ଡିଆ ଇଣ୍ଡେକ୍ସ ବା ନିରନ୍ତର ବିକାଶ ଲକ୍ଷ୍ୟ ରାଙ୍କିଙ୍ଗ ପ୍ରସ୍ତୁତ କରାଯାଇଥାଏ। ସବୁ କ୍ଷେତ୍ରରେ କେରଳ ଭଲ ପ୍ରଦର୍ଶନ କରିଥିବାରୁ ରାଙ୍କିଙ୍ଗର ୧ନଂ ସ୍ଥାନରେ ରହିଛି। ରାଙ୍କିଙ୍ଗରେ ଓଡ଼ିଶା ୨୧ତମ ସ୍ଥାନକୁ ଖସି ଆସିଛି। ୨୦୧୯ରେ ଓଡ଼ିଶା ୧୬ ନମ୍ବର ସ୍ଥାନରେ ଥିଲା। ଅନେକ ମାନଦଣ୍ଡରେ ରାଜ୍ୟର ପ୍ରଦର୍ଶନ କମିଥିବା ରିପୋର୍ଟରେ ଉଲ୍ଲେଖ କରାଯାଇଛି। ରାଜ୍ୟରେ ମନେରଗା କାମ କମ ମିଳିଥିବା ବେଳେ ମହିଳା ବିରୋଧୀ ହିଂସା




ବଢ଼ିଛି ବୋଲି ରିପୋର୍ଟରେ କୁହାଯାଇଛି। ରାଙ୍କିଙ୍ଗର ପ୍ରଥମ ସ୍ଥାନରେ ଥିବା କେରଳ ମୋଟ ୭୫ ପଏଣ୍ଟ ପାଇଛି। ହିମାଚଳ ପ୍ରଦେଶ ଓ ତାମିଲନାଡୁ ୭୪ ପଏଣ୍ଟ ଲେଖାଏ ପାଇ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଚଳିତ ଇଣ୍ଡିଆ ସୂଚକାଙ୍କରେ ବିହାର, ଝାଡଖଣ୍ଡ ଓ ଆସାମ ସବୁଠାରୁ ଖରାପ ପ୍ରଦର୍ଶନ କରିଛନ୍ତି। ଅନ୍ୟପକ୍ଷରେ କେନ୍ଦ୍ର ଶାସିତ ଅଞ୍ଚଳଗୁଡ଼ିକ ମଧ୍ୟରେ ଚଣ୍ଡିଗଡ଼ ୧ନଂ ସ୍ଥାନରେ ରହିଛି। ଚଣ୍ଡିଗଡ଼ର ପଏଣ୍ଟ ସଂଖ୍ୟା ୭୯ ଥିବା ବେଳେ ଦ୍ୱିତୀୟ ସ୍ଥାନରେ ଥିବା ଦିଲ୍ଲୀକୁ ୬୮ ପଏଣ୍ଟ ମିଳିଛି। ➤ ପୃ-୬

## ସବୁ କ୍ଷେତ୍ରରେ ଆତ୍ମନିର୍ଭରଶୀଳ ଭାରତ : ମୋଦି

**ନୂଆଦିଲ୍ଲୀ :** ପ୍ରତ୍ୟେକ କ୍ଷେତ୍ରରେ ଆତ୍ମନିର୍ଭରଶୀଳ ହେବା ପାଇଁ ଭାରତ ପ୍ରତିଶ୍ରୁତିବଦ୍ଧ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି। କୋଭିଡ୍-୧୯ ମହାମାରୀ ଯୋଗୁଁ ଯଦିଓ କେତେକ କ୍ଷେତ୍ରରେ ଲକ୍ଷ୍ୟ ହାସଲ ମନ୍ଥର ହୋଇଯାଇଛି, ତେବେ ଦୃଢ଼ ମନୋବଳ ସହ କଠୋର ପଦକ୍ଷେପ ନେଇ ବିଭିନ୍ନ କ୍ଷେତ୍ରରେ ଦେଶ ଆତ୍ମନିର୍ଭରଶୀଳ ହୋଇପାରିଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭିଡିଓ କନଫରେନ୍ସିଂ ମାଧ୍ୟମରେ ଭାରତୀୟ ବୈଜ୍ଞାନିକ ଓ ଶିଳ୍ପ ଗବେଷଣା ପରିଷଦ (ସିଏସ୍ଆଇଆର)ର ବାର୍ଷିକ ବୈଠକରେ ଅଧ୍ୟକ୍ଷତା କରିଥିଲେ। ଶ୍ରୀ ମୋଦି ଏହି ଅବସରରେ କହିଛନ୍ତି ଯେ, ଭାରତ କୃଷି, ମହାକାଶ, ବିପର୍ଯ୍ୟୟ ପରିଚାଳନା, ପ୍ରତିରକ୍ଷା, ଟେକ୍ନୋଲୋଜି ଏବଂ ଟିକା କ୍ଷେତ୍ରରେ ଆତ୍ମନିର୍ଭରଶୀଳ ହେବାକୁ ବଦ୍ଧପରିକର। ସେ କହିଛନ୍ତି ଯେ, କୋଭିଡ୍-୧୯ ମହାମାରୀ ହେଉଛି ଚଳିତ ଶତାବ୍ଦୀର ସବୁଠାରୁ ବଡ ଆହ୍ୱାନ। କିନ୍ତୁ



ବିଜ୍ଞାନ ଭବିଷ୍ୟତ ଆଡକୁ ଅଗ୍ରସର ହେବାର ପଥ ଉନ୍ମୁକ୍ତ କରୁଛି। ଆହ୍ୱାନର ସମାଧାନ ଦିଗରେ ବିଜ୍ଞାନର ମୌଳିକ ଗୁଣ ନୂଆ ନୂଆ ସମ୍ଭାବନା ସୃଷ୍ଟି କରୁଛି। ଭାରତୀୟ ବୈଜ୍ଞାନିକମାନେ ଗୋଟିଏ ବର୍ଷ ମଧ୍ୟରେ ସ୍ୱଦେଶୀ ଟିକା ବିକାଶ କରିଥିବାରୁ ପ୍ରଧାନମନ୍ତ୍ରୀ ବୈଜ୍ଞାନିକମାନଙ୍କୁ ଉଚ୍ଚପ୍ରଶଂସା କରିଛନ୍ତି। ଏତେ କମ୍ ସମୟ ମଧ୍ୟରେ ଟିକା ବିକଶିତ କରିବା ବୋଧହୁଏ ଇତିହାସରେ ପ୍ରଥମ ଘଟଣା ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ଭାରତୀୟ ବୈଜ୍ଞାନିକମାନେ ବିଶ୍ୱର ଅନ୍ୟାନ୍ୟ ଦେଶର ବୈଜ୍ଞାନିକମାନଙ୍କ ସହ କାନ୍ଧକୁ କାନ୍ଧ ମିଳାଇ ସମାନ ଗତିରେ କାର୍ଯ୍ୟ କରିଚାଲିଛନ୍ତି। ନିରନ୍ତର ବିକାଶ ➤ ପୃ-୬

# ଟିକା ବଢ଼ାଉଛି ରୋଗ ପ୍ରତିରୋଧକ ଶକ୍ତି !

**ଭୁବନେଶ୍ୱର :** ଗୋଟିଏ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ସମଗ୍ର ବିଶ୍ୱରେ ମହାମାରୀ କରୋନା ଆତଙ୍କ ସୃଷ୍ଟି କରିଚାଲିଛି। ଯେଉଁମାନେ ଏହି ଭୟାନକ ମହାମାରୀର ସାମ୍ନା କରିଛନ୍ତି ସେମାନେ ହିଁ ବାସ୍ତବ ସତ କ'ଣ ଜାଣିଛନ୍ତି। କରୋନା ଭୂତାଣୁ ଯେ ଏତେ ପ୍ରାଣଘାତକ ସାଜିପାରେ ତାହା ଆରମ୍ଭରୁ କଳନା କରାଯାଇନଥିଲା। ଚୀନ୍‌ର ଉହାନ ପ୍ରଦେଶରୁ ଉତ୍ପତ୍ତି ହୋଇଥିବା ଏହି ଭୂତାଣୁ ଯେତେବେଳେ ଧୀରେ ଧୀରେ ଚାରିଆଡକୁ ବ୍ୟାପିଗଲା ଭାରତ ମଧ୍ୟ କରୋନା କବଳକୁ ଆସିଥିଲା। ୨୦୧୯ ଶେଷ ଆଡକୁ ଆମ ଦେଶରେ କରୋନା ବ୍ୟାପିବାରେ ଲାଗିଲା। କରୋନାର ପ୍ରଥମ ଲହରରେ ଲୋକଙ୍କ ଜୀବନ ରକ୍ଷା ପାଇଁ ସରକାର ଅନେକ ନୀତି ନିୟମ ପ୍ରଣୟନ କରିଥିଲେ। କୋଭିଡ୍ ଗାଇଡଲାଇନ୍ ଅନୁସାରେ ଲକ୍‌ଡାଉନ୍, ସଟ୍‌ଡାଉନ୍ ଭଳି ପଦ୍ଧତି ଅବଲମ୍ବନ ଦ୍ୱାରା କରୋନା ସଂକ୍ରମଣ ବୃଦ୍ଧିକୁ ରୋକାଯାଇ ପାରିଥିଲା। ତଥାପି ଏଥିରେ ସଂକ୍ରମିତ ଅନେକଙ୍କ ବହୁମୂଲ୍ୟ ଜୀବନ ଚାଲିଯାଇଥିଲା ବେଳେ ଅନେକ ପରିବାର ଉଜୁଡି ମଧ୍ୟ ଯାଇଥିଲା। କରୋନା କାରଣରୁ ଜୀବିକା ପ୍ରଭାବିତ ହୋଇଛି। ଅନେକ ଲୋକ କାମଧନ୍ଦା ହରାଇ ସାରିଛନ୍ତି। ଏଭଳି ମାରାତ୍ମକ ଭୂତାଣୁରୁ ରକ୍ଷା ପାଇବା ପାଇଁ ଆମ ରାଜ୍ୟରେ ମଧ୍ୟ ରାଜ୍ୟ ସରକାର ବିଭିନ୍ନ ପ୍ରକାର ପନ୍ଥା ଗ୍ରହଣ କରିଥିଲେ। ତେବେ ଆରମ୍ଭରୁ କରୋନାର ଦ୍ୱିତୀୟ ଲହର ନେଇ ଆଶଙ୍କା ପ୍ରକାଶ ପାଇଥିଲା। ତେଣୁ ଏଥିରୁ ଲୋକଙ୍କୁ ସୁରକ୍ଷିତ ରଖିବା ପାଇଁ ଟିକା ପ୍ରସ୍ତୁତ ଉପରେ କେନ୍ଦ୍ର ସରକାର ଗୁରୁତ୍ୱ ଦେଇଥିଲେ। ଭାରତରେ କୋଭାକ୍ସିନ ଓ କୋଭିସିଲ୍ଡ ନାମକ ଦୁଇଟି ଟିକା ଉତ୍ପାଦିତ ହେବା ପରେ ଦେଶରେ ଟିକାକରଣ ଆରମ୍ଭ ହୋଇଛି। ତେବେ ଜନସଂଖ୍ୟା




**'ଏକମାତ୍ର'ର ସ୍ୱତନ୍ତ୍ର ଅନୁସନ୍ଧାନ**

ଦୃଷ୍ଟିରୁ ଭାରତ ଏକ ଜନବହୁଳ ରାଷ୍ଟ୍ର। ତେଣୁ ସମସ୍ତଙ୍କୁ ଏକକାଳୀନ ଟିକା ଦେବା ସମ୍ଭବ ହେଉନଥିବାରୁ ସରକାର ପର୍ଯ୍ୟାୟକ୍ରମେ ଟିକାଦାନ ଆରମ୍ଭ କରିଛନ୍ତି। ପ୍ରଥମରୁ ୪୫ ରୁ ୬୦ ବର୍ଷ ବର୍ଗର ବ୍ୟକ୍ତିଙ୍କୁ ଟିକାଦାନ ଉପରେ ଗୁରୁତ୍ୱ ଦିଆଗଲା। ଏବେ ୧୮ ରୁ ୪୪ ବର୍ଷ ବ୍ୟକ୍ତିଙ୍କୁ ଟିକାଦାନ ଆରମ୍ଭ ହୋଇଗଲାଣି। ତେବେ ଆମ ଦେଶରେ ଯେତିକି ଟିକା ଉତ୍ପାଦନ ହେଉଛି ତାହା ସମୁଦ୍ରକୁ ଶଙ୍ଖେ ଭଳି। କରୋନାର ଦ୍ୱିତୀୟ ଲହର ଯେଭଳି ଭୟାବହତା ସୃଷ୍ଟି କରିଛି ତାହା ପରିସଂଖ୍ୟାନ ଦୃଷ୍ଟିରୁ ବୟାନ କରବା ଅପେକ୍ଷା ଅନୁଭବ କରିଥିବା ପରିବାରର ଦୁର୍ଦ୍ଦିନ ଦେଖିଲେ ବୁଝାପଡେ। ଭାରତରେ ଯେଉଁ ମାନଙ୍କୁ କୋଭାକ୍ସିନ ଓ କୋଭିସିଲ୍ଡ ଟିକା ଦିଆଯାଉଛି ଏହାର ଫଳାଫଳକୁ ନେଇ ଲୋକଙ୍କ ମନରେ ଆଶଙ୍କା ରହିଛି। ଟିକା ଶରୀରରେ କେତେ ପ୍ରତିଶତ ଆଣ୍ଟିବଡି ସୃଷ୍ଟି କରୁଛି ତାହାକୁ ନେଇ ମଧ୍ୟ କେତେକଙ୍କ ମନରେ ପ୍ରଶ୍ନବାଚୀ ଦେଖାଦେଇଛି। ତେବେ ବିଶେଷଜ୍ଞମାନଙ୍କ କହିବା କଥା ଯେଉଁମାନେ ଟିକା ନେଉଛନ୍ତି ସେମାନଙ୍କ ଶରୀରରେ ରୋଗ ପ୍ରତିରୋଧ ଶକ୍ତି ବା ଆଣ୍ଟିବଡି ବୃଦ୍ଧି ହେବ। ଯାହାକି ମହାମାରୀ କରୋନା ଭୂତାଣୁକୁ ରୋକିବାରେ ସକ୍ଷମ ହୋଇପାରିବ। ତେବେ ଆମ ରାଜ୍ୟରେ ଦୁଇଟି ଡୋଜ୍ ଟିକା ନେଇଥିବା କିଛି ବ୍ୟକ୍ତିଙ୍କୁ ନେଇ 'ଏକମାତ୍ର' ଏ ସମ୍ପର୍କରେ ଏକ ଅନୁସନ୍ଧାନ କରିଥିଲା। ନିର୍ଦ୍ଦିଷ୍ଟ ତାରିଖରେ କୋଭାକ୍ସିନ୍‌ର ଦ୍ୱିତୀୟ ଡୋଜ୍ ନେଇଥିବା କିଛି ସରକାରୀ କର୍ମଚାରୀ ଏବଂ ଆଇନଜୀବୀଙ୍କୁ ନେଇ ଏହାର ବାସ୍ତବ ତଥ୍ୟ ଜାଣିବା ପାଇଁ ପରୀକ୍ଷଣ କରାଯାଇଥିଲା। ସେମାନଙ୍କ ମଧ୍ୟରେ ଭୁବନେଶ୍ୱର ସବ୍‌ରେଜିଷ୍ଟ୍ରାର ଅଫିସର କର୍ମଚାରୀ ଏବଂ ଭୁବନେଶ୍ୱର ବାର୍‌ର କିଛି ଆଇନଜୀବୀ ସାମିଲ ହୋଇଥିଲେ। ଭୂତାଣୁ ପରୀକ୍ଷଣ କେନ୍ଦ୍ରରେ ସେମାନଙ୍କ ଆଣ୍ଟିବଡି ଟେଷ୍ଟ କରାଯାଇଥିଲା। ଟିକା ନେବାର ୨୫ ରୁ ୪୦ ଦିନ ମଧ୍ୟରେ ସମ୍ପୃକ୍ତ ବ୍ୟକ୍ତିଙ୍କ ମଧ୍ୟରେ ସୃଷ୍ଟି ହୋଇଥିବା ରୋଗ ପ୍ରତିରୋଧକ ଶକ୍ତି ସମ୍ପର୍କରେ ତଥ୍ୟ ଆସିବା ପରେ ଲୋକଙ୍କ ମନରେ ଟିକା ଦ୍ୱାରା କେତେ ପରିମାଣର ଲାଭ ମିଳୁଛି ବା ଶରୀରରେ କେତେ ଆଣ୍ଟିବଡି ସୃଷ୍ଟି ହେଉଛି ସେମାନଙ୍କ ସଂଶୟ ଦୂର କରିବା ପାଇଁ ଏଭଳି ଏକ ପ୍ରୟାସ କରିଛି 'ଏକମାତ୍ର'। ତଥ୍ୟ ଅନୁସାରେ ୧୧ ଲୋକଙ୍କ ପରୀକ୍ଷଣ ପରେ ଜଣାପଡିଲା ଯେ, ସେମାନଙ୍କ ଶରୀରରେ କେତେ ମାତ୍ରାରେ ଆଣ୍ଟିବଡି ସୃଷ୍ଟି ହୋଇଛି। ହେଲେ ରିପୋର୍ଟରୁ ଯାହା ଜଣାପଡିଲା ୧୧ଜଣଙ୍କ ମଧ୍ୟରୁ ୪ଜଣଙ୍କ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇନାହିଁ। ବିଶେଷଜ୍ଞଙ୍କ କହିବା କଥା ରୋଗ ପ୍ରତିରୋଧକ ଶକ୍ତି ଶରୀରରୁ ଶରୀର ଅନୁସାରେ ପ୍ରଭେଦ ରହିଥାଏ। କେତେକ ବ୍ୟକ୍ତିଙ୍କ ଶରୀରରେ ଟିକା ଭଲ ଆଣ୍ଟିବଡି ସୃଷ୍ଟି କରୁଥିଲା ବେଳେ ଆଉ କେତେକଙ୍କ ଶରୀରରେ ଏହା ସଫଳ ହୋଇନପାରେ। ହେଲେ ଗୋଟିଏ ଲାବୋରେଟୋରୀର ପରୀକ୍ଷଣ ଅନ୍ୟ ଲାବୋରେଟୋରୀ ପରୀକ୍ଷଣ ମଧ୍ୟରେ ମଧ୍ୟ ତଫାତ ଦେଖିବାକୁ ମିଳେ। ଯେହେତୁ ମହାମାରୀ କରୋନାର ଚିକିତ୍ସା ଶେଷ ସିଦ୍ଧାନ୍ତ ସାମ୍ନାକୁ ଆସିନି ସେ ପର୍ଯ୍ୟନ୍ତ ସରକାରଙ୍କ ଗାଇଡଲାଇନ ଅନୁସାରେ ଚଳିବାକୁ ପଡିବ।



ପବିତ୍ର କୁମାର ସାମଲ
ଡିଷ୍ଟ୍ରିକ୍ଟ ସବ୍-ରେଜିଷ୍ଟ୍ରାର, ଭୁବନେଶ୍ୱର
ଆଣ୍ଟିବଡି ୧୬.୬



ମୃତ୍ୟୁଞ୍ଜୟ ତ୍ରିପାଠୀ
ସବ୍-ରେଜିଷ୍ଟ୍ରାର, ଖଣ୍ଡଗିରି
ଆଣ୍ଟିବଡି ୦.୦୭



ସଞ୍ଜୟ କୁମାର ଷଡଙ୍ଗୀ
ସବ୍-ରେଜିଷ୍ଟ୍ରାର ଅଫିସ୍ ଷ୍ଟାଫ୍
ଆଣ୍ଟିବଡି ୧୩.୭



ଶରତ କୁମାର ଭୂୟାଁ
ଆଇନ୍‌ଜୀବୀ
ଆଣ୍ଟିବଡି ୧୪.୩



ସୁରେଶ କୁମାର ସାହୁ
ଆଇନ୍‌ଜୀବୀ
ଆଣ୍ଟିବଡି ୦.୨୭



ଆଶିଷ କୁମାର ଭଞ୍ଜ
ସବ୍-ରେଜିଷ୍ଟ୍ରାର ଅଫିସ୍ ଷ୍ଟାଫ୍
ଆଣ୍ଟିବଡି ୬.୪୬



ଲିଙ୍ଗରାଜ ଦାଶ
ଆଇନ୍‌ଜୀବୀ
ଆଣ୍ଟିବଡି ୯.୦୧



ସନ୍ତୋଷ କୁମାର ଅଧାୟ
ସବ୍-ରେଜିଷ୍ଟ୍ରାର ଅଫିସ୍ ଷ୍ଟାଫ୍
ଆଣ୍ଟିବଡି ୨୧.୯



ଅମରେଶ ପଣ୍ଡା
ସବ୍-ରେଜିଷ୍ଟ୍ରାର ଅଫିସ୍ ଷ୍ଟାଫ୍
ଆଣ୍ଟିବଡି ୦.୧୧



ପ୍ରଦୀପ୍ତ କୁମାର ନନ୍ଦ
ସବ୍-ରେଜିଷ୍ଟ୍ରାର ଅଫିସ୍ ଷ୍ଟାଫ୍
ଆଣ୍ଟିବଡି ୧୫.୮



ଲକ୍ଷ୍ମଣ ପଟ୍ଟନାୟକ
ଆଇନ୍‌ଜୀବୀ
ଆଣ୍ଟିବଡି ୦.୦୧

## କିଓର ୱେଲ୍ ରିପୋର୍ଟ ଉପରେ ଭରସା ନାହିଁ

କିଓର ୱେଲ୍ ଲାବୋରେଟୋରୀ, ମଙ୍ଗଳାବାଗ, କଟକର ଏକ ଶାଖା ରାଜଧାନୀ ଭୁବନେଶ୍ୱରରେ ଅଛି। ଯେଉଁଠାରେ ୧୧ଜଣ ବ୍ୟକ୍ତିଙ୍କର ଆଣ୍ଟିବଡି ପରୀକ୍ଷା କରାଯାଇଥିଲା। ତେବେ ଆଇନଜୀବୀ ଲକ୍ଷ୍ମଣ ପଟ୍ଟନାୟକଙ୍କ ରିପୋର୍ଟରେ ଆଣ୍ଟିବଡି ମାତ୍ର ୦.୦୧ ଥିବାରୁ ଶ୍ରୀ ପଟ୍ଟନାୟକଙ୍କ ମନରେ ସନ୍ଦେହଜାତ ହୋଇଛି। ତେଣୁ ତାଙ୍କ ମତରେ କିଓର ୱେଲ୍ ରିପୋର୍ଟ ଉପରେ ତାଙ୍କର ଆଦୌ ଭରସା ନାହିଁ। ତେଣୁ ସେ ପୁଣିଥରେ ଆଣ୍ଟିବଡି ପରୀକ୍ଷା କରିବେ ବୋଲି ଜଣାଇଛନ୍ତି।

## କେମିତି କଟିବ ଏ ସପ୍ତାହ

**ମେଷ** ଗଳାରେ ସମସ୍ୟା ହୋଇପାରେ। ଅତୀତର ନିବେଶରୁ ଅର୍ଥଲାଭ ଯୋଗ ଅଛି। ନୂଆ ଅତିଥିଙ୍କ ଆଗମନରେ ସଙ୍କେତ ମିଳିବ। ଛାତ୍ରମାନେ ନିଜ ଇଚ୍ଛାନୁସାରେ କଲେଜ ନାମ ଲେଖାଇ ପାରନ୍ତି। ଦମ୍ପତ୍ତି ମାନଙ୍କ ସମୟ ଅନୁକୂଳ ଅଟେ।

**ବୃଷ** ଜିଦି ଓ ଗର୍ବକୁ ଦୂରେଇ ରଖନ୍ତୁ। ଅନେକ ଦିଗରୁ ଲାଭ ହେବ କୌଣସି କାଗରେ ଦସ୍ତଖତ କରିବା ପୂର୍ବରୁ ପରଖି ନିଅନ୍ତୁ। ବଡଭାଇ ଭଉଣୀ ଆପଣଙ୍କୁ ସାହାଯ୍ୟ କରିପାରନ୍ତି। ଛାତ୍ରମାନେ ପାଠ ବ୍ୟତୀତ ଅନ୍ୟ ଭଲ କାମରେ ମନଦେବେ।

**ମିଥୁନ** ସ୍ୱାସ୍ଥ୍ୟରେ ଅନେକ ପରିବର୍ତ୍ତନ ଦେଖାଦେବ। ଆର୍ଥିକ ସ୍ଥିତି ପାଇ ଶ୍ୱଶୁର ଘର ତରଫରୁ ସାହାଯ୍ୟ ମିଳିବ। ପାରିବାରିକ ଅବସ୍ଥା ଭଲ ରହିବ। ଛାତ୍ରମାନଙ୍କୁ ଅନୁକୂଳ ଫଳ ମିଳିବ। ପ୍ରେମ ଜୀବନ ଭଲ ରହିବ।

**କର୍କଟ** ପୂର୍ବ ସପ୍ତାହ ତୁଳନାରେ ସ୍ୱାସ୍ଥ୍ୟ ଭଲ ରହିବ। ବ୍ୟବସାୟ ସୂଚନା ଗୁପ୍ତ ରଖନ୍ତୁ। ଧନହାନୀ ହୋଇପାରେ। ପିତାମାତାଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ହେବ। ଛାତ୍ରମାନେ ସଫଳତା ପାଇ ଶିକ୍ଷକଙ୍କ ସହଯୋଗ ନିଅନ୍ତୁ।

**ସିଂହ** ନିଜ ଲୋକ ମାନସିକ କଷ୍ଟ ଦେଇପାରନ୍ତି। ଅର୍ଥ ବିନିଯୋଗ ଆଗକୁ ଅଧିକ ଲାଭ ମିଳିବ। ପରିବାର ବାତାବରଣ ଭଲ ରହିବ। ସପ୍ତାହର ମଧ୍ୟଭାଗରେ ଛାତ୍ରମାନେ ଶିକ୍ଷାକୁ ନେଇ ଅନେକ ନକାରାତ୍ମକ ଆଣିବେ।

**କନ୍ୟା** ପୁରୁଣା ସ୍ୱାସ୍ଥ୍ୟ ସମସ୍ୟାରୁ ଶାନ୍ତି ପାଇବେ। ସଞ୍ଚୟ କରନ୍ତୁ। ଆର୍ଥିକ ସମସ୍ୟା ଉପୁଜିପାରେ। କାର୍ଯ୍ୟ କ୍ଷେତ୍ରରେ ଅଳସୁଆ ହେବେ। ଛାତ୍ରମାନଙ୍କୁ ଉଚ୍ଚଶିକ୍ଷାରେ ସଫଳତା ପାଇବେ।

**ତୁଳା** ସ୍ୱାସ୍ଥ୍ୟରେ ଅଶାନ୍ତି ଅନୁଭବ କରିବେ। ଖର୍ଚ୍ଚ ବହୁତ କମ ଓ ସଞ୍ଚୟ ଅଧିକ ହେବ। ଘରର କାମରେ ମନଦେବେ। କାର୍ଯ୍ୟକ୍ଷେତ୍ରରେ ପ୍ରତିବନ୍ଧକ ସାମନା କରିବେ। ଛାତ୍ରମାନେ ଆଗାମୀ ପରୀକ୍ଷାରେ ସଫଳ ହେବେ।

**ବିଛା** ସ୍ୱାସ୍ଥ୍ୟରେ ପରିବର୍ତ୍ତନ ହେବ। ଅଧିକ ଲାଭ ହେବ ଓ ଭବିଷ୍ୟତ ପାଇଁ ସଞ୍ଚୟ କରିବେ। ଘର କାମ ପାଇଁ ମନ ଅସ୍ଥିର ରହିବ। କାର୍ଯ୍ୟକ୍ଷେତ୍ରରେ ପ୍ରଶଂସିତ ହେବେ। ଛାତ୍ରମାନଙ୍କ ସମୟ ଅନୁକୂଳ।

**ଧନୁ** ସ୍ୱାସ୍ଥ୍ୟରେ ସୁଧାର ହେବ। ଆର୍ଥିକ ସମସ୍ୟା ଦୂର ହେବ। ସମ୍ପର୍କୀୟଙ୍କ ସହ ସମୟ କଟାଇବେ। କାର୍ଯ୍ୟକ୍ଷେତ୍ରରେ କୌଣସି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରି ପାରନ୍ତି। ଛାତ୍ରମାନେ ପାଠରୁ ଦୂରେଇ ଯିବେ।

**ମକର** ଖର୍ଚ୍ଚ ଉପରେ ଲଗାମ ଦିଅନ୍ତୁ। ଅସୁବିଧାରେ ପଡିପାରନ୍ତି। ପରିବାରରେ ଶାନ୍ତି ପାଇଁ ଜୀବନସାଥୀଙ୍କ ସହଯୋଗ ପାଇବେ। କାର୍ଯ୍ୟକ୍ଷେତ୍ରରେ ପ୍ରଶଂସିତ ହେବେ ଓ ପ୍ରେମିକମାନେ ଜଣେ ଅନ୍ୟ ଜଣଙ୍କ ଗୁଣଗାନ କରିବେ।

**କୁମ୍ଭ** ଘର ଲୋକମାନଙ୍କ ସହ ବସି ସମସ୍ୟାର ସମାଧାନ କରନ୍ତୁ। ଆୟୁରେ ବୃଦ୍ଧି ହେବ। ଘରର କାର୍ଯ୍ୟରେ ବ୍ୟସ୍ତ ରହିବେ। କାର୍ଯ୍ୟକ୍ଷେତ୍ରରେ ପଦୋନ୍ନତି ହୋଇପାରେ। ଛାତ୍ରମାନେ ପାଠରୁ ଦୂରେଇ ଯିବେ। ଦମ୍ପତିମାନେ ଉଭୟଙ୍କର ସମ୍ମାନ କରିବେ।

**ମୀନ** ଉତ୍ତମ ସ୍ୱାସ୍ଥ୍ୟ ରକ୍ଷା କରିବେ। କାହାକୁ ପଇସା ଉଧାର ଦିଅନ୍ତୁ ନାହିଁ। ଖରାପ ବ୍ୟବହାର ପାଇଁ କୌଣସି ବନ୍ଧୁ ଆପଣଙ୍କଠାରୁ ଦୂରେଇ ଯାଇପାରନ୍ତି। ଛାତ୍ରମାନେ ବନ୍ଧୁମାନଙ୍କ ସହ ସମୟ ବିତାଇବେ। ଦମ୍ପତ୍ତିମାନେ ଏକତ୍ର ସମୟ କଟାଇ ପାରିବେନାହିଁ।

**ଅନ୍ନପୂର୍ଣ୍ଣା ଖୁଣ୍ଟିଆ**
ଜ୍ୟୋତିର୍ବିଦ୍
ଭୁବନେଶ୍ୱର

# ଟିକା ନୀତି ନେଇ କେନ୍ଦ୍ରକୁ ସୁପ୍ରିମ୍‌କୋର୍ଟଙ୍କ ଭର୍ତ୍ସନା

**ନୂଆଦିଲ୍ଲୀ :** ମହାମାରୀ କରୋନା ବିରୋଧରେ ଚାଲିଥିବା ଟିକାକରଣକୁ ନେଇ କେନ୍ଦ୍ର ସରକାର ଆପଣାଇଥିବା ଶୈଳୀକୁ ସୁପ୍ରିମ୍‌କୋର୍ଟ ତୀବ୍ର ସମାଲୋଚନା କରିଛନ୍ତି। ଲୋକଙ୍କ ସାମ୍ବିଧାନିକ ଅଧିକାରୀ କ୍ଷୁର୍ଣ୍ଣ ହେଲେ ନ୍ୟାୟପାଳିକା କେବେ ହେଲେ ଚୁପ୍ ବସିବେ ନାହିଁ ବୋଲି କୋର୍ଟ କହିଛନ୍ତି। କେନ୍ଦ୍ର ସରକାର ୪୫ବର୍ଷରୁ ଊର୍ଦ୍ଧ୍ୱ ବର୍ଗଙ୍କୁ ମାଗଣାରେ ଟିକା ଦେଉଥିବା ବେଳେ ୧୮ ରୁ ୪୪ ବର୍ଷ ବର୍ଗର ଲୋକଙ୍କ ଟିକାକରଣ ପାଇଁ ଅର୍ଥର ବ୍ୟବସ୍ଥା କରିଛନ୍ତି। କେନ୍ଦ୍ର ସରକାରଙ୍କ ଏଭଳି ଆଭିମୁଖ୍ୟକୁ ସୁପ୍ରିମ୍‌କୋର୍ଟ ଅଯୌକ୍ତିକର ଓ ଏକପାଖିଆ ବୋଲି କହିଛନ୍ତି। ସେହିପରି ଟିକାକରଣ ଶୈଳୀରେ ଅନେକ ବିଭ୍ରାଟ ଥିବା ସୁପ୍ରିମ୍‌କୋର୍ଟ କହିବା ସହ କେନ୍ଦ୍ର ସରକାରଙ୍କୁ ଏହା ଉପରେ ସବୁ ତଥ୍ର ଦାଖଲ କରିବାକୁ କହିଛନ୍ତି। ଏଥିସହ ଟିକା ପାଇଁ ବଜେଟ୍‌ରେ ହୋଇଥିବା ୩୫ ହଜାର କୋଟିର କଥା ମଧ୍ୟ ସୁପ୍ରିମ୍‌କୋର୍ଟ ଉଠାଇଛନ୍ତି। ୨୦୨୧ ମସିହା ଡିସେମ୍ବର ୩୧ ସୁଦ୍ଧା ଟିକାର ଉପଲବ୍ଧତା ଓ ଟିକାକରଣ କେନ୍ଦ୍ର ସରକାର କ'ଣ ସବୁ ଯୋଜନା କରିଛନ୍ତି, ତା'ର ତଥ୍ୟ ମଧ୍ୟ କୋର୍ଟ ମାଗିଛନ୍ତି। କେନ୍ଦ୍ର ସରକାର ଏହା ପୂର୍ବରୁ ଡିସେମ୍ବର ସୁଦ୍ଧା ଦେଶର ୧୦୮ କୋଟି ଲୋକଙ୍କୁ ଟିକା ଦିଆଯିବ ବୋଲି କହିଥିଲେ। ହେଲେ ବର୍ତ୍ତମାନ ସ୍ଥିତିକୁ ଦେଖି କେନ୍ଦ୍ର ସରକାର କେବଳ ବିଭ୍ରାନ୍ତ କରିବା ଭଳି ବୟାନ ଦେଉଥିବା ବିରୋଧୀମାନେ କହିଥିଲେ। ଆଜି କୋର୍ଟ ଟିକାକରଣ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବୋଲି କହିଛନ୍ତି। କୋର୍ଟ କହିଛନ୍ତି, ବର୍ତ୍ତମାନ ୧୮ ରୁ ୪୪ ବର୍ଷ ବର୍ଗର ଲୋକମାନେ କେବଳ ସଂକ୍ରମିତ ହେଉନାହାନ୍ତି, ବରଂ ସେମାନଙ୍କ ଶରୀରରେ ସଂକ୍ରମଣର ସାଂଘାତିକ ଲକ୍ଷଣ



ଦେଖାଯାଉଛି। ସେମାନଙ୍କୁ ଅଧିକ ସମୟ ହସ୍ପିଟାଲରେ ରହିବାକୁ ପଡୁଛି ଓ ଦୁର୍ଭାଗ୍ୟବଶତଃ ପ୍ରାଣ ହରାଇବାକୁ ମଧ୍ୟ ପଡୁଛି। ମହାମାରୀ ତା'ର ରୂପ ବଦଳାଉ ଥିବାରୁ ଯୁବଗୋଷ୍ଠୀଙ୍କୁ ମଧ୍ୟ ଟିକା ଦେବାର ବ୍ୟବସ୍ଥା ହେବା ଉଚିତ। ପ୍ରଥମ ଦୁଇ ଦଫାରେ ଲୋକଙ୍କୁ ମାଗଣାରେ ଟିକା ଦିଆଯାଉଥିବା ବେଳେ ଏବେ ୧୮ ରୁ ୪୪ ବର୍ଷ ବର୍ଗର ଲୋକଙ୍କ ପାଇଁ ଟିକାର ବ୍ୟବସ୍ଥା କରାଯାଇଛି। ଏହା ଆଦୌ ଯୁକ୍ତିଯୁକ୍ତ ନୁହେଁ। ଯେତେବେଳେ ଲୋକଙ୍କ ସାମ୍ବିଧାନିକ ଅଧିକାର କ୍ଷୁର୍ଣ୍ଣ ହେଉଥିବ, ସେତେବେଳେ ନ୍ୟାୟପାଳିକା ଚୁପ୍ ବସିବ ନାହିଁ। ସମ୍ବିଧାନ ମଧ୍ୟ ଏପରି ଅଧିକାର ଦେଇନାହିଁ ବୋଲି ସୁପ୍ରିମ୍‌କୋର୍ଟ କହିଛନ୍ତି। ସୁପ୍ରିମ୍‌କୋର୍ଟ ନିଜ ଆଡୁ ଟିକାକରଣ ଓ ଟିକା କ୍ରୟ ଉପରେ ସବୁ ତଥ୍ୟ ଜାଣିବାକୁ ଚାହିଁଛନ୍ତି। କୋର୍ଟ କହିଛନ୍ତି, ବଜେଟରେ ଟିକା ପାଇଁ ୩୫ ହଜାର କୋଟି ଟଙ୍କାର ବ୍ୟବସ୍ଥା ହୋଇଥିଲା। ଏଯାଏ ଟିକା କ୍ରୟ ପାଇଁ ଏହା କେମିତି ଖର୍ଚ୍ଚ କରାଯାଇଛି? ଏହି ଅର୍ଥକୁ କାହିଁକି ୧୮ ରୁ ୪୪ ବର୍ଷର ଲୋକଙ୍କ ଟିକାକରଣ ପାଇଁ ବ୍ୟବହାର କରାଯାଇ ପାରିବ ନାହିଁ? ଏହି ଅର୍ଥ ବଳରେ ୧୮ ରୁ ୪୪ ବର୍ଷ ମଧ୍ୟରେ ଥିବା ଲୋକଙ୍କୁ ମାଗଣାରେ ଟିକା କ'ଣ ଦିଆଯାଇ ପାରିବ ନାହିଁ? ବର୍ତ୍ତମାନ ସୁଦ୍ଧା ଉପଲବ୍ଧ ଥିବା କୋଭାକ୍ସିନ, କୋଭିସିଲ୍ଡ ଓ ସ୍ପୁଟନିକ-ଭି ଟିକାର କ୍ରୟ ଇତିହାସ ସୁପ୍ରିମ୍‌କୋର୍ଟ ମାଗିଛନ୍ତି। ଏଯାଏ କେତେ ଟିକା ଅର୍ଡର ହୋଇଛି? କେବେ ଅର୍ଡର ଦିଆଯାଇଛି? କେତେ ଡୋଜ୍ ଆସିଛି ଓ ଆଉ କେତେ ଡୋଜ୍ କେବେ ଆସିବ, ତା'ର ତଥ୍ୟ ମଧ୍ୟ ସର୍ବୋଚ୍ଚ ଅଦାଲତ ମାଗିଛନ୍ତି। ଡିସେମ୍ବର ୩୧ ସୁଦ୍ଧଶ କେଉଁଠୁ କେତେ ଟିକା ମିଳିବ ଓ ବାକି ଥିବା ଲୋକଙ୍କୁ କେବେ ସୁଦ୍ଧା ଟିକା ଦିଆଯିବ, ସେ ବିଷୟରେ ମଧ୍ୟ ସର୍ବୋଚ୍ଚ ଅଦାଲତ ତଥ୍ୟ ମାଗିଛନ୍ତି।

## ଜୁଲାଇ ଅଧାରୁ ଦୈନିକ କୋଟିଏ ଟିକାକରଣ

**ନୂଆଦିଲ୍ଲୀ :** ଜୁଲାଇ ମଧ୍ୟ ଭାଗ ଯାଏ ଦେଶରେ କରୋନା ଟିକାର ସଙ୍କଟ ଦେଖାଯିବ। ବର୍ତ୍ତମାନ ଯେଉଁଭଳି ଭାବେ ଟିକାର ଅଭାବ ବିଭିନ୍ନ ରାଜ୍ୟରୁ ଆସୁଛି। ସମ୍ଭବତଃ ଏଭଳି ପ୍ରକ୍ରିୟା ଜୁଲାଇ ମଧ୍ୟଭାଗ କିମ୍ବା ଅଗଷ୍ଟ ପ୍ରଥମ ଭାଗ ଯାଏ ଦେଖିବାକୁ ମିଳିପାରେ। କାରଣ ଜୁଲାଇ ମଧ୍ୟ ଭାଗ କିମ୍ବା ଅଗଷ୍ଟ ପ୍ରଥମରୁ ହିଁ ଦେଶରେ ଦୈନିକ ୧ କୋଟି ଟିକା ଉପଲବ୍ଧ ହେବ ବୋଲି ଆଇସିଏମ୍‌ଆର ମୁଖ୍ୟ ବଳରାମ ଭାର୍ଗବ ଦାବି କରିଛନ୍ତି। ଏହାର ଅର୍ଥ ଜୁଲାଇ ମଧ୍ୟ ଭାଗ ଯାଏ ଦେଶରେ ଟିକା ଅଭାବ ଦେଖାଯାଇପାରେ ବୋଲି ବିଶେଷଜ୍ଞମାନେ କହିଛନ୍ତି। କେନ୍ଦ୍ର ସରକାର ଡିସେମ୍ବର ଶେଷ ସୁଦ୍ଧା ୧୦୮ କୋଟି ଲୋକଙ୍କର ଟିକାକରଣ ସାରିବାକୁ ଲକ୍ଷ୍ୟ ରଖିଥିବା ବେଳେ ଭାର୍ଗବ



ଏପରି ବୟାନ ଦେଇଛନ୍ତି। ଏଥିସହ ବର୍ତ୍ତମାନ ଦେଶରେ ଟିକା ଉତ୍ପାଦନ କ୍ଷମାତକୁ ବୃଦ୍ଧି କରାଯାଉଥିବାରୁ ସେ ସମସ୍ତଙ୍କୁ ଧୈର୍ଯ୍ୟ ରଖିବାକୁ କହିଛନ୍ତି। ଭବିଷ୍ୟତରେ ଟିକାରଣ କୌଣସି ପ୍ରକାରର ଅଭାବ ଦେଖାଯିବ ନାହିଁ ବୋଲି ମଧ୍ୟ ସେ ସମସ୍ତଙ୍କୁ ପୁଣିଥରେ କହିଛନ୍ତି। ସେ କହିଛନ୍ତି ଯେ, ଦେଶରେ ଟିକାର କୌଣସି ଅଭାବ ନାହିଁ। ମାସକ ମଧ୍ୟରେ ସାରା ଦେଶର ଟିକାକରଣ କଥା ଆମେ ଚିନ୍ତା କରୁଥିବାରୁ ଅଭାବ ଅନୁଭୂତ ହେଉଛି। କିନ୍ତୁ ସମସ୍ତଙ୍କୁ ମନେ ରଖିବାକୁ ହେବ ଯେ, ଆମ ଦେଶର ଜନସଂଖ୍ୟା ଆମେରିକା ଠାରୁ ୪ଗୁଣ ଅଧିକ। ତେଣୁ ଆମକୁ ଧୈର୍ଯ୍ୟ ରଖିବାକୁ ହେବ। ଜୁଲାଇ ମଧ୍ୟ ଭାଗ କିମ୍ବା ଅଗଷ୍ଟ ପ୍ରଥମରୁ ଆମ ପାଖରେ ପର୍ଯ୍ୟାପ୍ତ ଟିକା ଉପଲବ୍ଧ ହେବ। ଦୈନିକ ୧୧ କୋଟି ଟିକା ଆମକୁ ମିଳିବ। ଏଥିସହ ଡିସେମ୍ବର ସୁଦ୍ଧା ସାରା ଦେଶର ଟିକାକରଣ ସରିବ ବୋଲି ସେ ଦମ୍ଭୋକ୍ତି କରିଛନ୍ତି। ଏହାପୂର୍ବରୁ ଦୁଇ କେନ୍ଦ୍ରମନ୍ତ୍ରୀ ସମାନ କଥା କହିଥିଲେ। କେନ୍ଦ୍ର ସରକାର ମଧ୍ୟ ଡିସେମ୍ବର ସୁଦ୍ଧା ସମସ୍ତଙ୍କର ଟିକାକରଣ ସରିବ ବୋଲି ସୁପ୍ରିମ୍‌କୋର୍ଟଙ୍କୁ ଜଣାଇଛନ୍ତି।

## କରୋନା କାଳରେ ଭାରତୀୟ ଅର୍ଥନୀତିର ଜିଡିପି ବିଯୁକ୍ତ ୭.୩%

**ନୂଆଦିଲ୍ଲୀ :** କରୋନା ମହାମାରୀ ଦେଶର ଅର୍ଥନୀତିକୁ ଏକପ୍ରକାର ଦୋହଲାଇ ଦେଇଛି। ଦୀର୍ଘ ୪ ଦଶନ୍ଧି ଭିତରେ ସବୁଠୁ ବଡ ସଂକଟ ଭିତରକୁ ଠେଲି ହୋଇଯାଇଛି ଦେଶର ଅର୍ଥନୀତି। କରୋନା ସହ ଲଢ଼େଇ ଭିତରେ ଆସିଛି ୨୦୨୦-୨୧ ଆର୍ଥିକ ବର୍ଷର, ବାର୍ଷିକ ଜିଡିପି ଅର୍ଥାତ ଗ୍ରସ ଡୋମେଷ୍ଟିକ୍ ପ୍ରଡକ୍ଟ ଅଭିବୃଦ୍ଧି ହାରର ରିପୋର୍ଟ। ଜିଡିପି ଅର୍ଥାତ୍ ଗ୍ରସ ଡୋମେଷ୍ଟିକ୍ ପ୍ରଡକ୍ଟ ହେଉଛି, ଗୋଟିଏ ବର୍ଷ ଭିତରେ ଦେଶରେ ଉତ୍ପାଦିତ ହେଉଥିବା ସମସ୍ତ ସାମଗ୍ରୀ ଓ ସେବାର ମୂଲ୍ୟ। ଭାରତ ସରକାରଙ୍କ ପକ୍ଷରୁ ଆକଳନ କରାଯାଇଥିବା ଏହି ରିପୋର୍ଟ ଅନୁସାରେ ୨୦୨୦-୨୧ ଆର୍ଥିକ ବର୍ଷରେ ଦେଶର ଜିଡିପି ଗ୍ରୋଥ୍ ରେଟ୍ ରହିଛି ମାଇନସ୍ ୭.୩%। ଯାହାକି ଗତ



ଚାରି ଦଶନ୍ଧି ଭିତରେ ସର୍ବନିମ୍ନ। ୧୯୭୯-୮୦ ବର୍ଷରେ ଶେଷ ଥର ପାଇଁ ଦେଶର ଜିଡିପି ଅଭିବୃଦ୍ଧି ହାର ମାଇନସ ୫.୨୦% ରହିଥିଲା। କିନ୍ତୁ ଏହାପରେ କୌଣସି ବର୍ଷ ଦେଶର ଜିଡିପି ଅଭିବୃଦ୍ଧି ହାର ଶୂନ ତଳକୁ ଖସି ନଥିଲା। ଏପରିକି ୧୯୯୧-୯୨ରେ ବି ଆର୍ଥିକ ବର୍ଷର ଜିଡିପି ଅଭିବୃଦ୍ଧି ହାର ମଧ୍ୟ ୧.୪% ରହିଥିଲା। ହେଲେ, କରୋନା ମହାମାରୀର ମାଡ ଦେଶର ଅର୍ଥନୀତିକୁ ଦୋହଲାଇ ଦେଇଛି। ପ୍ରଥମଥର ପାଇଁ ଦେଶର ଅର୍ଥନୀତି ଏତେ ତଳକୁ ଖସି ଆସିଛି। କିନ୍ତୁ ଏହି ଖବର ଭିତରେ ଆଶ୍ୱସ୍ତିର ଖବର ହେଉଛି, ଗତ ଆର୍ଥିକ ବର୍ଷରେ ପ୍ରଥମ ତ୍ରୟମାସରେ ଦେଶର ଜିଡିପି ଅଭିବୃଦ୍ଧି ହାର ମାଇନସ୍ ୨୩.୯%କୁ ଖସି ଆସିଥିବା ବେଳେ ପୁଣିଥରେ ଟ୍ରାକକୁ ଫେରୁଛି। ଜିଡିପି ଅଭିବୃଦ୍ଧି ହାର ଧୀରେ ଧୀରେ ବୃଦ୍ଧି ପାଇବାରେ ଲାଗିଛି। ସରକାରଙ୍କ ରିପୋର୍ଟ ଅନୁସାରେ ଶେଷ ତିନି ମାସରେ ବା ଚଳିତ ବର୍ଷର ମାର୍ଚ୍ଚରୁ ମେ' ମାସ ମଧ୍ୟରେ ଜିଡିପି ଅଭିବୃଦ୍ଧି ହାର ୧.୬%କୁ ବୃଦ୍ଧି ପାଇଛି। ଏକ ନିର୍ଦ୍ଦିଷ୍ଟ ସମୟ ଭିତରେ ଗୋଟିଏ ଦେଶରେ ଉତ୍ପାଦିତ ହେଉଥିବା ସମସ୍ତ ଦ୍ରବ୍ୟ ଓ ସେବାର ଆର୍ଥିକ ମୂଲ୍ୟକୁ ଜିଡିପି ବୋଲି କୁହାଯାଏ। କୌଣସି ଦେଶର ଜିଡିପିରୁ ଜଣାପଡିଥାଏ ସେହି ଦେଶର ଅର୍ଥନୀତି କେତେ ଆଗଉଛି।

### ପୁଣି ବିବାଦରେ ମ୍ୟାଗି ନିର୍ମାତା ନେସ୍‌ଲେ

## ୬୦% ଖାଦ୍ୟ ଓ ପାନୀୟ ସାମଗ୍ରୀ ଅସ୍ୱାସ୍ଥ୍ୟକରଃ ରିପୋର୍ଟ

**ନୂଆଦିଲ୍ଲୀ :** ପୁଣିଥରେ ବିବାଦରେ ନେସଲେ କମ୍ପାନୀୟ ଆମେରିକାର 'ଫାଇନାନ୍ସିଆଲ୍ ଟାଇମ୍ସ'ରେ ପ୍ରକାଶିତ ରିପୋର୍ଟ ଅନୁଯାୟୀ ଏହି ସ୍ୱିଡେନ୍ କମ୍ପାନୀର ୬୦ ପ୍ରତିଶତ ଖାଦ୍ୟ ଓ ପାନୀୟ ସାମଗ୍ରୀ ସ୍ୱାସ୍ଥ୍ୟ ପାଇଁ ହାନିକାରକ ବୋଲି ନେସଲେ ନିଜେ ସ୍ୱୀକାର କରିଛି। କମ୍ପାନୀର ଏକ ଅନ୍ତରୀରଣ ଅଡିଟ ରିପୋର୍ଟକୁ ନେଇ ତର୍ଜମା ଚାଲିଥିବା ବେଳେ ନିଜର ପ୍ରଡକ୍ଟ ସ୍ୱାସ୍ଥ୍ୟ ପାଇଁ ହାନିକାରକ ବୋଲି କମ୍ପାନୀ ସ୍ୱୀକାର କରିଛି। ନେସଲେ କମ୍ପାନୀ ଭାରତରେ କିଟକାଟ୍, ଚକୋଲେଟ, ଆଇସ କ୍ରିମ୍, ଦୁଗ୍ଧ ଜାତ ସାମଗ୍ରୀ, କଫି, ମାଗି ଇତ୍ୟାଦି ଅନେକ ଖାଦ୍ୟ ସାମଗ୍ରୀ ବିକ୍ରି କରୁଛି। ବିଶ୍ୱରେ ନେସଲେ ଏକ ବଡ଼ ଖାଦ୍ୟ ସାମଗ୍ରୀ ପ୍ରସ୍ତୁତ କରୁଥିବା କମ୍ପାନୀୟ କମ୍ପାନୀର ଭାମମୂର୍ତ୍ତିକୁ ନେଇ ପ୍ରଶ୍ନ ଉଠିବା ପରେ ଭାବମୂର୍ତ୍ତି ସଜାଡିବାକୁ ପ୍ରୟାସ କରିଛି ଏହି କମ୍ପାନୀ। ପୂର୍ବରୁ ମାଗିରେ ସୀସାର ପରିମାଣ ଅଧିକ ରହିଥିବା ନେଇ ବିବାଦ ଘେରକୁ ଆସିଥିଲା।




ନେସଲେ କହିଛି ଏବେ ତାର ସାମଗ୍ରୀରେ କେତେ ପୁଷ୍ଟିକର ମୂଲ୍ୟ ରହିଛି ତାର ପରୀକ୍ଷା କରୁଛି। ସମଗ୍ର ରଣନୀତି ବଦଳାଇବାକୁ ପ୍ରସ୍ତୁତି ଚାଲିଛି। ଉତ୍ପାଦଗୁଡିକ ଯଥାସମ୍ଭବ ସ୍ୱାଦିଷ୍ଟ ଏବଂ ସ୍ୱାସ୍ଥ୍ୟ ପ୍ରତି ହିତକାରକ କରିବାକୁ ପ୍ରୟାସ ଚାଲିଛି। ଏହି ରିପୋର୍ଟରେ କୁହାଯାଇଛି ଯେ ନେସଲେର ୩୭ ପ୍ରତିଶତ ଖାଦ୍ୟ ଏବଂ ପାନୀୟଜଳର ରେଟିଂ ୩.୫ ରହିଛି। ଏହା ଅଷ୍ଟ୍ରେଲିଆର ହେଲ୍‌ଥ ଷ୍ଟାର ରେଟିଂ ସିଷ୍ଟମ ଦ୍ୱାରା ଜାରି କରାଯାଇଛି। ଏହି ସିଷ୍ଟମ୍ ଅଧୀନରେ ଉତ୍ପାଦର ମୂଲ୍ୟାୟନ ମୋଟ ୫ ଷ୍ଟାର ଯାଏ ଦିଆଯାଏ। ଏହି ରେଟିଂକୁ ମଧ୍ୟ ଅନ୍ତର୍ଜାତୀୟ ସ୍ତରରେ ମଧ୍ୟ ଗୁରୁତ୍ୱ ଦିଆଯାଉଥିବାର ନଜିର ରହିଛି। କମ୍ପାନୀ କହିଛି ଯେ କେତେକ ଉତ୍ପାଦ ଏପରି ଯେ ତାହା ଯେତେ ଚେଷ୍ଟା କଲେ ବି ସ୍ୱାସ୍ଥ୍ୟ ପାଇଁ ଅନୁକୂଳ ହୋଇପାରିବ ନାହିଁ। ତଥାପି କମ୍ପାନୀ ସମସ୍ତ ଉତ୍ପାଦର ପୋର୍ଟଫୋଲିଓ ଉପରେ ଦୃଷ୍ଟି ରଖିଛି। ଲୋକମାନେ କିଭଳି ସୁରକ୍ଷିତ ଓ ସନ୍ତୁଳିତ ଖାଦ୍ୟ ପାଇପାରିବେ ତାଉପରେ ଗୁରୁତ୍ୱ ଦିଆଯାଉଛି ବୋଲି ନେସଲେର ମୁଖପାତ୍ର କହିଛନ୍ତି। କମ୍ପାନୀ କହିଛି ପୂର୍ବରୁ କୌଣସି ଉତ୍ପାଦ ଉପରେ ଅଭିଯୋଗ ଆସିଲେ କମ୍ପାନୀ ତାର ପୋର୍ଟଫୋଲିଓ ବଦଳ କରେ। ଉଦାହରଣ ସ୍ୱରୂପ ଭାବରେ କମ୍ପାନୀ କହିଛି ଆମେ ଆମର ଉତ୍ପାଦରେ ଚିନି ଏବଂ ସୋଡିୟମ୍ ପରିମାଣକୁ କମାଇଛି। ଗତ ଦୁଇ ଦଶନ୍ଧି ମଧ୍ୟରେ ଏହି କାମ ମୁଖ୍ୟତଃ କରାଯାଇଛି। ଗତ ୭ ବର୍ଷ ମଧ୍ୟରେ ଚିନି ଏବଂ ସୋଡିୟମର ପରିମାଣ ୧୪-୧୫ ପ୍ରତିଶତ ହ୍ରାସ କରିଛି ନେସଲେ। କମ୍ପାନୀ କହିଛି ଏହାର ୭୦ ପ୍ରତିଶତ ଖାଦ୍ୟ ପଦାର୍ଥ, ୯୬% ପାନୀୟ, ୯୯ ପ୍ରତିଶତ ଚିନି ଓ ବେକେରୀ ପ୍ରଡକ୍ଟ ଏବଂ ଆଇସ୍କ୍ରିମ୍ ସ୍ୱାସ୍ଥ୍ୟର ମାନଦଣ୍ଡକୁ ପୂରଣ କରୁନାହିଁ। କିନ୍ତୁ କଫି ସ୍ୱାସ୍ଥ୍ୟର ମାନଦଣ୍ଡ ପୂରଣ କରୁଛି ବୋଲି କହିଛି। ସେହିପରି ୬୦ ପ୍ରତିଶତ ଦୁଗ୍ଧଜାତ ଦ୍ରବ୍ୟ ଏବଂ ୮୨% ଜଳ ଉତ୍ପାଦ ସ୍ୱାସ୍ଥ୍ୟ ପାଇଁ ୩.୫ର ଗୁଣାତ୍ମକ ପୂରଣ କରୁଛି। ଏହି ରିପୋର୍ଟକୁ ଦୃଷ୍ଟିରେ ରଖି କମ୍ପାନୀ କହିଛି ଯେ ଏହାର ସମ୍ପୂର୍ଣ୍ଣ ଉତ୍ପାଦ ପୋର୍ଟଫୋଲିଓରେ ବିଶେଷ କରି ଖାଦ୍ୟ ଏବଂ ପାନୀୟ ବିଭାଗରେ ପରିବର୍ତ୍ତନ ଆଣିବାକୁ ପ୍ରସ୍ତୁତ ହେଉଛି। ଏହି ଉତ୍ପାଦଗୁଡ଼ିକର ପୁଷ୍ଟିକର ପ୍ରୋଫାଇଲ୍ କରାଯିବ ଏବଂ ଏହା ଉତ୍ତତ ହେବ। କମ୍ପାନୀ କହିଛି ଯେ ଲୋକମାନଙ୍କୁ ସ୍ୱାଦିଷ୍ଟ ଏବଂ ସୁସ୍ଥ ଆହାର ଯୋଗାଇବା ପାଇଁ ପ୍ରୟାସ ପୂର୍ବରୁ ଯେମିତି ଚାଲିଥିଲା ସେମିତି ଜାରି ରହିବ। ଆଗାମୀ ଦିନରେ କିଭଳି ତ୍ରୁଟି ପରିଲକ୍ଷିତ ହୋଇଥିବା ଖାଦ୍ୟ ସାମଗ୍ରୀକୁ ସ୍ୱାସ୍ଥ୍ୟକର କରାଯିବ ତା ଉପରେ ଗୁରୁତ୍ୱ ଦିଆଯିବ।

## ଚୀନ୍‌ରେ ପୁଣି ୩ୟ ସନ୍ତାନକୁ ଅନୁମତି

**ବେଜିଂ :** ବୃଦ୍ଧା ବୃଦ୍ଧଙ୍କ ସଂଖ୍ୟା ବୃଦ୍ଧି ଏବଂ ଜନସଂଖ୍ୟା ବୃଦ୍ଧିରେ ଗତିରୋଧ ଯୋଗୁ ଚିନ୍ତିତ ହୋଇପଡ଼ିଥିବା ଚୀନ ଏକ ବଡ଼ ନିଷ୍ପତ୍ତି ନେଇଛି। ଚୀନ ସରକାର ପରିବାର ନିୟୋଜନ ନିୟମକୁ କୋହଳ କରିବା ଲାଗି ଘୋଷଣା କରିଛନ୍ତି। ସୋମବାର ନିଆଯାଇଥିବା ନିଷ୍ପତ୍ତି ଅନୁସାରେ, ଏଣିକି ଚୀନରେ ଦମ୍ପତିମାନେ ୩ ସନ୍ତାନ ଜନ୍ମ ଦେଇପାରିବେ। ପୂର୍ବରୁ ଏଠାରେ କେବଳ ଦୁଇଟି ସନ୍ତାନ ଜନ୍ମ ଦେବାକୁ ଅନୁମତି ରହିଥିଲା। ନିକଟରେ ଚୀନ ଜନସଂଖ୍ୟାର ତଥ୍ୟ ସାମ୍ନାକୁ ଆସିଥିଲା। ଜନସଂଖ୍ୟାର ବଡ଼ ଅଂଶ ବୁଢ଼ା ହେବାକୁ ଯାଉଛନ୍ତି। ଏଭଳି ପରିସ୍ଥିତିରେ ଭବିଷ୍ୟତକୁ ଦୃଷ୍ଟିରେ ରଖି ଚୀନ ଏଭଳି ନିଷ୍ପତ୍ତି ନେଇଛି। ଚୀନ ଗଣମାଧ୍ୟମ ଅନୁସାରେ, ନୂଆ ନୀତିକୁ ଚୀନ ରାଷ୍ଟ୍ରପତି ସି ଜିନପିଙ୍ଗ ମଞ୍ଜୁରୀ ଦେଇଛନ୍ତି। ଯାହାଫଳରେ ଦଶନ୍ଧି ଧରି ଚାଲି ଆସୁଥିବା ଦ୍ୱେତ୍ ସନ୍ତାନ ନୀତିକୁ ଶେଷ କରିଦିଆଯିବ। ନିକଟରେ ଚୀନ ଜାରି କରିଥିବା ଜନସଂଖ୍ୟା ତଥ୍ୟରୁ ଜଣାପଡ଼ିଥିଲା ଯେ, ଦେଶରେ ଗତ ୧ ଦଶନ୍ଧି ହେବ ସନ୍ତାନ ଜନ୍ମ ହାର ସବୁଠୁ କମ୍ ରହିଥିଲା। ଏହାର ମୁଖ୍ୟ କାରଣ ଥିଲା ଦ୍ୱେତେ-ସନ୍ତାନ ନୀତି। ତଥ୍ୟ ଅନୁସାରେ, ୨୦୧୦ରୁ ୨୦୨୦ ମଧ୍ୟରେ ଚୀନରେ ଜନସଂଖ୍ୟା ବୃଦ୍ଧି ହାର ୦.୫୩% ରହିଥିଲା। ୨୦୦୦ରୁ ୨୦୨୧ ମଧ୍ୟରେ ଏହା ୦.୫୭% ଥିଲା। ଅର୍ଥାତ ଗତ ଦୁଇ ଦଶନ୍ଧିରେ ଜନସଂଖ୍ୟା ବୃଦ୍ଧି ହାର ହ୍ରାସ ପାଇଛି।

# ଏସ୍‌ବିଆଇ ସର୍ବେକ୍ଷଣ : ୯୮ ଦିନ ରହିବ ତୃତୀୟ ଲହର !

**ନୂଆଦିଲ୍ଲୀ :** କରୋନାର ଦ୍ୱିତୀୟ ପ୍ରବାହ ଦ୍ୱାରା ଭାରତରେ ସ୍ୱାସ୍ଥ୍ୟ ବ୍ୟବସ୍ଥା ଭୁଶୁଡି ପଡିଥିବା ବେଳେ ଏବେ ଏହା ଧୀରେଧୀରେ ତା'ର ପ୍ରକୋପ ହ୍ରାସ କରୁଛି। କିନ୍ତୁ ଭାରତ ଉପରୁ ଏଯାଏ ବିପଦ ଟଳିନି। ଦ୍ୱିତୀୟ ୱେଭର କିଛି ମାସ ପରେ ସମ୍ଭାବ୍ୟ ତୃତୀୟ ଲହର ଆସିବ ବୋଲି ବିଶେଷଜ୍ଞମାନେ ଆକଳନ କରୁଛନ୍ତି। କିଛି ରାଜ୍ୟ ଏବେଠାରୁ ହିଁ କରୋନାର ସମ୍ଭାବ୍ୟ ତୃତୀୟ ୱେଭର ମୁକାବିଲା କରିବାକୁ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି। ଏବେ କରୋନାର ତୃତୀୟ ୱେଭ ଦ୍ୱିତୀୟ ଲହର ଭଳି ତାଣ୍ଡବ ରଚିବ ଓ ଏହା ସାରା ଦେଶକୁ ୯୮ ଦିନ ଯାଏ କଲବଲ କରିପାରେ ବୋଲି ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ (ଏସ୍‌ବିଆଇ) ତା' ରିପୋର୍ଟରେ କହିଛି। ଅନ୍ତର୍ଜାତୀୟ ଅଭିଜ୍ଞତାକୁ ବିଚରକୁ ନେଇ ଏସ୍‌ବିଆଇ ଇକୋୱ୍ରାର୍ପ ତା'ର ରିପୋର୍ଟରେ ଆକଳନ କରିଛି ଯେ କରୋନାର ତୃତୀୟ ୱେଭ ଦ୍ୱିତୀୟ ୱେଭ ଠାରୁ କୌଣସି ପ୍ରକାରର କମ ପ୍ରଭାବ ଦେଖାଇବ ନାହିଁ। ଦ୍ୱିତୀୟ ୱେଭ ଭଳି ଏହା ମଧ୍ୟ ତାଣ୍ଡବ ରଚିବ। ତେବେ ଆମେ ଅଧିକ ସତର୍କତା ଅବଲମ୍ବନ କଲେ ମୃତ୍ୟୁସଂଖ୍ୟାକୁ କିଛିଟା ହ୍ରାସ କରିପାରିବା। ବିଭିନ୍ନ ଦେଶରେ କରୋନା ତୃତୀୟ ୱେଭର ସମୟସୀମା ୯୮ ଦିନ ଥିବା ବେଳେ ଦ୍ୱିତୀୟ ୱେଭର ଅବଧି ୧୦୮ ଦିନ ରହିଛି। ତେଣୁ ଭାରତରେ କରୋନାର ତୃତୀୟ ୱେଭ ୯୮ ଦିନ ଯାଏ ଅନୁଭବ ହୋଇପାରେ। ଦ୍ୱିତୀୟ ୱେଭ ତୁଳନାରେ ତୃତୀୟ ୱେଭର ପିକ୍ ୧.୮ ଗୁଣ ଓ ପ୍ରଥମ ୱେଭ ତୁଳନାରେ ଦ୍ୱିତୀୟ ୱେଭର ପିକ୍ ୫.୨ ଗୁଣ ଅଧିକୟ ଭାରତରେ ଦ୍ୱିତୀୟ ୱେଭର ପିକ୍ ୪.୨ ଗୁଣ ରହିଥିଲା ବୋଲି ରିପୋର୍ଟରେ କୁହାଯାଇଛି। ଭାରତ ଏବେ ତୃତୀୟ ଲହର ପାଇଁ ପ୍ରସ୍ତୁତ ହେଉଥିବା ବେଳେ ଏପରି



ରିପୋର୍ଟ ସାମ୍ନାକୁ ଆସିଛି। କରୋନାର ଦ୍ୱିତୀୟ ୱେଭ ତାଣ୍ଡବ ରଚିବା ପରେ ଧୀରେଧୀରେ ହ୍ରାସ ପାଉଛି। ପିକ୍ ସମୟରେ ଏକଦା କରୋନା ଭାଇରସ ଦ୍ୱାରା ଦିନକରେ ୪.୧୪ ଲକ୍ଷ ଲୋକ ସଂକ୍ରମିତ ହୋଇଥିଲେ। ଭାରତ ପାଇଁ ମେ' ମାସ ସବୁଠାରୁ ଅଧିକ ଭୟଙ୍କର ରହିଥିଲା। ଏହି ମାସରେ ୯୦.୩ ଲକ୍ଷ ଲୋକ କରୋନାରେ ଆକ୍ରାନ୍ତ ହୋଇଥିଲେ। ମହାମାରୀ ଦେଶରେ ପ୍ରବେଶ କରିବା ଦିନଠାରୁ ଗୋଟିଏ ମାସରେ ଏତେ ସଂଖ୍ୟକ ଲୋକ ସଂକ୍ରମିତ ହେବା ପ୍ରଥମ ଘଟଣା। ଏପ୍ରିଲ ମାସ ତୁଳନାରେ ମେ' ମାସରେ ୩୦% ଅଧିକ ସଂକ୍ରମିତ ଚିହ୍ନଟ ହୋଇଥିଲେ। ବିଶ୍ୱରେ ମଧ୍ୟ ଏହା ସର୍ବାଧିକୟ ଏପ୍ରିଲ ମାସରେ ୬୯.୪ ଲକ୍ଷ ଲୋକଙ୍କ ଟେଷ୍ଟ ରିପୋର୍ଟ ପଜିଟିଭ ଆସିଥିଲା। ସେହିପରି ମେ' ମାସରେ ବିଶ୍ୱର ସର୍ବାଧିକ ମୃତ୍ୟୁ ଭାରତରେ ରେକର୍ଡ କରାଯାଇଛି। ମେ' ମାସରେ ୧,୧୯,୧୮୯ ଜଣ କରୋନାରେ ଆକ୍ରାନ୍ତ ହୋଇ ପ୍ରାଣ ହରାଇଥିଲେ। ଏହା ପୂର୍ବରୁ ୨୦୨୧ ଜାନୁଆରୀ ମାସରେ ଆମେରିକାରେ ସର୍ବାଧିକ ୯୯,୬୮୦ ଜଣଙ୍କ ମୃତ୍ୟୁ ଘଟିଥିଲା। ଏହି ମାମଲାରେ ଭାରତ ସବୁ ରେକର୍ଡ ଭାଙ୍ଗି ଦେଇଛି। ଏସ୍‌ବିଆଇ ତା' ରିପୋର୍ଟରେ କହିଛି, ତୃତୀୟ ୱେଭ ବେଳେ ମୃତ୍ୟୁସଂଖ୍ୟାକୁ ପ୍ରାୟ ୪୦ ହଜାର କମ କରାଯାଇ ପାରିବ। କାରଣ ଦ୍ୱିତୀୟ ୱେଭରେ ୧.୭ ଲକ୍ଷ ଲୋକ ପ୍ରାଣ ହରାଇଛନ୍ତି। କିନ୍ତୁ ତୃତୀୟ ୱେଭ ବେଳେ ଯଦି ଗୁରୁତର ରୋଗୀଙ୍କ ସଂଖ୍ୟା ୫% ହ୍ରାସ ପାଇଲା, ତା'ହେଲେ ଦେଶରେ ୪୦ ହଜାର କମ ମୃତ୍ୟୁ ରେକର୍ଡ ହେବ। ଦ୍ୱିତୀୟ ୱେଭରେ ଗୁରୁତର ରୋଗୀଙ୍କ ସଂଖ୍ୟା ୨୦% ରହିଛି। ଗୁରୁତର ରୋଗୀଙ୍କ ସଂଖ୍ୟା ହ୍ରାସ କରିବାକୁ ହେଲେ ସ୍ୱାସ୍ଥ୍ୟ ଭିତ୍ତିଭୂମି ସୁଦୃ କରିବାକୁ ପଡ଼ିବ ଓ ଟିକାକରଣ କାର୍ଯ୍ୟକ୍ରମକୁ ଜୋରଦାର କରିବାକୁ ହେବ। ବର୍ତ୍ତମାନ ସୁଦ୍ଧା ମାତ୍ର ୧୨.୩% ଲୋକ କରୋନା ଟିକାର ପ୍ରଥମ ଡୋଜ୍ ନେଇଥିବା ବେଳେ ୩.୨୭% ଲୋକ ଡବଲ ଡୋଜ୍ ନେଇଛନ୍ତି। ସରକାର ଜୁଲାଇ ମଧ୍ୟ ଭାଗ ସୁଦ୍ଧା ଦୈନି ୧ କୋଟି ଟିକା ମିଳିବ ବୋଲି ଆକଳନ କରିଛନ୍ତି। ଯଦି ଏହା ହେଲା, ତା'ହେଲେ ତୃତୀୟ ୱେଭକୁ ମୁକାବିଲା କରିବା ସହଜ ହେବ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି।

# ଘର ପାଖରେ ଟିକା ନେବେ ଦିବ୍ୟାଙ୍ଗ, ବରିଷ୍ଠ ନାଗରିକ



**ଭୁବନେଶ୍ୱର :** ୬୦ ବର୍ଷରୁ ଅଧିକ ବୟସର ବ୍ୟକ୍ତି ଓ ଭିନ୍ନକ୍ଷମ ବ୍ୟକ୍ତିମାନଙ୍କୁ କୋଭିଡ୍ ଟିକା ନେବା ପାଇଁ ଏଣିକି ହସ୍ପିଟାଲ ଯିବାକୁ ପଡିବ ନାହିଁ। ସେମାନଙ୍କ ଘର ପାଖରେ ହିଁ ପ୍ରଶାସନ ପକ୍ଷରୁ କୋଭିଡ୍ ଟିକାକରଣ କେନ୍ଦ୍ର ଖୋଲାଯିବ ଓ ଯେଉଁଠି ସେମାନଙ୍କୁ କୋ-ୱିନ୍ ପୋର୍ଟାଲରେ ତତ୍କାଳ ପଞ୍ଜିକରଣ କରାଯାଇ ଏହି ଟିକା ଦିଆଯିବ। ଏହାବ୍ୟତୀତ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ କୋଭିଡ୍ ଟିକାକରଣ କେନ୍ଦ୍ରକୁ ବାଦ୍ ଦେଇ ଅନ୍ୟ କୌଣସି ସ୍ଥାନରେ ଟିକା ଦିଆଗଲେ ତୁରନ୍ତ ଆଇନଗତ ଓ ପ୍ରଶାସନିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର ଏ ସମ୍ପର୍କରେ ସମସ୍ତ ଜିଲ୍ଲାପାଳ, ମହାନଗର ନିଗମ କମିଶନର ଓ ସମସ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇ କହିଛନ୍ତି ଯେ, କୋଭିଡ୍ ଟିକାକରଣର ସୁପରିଚାଳନା ଜାତୀୟ ଏକ୍ସପର୍ଟ ଗ୍ରୁପ୍‌ଙ୍କ ସୁପାରିସ ଓ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ସୁପାରିସ ଅନୁସାରେ କରାଯାଉଛି। ୬୦ ବର୍ଷରୁ ଅଧିକ ବୟସର ବ୍ୟକ୍ତି ଓ ଭିନ୍ନକ୍ଷମ ବ୍ୟକ୍ତିମାନଙ୍କୁ ଡୋର ଟୁ ଡୋର ଟିକାକରଣକୁ ଜାତୀୟ ଏକ୍ସପର୍ଟ ଗ୍ରୁପ୍ ବିରୋଧ କରିଛନ୍ତି। ତେବେ ଏହି ବର୍ଗର ବ୍ୟକ୍ତିମାନଙ୍କୁ ସେମାନଙ୍କ ଘର ପାଖରେ ଟିକା ଦେବା ପାଇଁ ଆବଶ୍ୟକ ବ୍ୟବସ୍ଥା କରିବାକୁ ପରାମର୍ଶ ଦେଇଛନ୍ତି। ଘର ପାଖରେ ଥିବା କମ୍ୟୁନିଟି ସେଣ୍ଟର, ସ୍କୁଲ, ପଞ୍ଚାୟତ କୋଠା, କିମ୍ବା ଅନ୍ୟ କୌଣସି ସାର୍ବଜନୀନ କୋଠାରେ ଏହି ଟିକାକରଣ ବ୍ୟବସ୍ଥା କରିବା ପାଇଁ ପରାମର୍ଶ ଦେଇଛନ୍ତି। ତେଣୁ ପଞ୍ଚାୟତ ପ୍ରତିନିଧି, ସ୍ୱୟଂ ସହାୟକ ଗୋଷ୍ଠୀ, ଆଶା, ରୋଗୀ କଲ୍ୟାଣ ସମିତି, ସହରାଞ୍ଚଳ ସ୍ୱାୟତ୍ତ ସଂସ୍ଥା ଆଦି ଗୁଡିକର ସହଯୋଗରେ ବୟସ୍କ ଓ ଭିନ୍ନକ୍ଷମ ବ୍ୟକ୍ତିଙ୍କ ଟିକାକରଣ କାର୍ଯ୍ୟ କରିବାକୁ ସରକାର ପରାମର୍ଶ ଦେଇଛନ୍ତି। ତେବେ ଏଭଳି ଟିକାକରଣ କେନ୍ଦ୍ର ପାଇଁ ଗୋଟିଏ ଲେଖାଏଁ ଟିକାକରଣ ଟିମ୍ ଗଠନ କରିବାକୁ କୁହାଯାଇଛି। ଯେଉଁଥିରେ ଅତିକମରେ ଜଣେ ଡାକ୍ତର, ଜଣେ ନର୍ସ (ଟିକା ଦେଉଥିବା ବ୍ୟକ୍ତି), ପଞ୍ଜିକରଣ କରୁଥିବା ଜଣେ ବ୍ୟକ୍ତି ଓ ଟିକା ନେବା ପରେ ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟ ଉପରେ ପ୍ରଭାବକୁ ନଜର ରଖିବା ପାଇଁ ଅନ୍ୟ ୨ଜଣଙ୍କୁ ଏହି ଟିମରେ ସାମିଲ କରିବାକୁ କୁହାଯାଇଛି। ଏହି ଟିମ୍ ସହ ମଧ୍ୟ ଗୋଟିଏ ଜୀବନ ରକ୍ଷକ ପ୍ରଣାଳୀ ଥିବା ଗୋଟିଏ ଆମ୍ବୁଲାନ୍ସ ମଧ୍ୟ ରହିବ। ଭିନ୍ନକ୍ଷମ ବ୍ୟକ୍ତିଙ୍କ ଟିକାକରଣ ପାଇଁ ସ୍ଥାନୀୟ ସମାଜ ମଙ୍ଗଳ ବିଭାଗର କର୍ମଚାରୀମାନଙ୍କୁ ମଧ୍ୟ ସାମିଲ କରିବାକୁ ପରାମର୍ଶ ଦିଆଯାଇଛି। ବରିଷ୍ଠ ଓ ଭିନ୍ନକ୍ଷମ ବର୍ଗର ଯେଉଁ ବ୍ୟକ୍ତିମାନେ ଟିକା ନେବା ପାଇଁ ପୂର୍ବରୁ ପଞ୍ଜିକରଣ କରିନଥିବେ ସେମାନଙ୍କୁ ସଙ୍ଗେସଙ୍ଗେ କୋ-ୱିନ୍ ପୋର୍ଟାଲରେ ପଞ୍ଜିକରଣ କରାଇ ଏହି ଟିକାଦାନ କାର୍ଯ୍ୟ କରିବାକୁ ଜିଲ୍ଲାପାଳ, ମହାନଗର ନିଗମ କମିଶନର ଓ ଜିଲ୍ଲା ସିଡିଏମ୍‌ଓମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏମାନଙ୍କ ବ୍ୟତୀତ ଅନ୍ୟ ବର୍ଗର ଲୋକମାନଙ୍କ ଟିକାକରଣ ବେଳେ ଅନଲାଇନରେ ସ୍ଲଟ ବୁକିଂ କରିଥିବା ବ୍ୟକ୍ତିମାନଙ୍କୁ ଟିକାକରଣ ବେଳେ ଅଗ୍ରାଧିକାର ଦେବାକୁ ପରାମର୍ଶ ଦିଆଯାଇଛି। ଅନଲାଇନରେ ସ୍ଲଟ ବୁକିଂ ସତ୍ତ୍ୱେ ଟିକାକରଣ କେନ୍ଦ୍ର ବାହାରେ ଧାଡିରେ ଛିଡା ହେବାକୁ ପଡୁଥିବାର ଅଭିଯୋଗ ଆସିବା ପରେ ସରକାର ଏଭଳି ବ୍ୟକ୍ତିମାନଙ୍କୁ ଟିକାକରଣ ବେଳେ ତତ୍କାଳ ପଞ୍ଜିକରଣ କରୁଥିବା ବ୍ୟକ୍ତିଙ୍କ ତୁଳନାରେ ଅଗ୍ରାଧିକାର ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହାସହିତ ୪ଟି ସ୍ଥାନ ବାଦ୍ ଅନ୍ୟ କେଉଁଠି ଯେପରି କୋଭିଡ୍ ବ୍ୟବସ୍ଥା ନହୁଏ ତାହା ସୁନିଶ୍ଚିତ କରିବା ପାଇଁ ମଧ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି। ପ୍ରଥମତଃ ସରକାରୀ କୋଭିଡ୍ ଟିକାକରଣ କେନ୍ଦ୍ର, ଘରୋଇ ହସ୍ପିଟାଲ ଦ୍ୱାରା ପରିଚାଳିତ ଘରୋଇ କୋଭିଡ୍ ଟିକାକରଣ କେନ୍ଦ୍ର, ସରକାର ଓ ଘରୋଇ ହସ୍ପିଟାଲ ଦ୍ୱାରା ପରିଚାଳିତ ଯଥାକ୍ରମେ ସରକାରୀ ଅଫିସ ଓ ଘରୋଇ ଅଫିସ୍ ପାଇଁ କାର୍ଯ୍ୟସ୍ଥଳୀରେ ଟିକାକରଣ, ଶେଷରେ ଅସ୍ଥାୟୀ ଭାବେ ଘର ପାଖରେ କୋଭିଡ୍ ଟିକାକରଣ କେନ୍ଦ୍ରକୁ ଛାଡି ଅନ୍ୟ କୌଣସି ସ୍ଥାନରେ କୋଭିଡ୍ ଟିକାକରଣ କାର୍ଯ୍ୟ ଚାଲିଥିଲେ ତୁରନ୍ତ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି। ଏଥିପାଇଁ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଆବଶ୍ୟକ ନିର୍ଦ୍ଦେଶନାମା ପଠାଇଥିବା ରାଜ୍ୟ ସ୍ୱାସ୍ଥ୍ୟ ସଚିବ ଶ୍ରୀ ମହାପାତ୍ର କହିଛନ୍ତି।

## ଚିକିତ୍ସା ନିମନ୍ତେ କଳାକାରଙ୍କୁ ସଂସ୍କୃତି ବିଭାଗର ଆର୍ଥିକ ସହାୟତା

# ୧୯ ଜଣଙ୍କୁ ୮ ଲକ୍ଷ ୧୫ ହଜାର ଟଙ୍କା ପ୍ରଦାନ

**ଭୁବନେଶ୍ୱର :** ଚିକିତ୍ସା ନିମନ୍ତେ କଳାକାରମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିଛି ରାଜ୍ୟ ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ। କଳାକାର କଲ୍ୟାଣ ପାଣ୍ଠିରୁ ୨୦୨୦-୨୧ ଆର୍ଥିକ ବର୍ଷରେ ରାଜ୍ୟର ୧୯ ଜଣ କଳାକାରଙ୍କୁ ତାଙ୍କର ଚିକିତ୍ସା ନିମନ୍ତେ ମୋଟ୍ ୮ ଲକ୍ଷ ୧୫ ହଜାର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଯେଉଁମାନଙ୍କୁ ଏହି ସହାୟତା ପ୍ରଦାନ କରାଯାଇଛି ସେମାନେ ହେଲେ ଖୋର୍ଦ୍ଧା ଜିଲ୍ଲାର ବିଜୟ କୁମାର ପଟ୍ଟନାୟକ, ବିଚିତ୍ର କୁମାର ମଲିଆ, ଗୋଲକ ବାରିକ, ମୀରା ମହାନ୍ତି ଓ ପ୍ରଭାତ କୁମାର ସାହୁ୍ୟ କଟକ ଜିଲ୍ଲାର ରମେଶ ଚନ୍ଦ୍ର ବେହେରା ଓ ଶୀର୍ଷାନନ୍ଦ ଦାସ କାନୁନ୍ଗୋ, ମୟୂରଭଞ୍ଜ ଜିଲ୍ଲାର ଭରତ ଚନ୍ଦ୍ର ନାସିକ, ବାଲେଶ୍ୱର ଜିଲ୍ଲାର କୁଞ୍ଜଲତା ଦାସ, ଲକ୍ଷ୍ମୀଧର ମହାରଣା, ଅଶୋକ କୁମାର ଷେଣ୍ଠ, ଭାଗବତ ପାତ୍ର, ପୁରୀ ଜିଲ୍ଲାର ଶାନ୍ତିଲତା ସାହୁ, ବଳଭଦ୍ର ପଣ୍ଡା, ରାଜ କିଶୋର ପ୍ରଧାନ, ଯାଜପୁର ଜିଲ୍ଲାର ବୈକୁଣ୍ଠ ନନ୍ଦ, କେନ୍ଦୁଝର ଜିଲ୍ଲାର ରଘୁ ପିଲାଇ ଓ ରତ୍ନାକର ବାରିକ ଏବଂ ନୂଆଦିଲ୍ଲୀ ଦୁର୍ଗା ପ୍ରସାଦ ପଟ୍ଟନାୟକ। ରାଜ୍ୟର ସ୍ୱୀକୃତିପ୍ରାପ୍ତ କଳାକାର ଓ ଶିଳ୍ପୀମାନଙ୍କୁ ଚିକିତ୍ସା ନିମନ୍ତେ ଏହି ପାଣ୍ଠିରୁ ଆବଶ୍ୟକସ୍ଥଳେ ଆର୍ଥିକ ସହାୟତା ପ୍ରଦାନ କରାଯାଇଥାଏ।



# ଅଧା ଦେଶରେ କୋଭିଡ୍ ପଜିଟିଭ ହାର ୫%ରୁ କମ



**ଭୁବନେଶ୍ୱର :** ଦେଶର ୪୭ ପ୍ରତିଶତ ଜିଲ୍ଲାରେ କୋଭିଡ ପଜିଟିଭ ହାର ୫ ପ୍ରତିଶତରୁ କମ ରହିଛି। ଅର୍ଥାତ ଗତ ସପ୍ତାହରେ ଦେଶର ଅର୍ଦ୍ଧେକ ଅଞ୍ଚଳରେ କୋଭିଡ ସଂଖ୍ୟା ହ୍ରାସ ପାଇଥିବା ନେଇ ସ୍ୱାସ୍ଥ୍ୟ ମନ୍ତ୍ରାଳୟ କହିଛି। ମେ ପ୍ରଥମ ସପ୍ତାହରୁ ଶେଷ ସପ୍ତାହ ମଧ୍ୟରେ ଏହା ୨୧ ପ୍ରତିଶତରୁ ୮.୩ ପ୍ରତିଶତ ପର୍ଯ୍ୟନ୍ତ ଖସିଛି। ମେ ୩୧ ତାରିଖ ସୁଦ୍ଧା, ୩୪୪ ଜିଲ୍ଲାରେ ପଜିଟିଭ ହାର ୫ ପ୍ରତିଶତରୁ କମ୍ ଏବଂ ୨୩୯ ଜିଲ୍ଲାରେ ୧୦ ପ୍ରତିଶତରୁ କମ୍ ରହିଥିଲା। ୨୦୧୧ ଜନଗଣନା ଅନୁସାରେ, ଦେଶରେ ୬୪୦ଟି ଜିଲ୍ଲା ଥିଲା। ବର୍ତ୍ତମାନ ଏହା ୭୧୮କୁ ବୃଦ୍ଧି ପାଇଛି। ୬ରୁ ୮ ସପ୍ତାହ ମଧ୍ୟରେ କୋଭିଡ଼ ପରୀକ୍ଷଣ, ସଂକ୍ରମିତ ଅଞ୍ଚଳ (କଣ୍ଟେନମେଣ୍ଟ ଜୋନ୍) ଘୋଷଣା କାମ କରିଛି। ଇଣ୍ଡିଆନ କାଉନସିଲ ଅଫ ମେଡିକାଲ ରିସର୍ଚ୍ଚର ନିର୍ଦ୍ଦେଶକ ବଳରାମ ଭାର୍ଗବଙ୍କ ଅନୁଯାୟୀ, ଲକ୍‌ଡାଉନ୍ ସହଜ କରିବା ପାଇଁ ଉପାୟ ଖୋଜିବାକୁ ପଡ଼ିବ। ଦେଶର ବିଭିନ୍ନ ଅଞ୍ଚଳରେ କୋଭିଡ ମାମଲା ହ୍ରାସ ପାଉଥିବାରୁ ଲକ୍‌ଡାଉନ୍ ଖୋଲିବା ପାଇଁ ସରକାର ସୁପାରିସ କରିଛନ୍ତି। ରାଜ୍ୟ ମଧ୍ୟ ସୁନିଶ୍ଚିତ କରିବା ଉଚିତ ଯେ କୋଭିଡ ପଜିଟିଭ ହାର ୫ ପ୍ରତିଶତରୁ କମ୍ ରହିବା ସହ ୪୫ ବର୍ଷରୁ ଉର୍ଦ୍ଧ୍ୱଙ୍କ ଟିକାକରଣ ଅନ୍ୟୁନ ୭୦ ପ୍ରତିଶତ ରହିବା ଉଚିତ। ଏଥିସହିତ କୋଭିଡରୁ ସୁରକ୍ଷା ପାଇଁ ଗୋଷ୍ଠୀଗତ ଭାବରେ ଅନୁକୂଳ ବ୍ୟବହାର ନେଇ ରାଜ୍ୟ ସରକାର ସୁନିଶ୍ଚିତ କରିବେ। ବୟସ୍କ ଗ୍ରୁପଙ୍କୁ କେଉଁ ପରିମାଣରେ ଟିକା ଦିଆଯାଇଛି ତାର ବିଚାର କରି ତାଲା ଖୋଲାଯିବା ଉଚିତ। ଭାର୍ଗବ ଆହୁରି କହିଛନ୍ତି, ବିଶ୍ୱର ୫ଟି ଟିକା ଉତ୍ପାଦନକାରୀ ଦେଶ ମଧ୍ୟରେ ଭାରତ ଅନ୍ୟତମ। ଯଦି ଆମେ ଟିକା ଉତ୍ପାଦନ କରିନଥାଆନ୍ତୁ ତେବେ କେଉଁ ସ୍ଥିତିରେ ଥାଆନ୍ତୁ ତାହା ଅନୁମାନ କରାଯାଇପାରେ। ଜୁଲାଇ ମଧ୍ୟଭାଗରୁ ଅଗଷ୍ଟ ପ୍ରଥମ ସପ୍ତାହ ମଧ୍ୟରେ ଭାରତରେ ଟିକା ଯୋଗାଣ ବୃଦ୍ଧି ପାଇବ। ଯଦ୍ୱାରା ୧ କୋଟି ଲୋକଙ୍କୁ ଦୈନିକ ଟିକା ଦିଆଯାଇ ପାରିବ। କିନ୍ତୁ ଗୋଟିଏ ମାସରେ ପ୍ରତ୍ୟେକଙ୍କୁ ଟିକା ଦେବା ପାଇଁ ଚାହିଁଲେ ଟିକାର ସଙ୍କଟ ହେବ। ଜନସଂଖ୍ୟା ଦୃଷ୍ଟିରୁ ଦେଶକୁ ଧୈର୍ଯ୍ୟ ରଖିବାକୁ ପଡ଼ିବ। ବର୍ତ୍ତମାନ ସୁଦ୍ଧା ଯେତେ ଟିକା ଦିଆଯାଇଛି, ତାହା ଆମେରିକା ସହିତ ସମାନ। ଭାରତର ଜନସଂଖ୍ୟା ଆମେରିକାର ୪ ଗୁଣ ବୋଲି ଭୁଲିବା ଉଚିତ ନୁହେଁ। ଶିଶୁଙ୍କ ମଧ୍ୟରେ କୋଭିଡ ସଂକ୍ରମଣ ସରକାରଙ୍କ ଧ୍ୟାନ ଆକର୍ଷଣ କରିଛି। ଏହାକୁ ଦୃଷ୍ଟିରେ ରଖି ଶିଶୁ ଚିକିତ୍ସା ପାଇଁ ଆବଶ୍ୟକ ଭିତ୍ତିଭୂମିକୁ ନେଇ ଅଡିଟ କରାଯାଉଛି। ଭୂତାଣୁ ପରିବର୍ତ୍ତନ କିମ୍ବା ଗତିଶୀଳତା ବଦଳିଲେ ଶିଶୁଙ୍କୁ ବେଶି ସଂକ୍ରମିତ କରିବାୟ ସମସ୍ତ ପ୍ରକାର ସ୍ଥିତିକୁ ନେଇ ପ୍ରସ୍ତୁତ ରହିଥିବା କହିଛନ୍ତି ନୀତି ଆୟୋଗ ସ୍ୱାସ୍ଥ୍ୟ ସଦସ୍ୟ ଭିକେ ପଲ। ପରିବର୍ତ୍ତିତ ସମୟକୁ ମୁକାବିଲା କରାଯିବ। ଜାତୀୟ ବିଶେଷଜ୍ଞ ଦଳ ନୂତନ ରାସ୍ତା ପାଇଁ ପ୍ରସ୍ତୁତିର ଅନୁଧ୍ୟାନ କରୁଛନ୍ତି। ନୂତନ ଜ୍ଞାନକୌଶଳକୁ ଗୁରୁତ୍ୱ ଦିଆଯିବ। ବର୍ତ୍ତମାନ ପର୍ଯ୍ୟନ୍ତ ୨ରୁ୩ ପ୍ରତିଶତ ଶିଶୁ କୋଭିଡ ଆକ୍ରାନ୍ତ ହୋଇଛନ୍ତି।

# କୋଭିଡ୍ ଆକ୍ରାନ୍ତ ପ୍ରାଚୀନ ଜନଜାତିଙ୍କ ପାଇଁ ସ୍ୱତନ୍ତ୍ର ପ୍ୟାକେଜ୍

**ଭୁବନେଶ୍ୱର :** ରାଜ୍ୟର ପ୍ରାଚୀନ ଜନଜାତିମାନଙ୍କ ଅଞ୍ଚଳରେ କୋଭିଡ ମହାମାରୀ ସଂକ୍ରମଣ ଆରମ୍ଭ ହୋଇଛି। କୋଭିଡ ଆକ୍ରାନ୍ତ ପ୍ରାଚୀନ ଜନଜାତିମାନଙ୍କ ସ୍ୱାସ୍ଥ୍ୟସେବା ପାଇଁ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ପ୍ୟାକେଜ୍ ଘୋଷଣା କରାଯାଇଛି। ଏଥିରେ ମାଗଣା ମାସ୍କ ବଣ୍ଟନଠାରୁ ଆରମ୍ଭ କରି ପରିବାର ପିଛା ଆର୍ଥିକ ସହାୟତା ପ୍ରଦାନ କରିବାକୁ ନିଷ୍ପତ୍ତି ହୋଇଛି। ସ୍ୱତନ୍ତ୍ର ପ୍ୟାକେଜ୍ ଅନୁଯାୟୀ ପ୍ରାଚୀନ ଜନଜାତି ଗୋଷ୍ଠୀର ବ୍ୟକ୍ତିମାନଙ୍କୁ ମାଗଣା ମାସ୍କ ଓ ସାନିଟାଇଜର ବଣ୍ଟନ କରାଯିବ। କୋଭିଡ ଆକ୍ରାନ୍ତ ସମସ୍ତ ପରିବାରକୁ ୨ ହଜାର ୫୦୦ ଟଙ୍କା ମୂଲ୍ୟର ଶୁଖିଲା ରାସନ୍ କିଟ୍ ଯୋଗାଇ ଦିଆଯିବ। କୋଭିଡ ଆକ୍ରାନ୍ତ ପ୍ରାଚୀନ ଜନଜାତି ଗୋଷ୍ଠୀଙ୍କୁ ଆନୁଷ୍ଠାନିକ ସଙ୍ଗରୋଧ କେନ୍ଦ୍ରରେ ରହିବା ପାଇଁ ପ୍ରତିଦିନ ୧୦୦ ଟଙ୍କା ସହିତ ୧୪୦୦ ଟଙ୍କାର ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବ। ଏହାସହିତ ଜନଜାତିଙ୍କ ଘରକୁ ଘର ଯାଇ ଯାଞ୍ଚ କରାଯାଇ କୋଭିଡ ଲକ୍ଷଣ ଅନୁଧ୍ୟାନ କରାଯିବ। ପ୍ରାଚୀନ ଜନଜାତି ଗ୍ରାମାଞ୍ଚଳରେ କାର୍ଯ୍ୟରତ କମ୍ୟୁନିଟି ରିସୋର୍ସ ବ୍ୟକ୍ତିଙ୍କୁ ୪ ମାସ ପାଇଁ ମାସିକ ୧ ହଜାର ଟଙ୍କା ଲେଖାଏଁ ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବ। ମାଇକ୍ରୋ ପ୍ରୋଜେକ୍ଟ ଅଧୀନରେ କାର୍ଯ୍ୟରତ ସମସ୍ତ କ୍ଷେତ୍ର କର୍ମଚାରୀଙ୍କୁ ସ୍ୱାସ୍ଥ୍ୟ କିଟ୍ ସହ ଜୀବନବୀମା ପରିସରଭୁକ୍ତ କରାଯାଇଛି। ଏହାସହିତ ଜରୁରୀକାଳୀନ ଆମ୍ବୁଲାନ୍ସ ସେବା ନିମନ୍ତେ ବିଭାଗ ପକ୍ଷରୁ ବ୍ୟବସ୍ଥା କରାଯାଇଛି। ପ୍ରାଚୀନ ଜନଜାତିମାନେ ବସବାସ କରୁଥିବା ଅଞ୍ଚଳରେ ମହାମାରୀ ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଆଶା, ଅଙ୍ଗନବାଡ଼ି ଓ ଏଏନ୍‌ଏମ୍ କର୍ମୀମାନେ ସି.ଆର୍.ପିଙ୍କ ସହିତ ଥର୍ମାଲ୍ ସ୍କ୍ରିନିଂ ଓ ଅକ୍ସିମିଟର ଯୋଗେ ପ୍ରାଚୀନ ଜନଜାତିମାନଙ୍କ କୋଭିଡ ପରୀକ୍ଷା କରୁଛନ୍ତି। ଏହାସହିତ ଏକାଥରକେ ଅଧିକ ଲୋକଙ୍କୁ ପରୀକ୍ଷା କରିବା ପାଇଁ ବ୍ଲକ୍ ସ୍ତରରେ ରାପିଡ୍ ରେସ୍ପନ୍ସ ଟିମ୍ କାର୍ଯ୍ୟ କରୁଛନ୍ତି। ଓଡ଼ିଶାର ୧୪ଟି ଜିଲ୍ଲାରେ ବସବାସ କରୁଥିବା ୧୩ଟି ପ୍ରାଚୀନ ଜନଜାତି ଗୋଷ୍ଠୀଙ୍କ ସୁରକ୍ଷା ନିମନ୍ତେ ବିଭାଗ ସଦା ସର୍ବଦା ଜାଗ୍ରତ ରହିଛି। ଓଡ଼ିଶାର ୫୪୧ଟି ଗ୍ରାମରେ ୨୭ ହଜାର ୩୦୮ଟି ପିଭିଟିଜି ପରିବାର ରହିଛନ୍ତି। ଏମାନଙ୍କୁ କୋଭିଡ ସଂକ୍ରମଣରୁ ସୁରକ୍ଷା ଦେବା ନିମନ୍ତେ ବିଭାଗ ପକ୍ଷରୁ ନିଆଯାଇଥିବା ଜରୁରୀକାଳୀନ ପଦକ୍ଷେପଗୁଡ଼ିକର କାର୍ଯ୍ୟକାରିତାକୁ ରାଜ୍ୟସ୍ତରୀୟ ମନିଟରିଂ କମିଟି ଦୈନିକ ତଦାରଖ କରୁଛନ୍ତି।



## ଏକାମ୍ର କାନନ ଜମିକୁ ଜିଏକୁ ଫେରାଇବା ପ୍ରସଙ୍ଗ

# ଷ୍ଟାଟସ୍‌କୋ ଜାରି ରଖିବାକୁ ନିର୍ଦ୍ଦେଶ

**ଭୁବନେଶ୍ୱର :** ରାଜଧାନୀରେ ଏକାମ୍ର କାନନରୁ ୨୦ ଏକର ଜମିକୁ ଜିଏକୁ ଫେରାଇବା ପ୍ରସଙ୍ଗରେ ଷ୍ଟାଟସ କୋ ଜାରି ରଖିବାକୁ ସରକାରଙ୍କୁ ନିର୍ଦ୍ଦେଶ ଦେଲେ ଏନଜିଟି। ଏଥିସହ ୪ ଜଣିଆ କମିଟି ଗଠନ ସହ ୪ ସପ୍ତାହ ମଧ୍ୟରେ ତଦନ୍ତ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ହୋଇଛି। ଜିଲ୍ଲାପାଳ, ଉଦ୍ୟାନକୃଷି ନିର୍ଦ୍ଦେଶକ, ଚନ୍ଦକା ଡିଏଫଓ ଓ ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ଜଣେ ବରିଷ୍ଠ ବୈଜ୍ଞାନିକଙ୍କୁ ନେଇ କମିଟି ଗଠନ ହୋଇଛି। ପିଟିସନରେ ଥିବା ସମସ୍ତ ଅଭିଯୋଗ ଉପରେ ତଦନ୍ତ କରି ୪ ସପ୍ତାହ ମଧ୍ୟରେ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ହୋଇଛି। ଜୁନ ୩୦ରେ ପରବର୍ତ୍ତୀ ଶୁଣାଣି ହେବ। ଗତ ବର୍ଷ ଏକାମ୍ର କାନନ ଜମି ହସ୍ତାନ୍ତର ପ୍ରକ୍ରିୟାକୁ ନେଇ ଅନେକ ବିବାଦ ଦେଖା ଦେଇଥିଲା। ଯାହା ପରେ ଏକାମ୍ରକାନନ ଜମି ହସ୍ତାନ୍ତର ପ୍ରକ୍ରିୟା ସ୍ଥଗିତ ରଖାଯାଇଥିଲା। ଉଦ୍ୟାନରେ କଙ୍କ୍ରିଟ୍ ଜଙ୍ଗଲ ନିର୍ମାଣ ପ୍ରସ୍ତାବକୁ ବିଭିନ୍ନ ମହଲରୁ ତୀବ୍ର ବିରୋଧ ହେବା ପରେ ଏପରି ନିଷ୍ପତ୍ତିରୁ ଓହରିଛି ଉଦ୍ୟାନ କୃଷି ବିଭାଗ। ଏକାମ୍ର କାନନରେ ପୂର୍ବ ଭଳି ସ୍ଥିତି ବଜାୟ ରଖିବାକୁ ସହକାରୀ ନିର୍ଦ୍ଦେଶକଙ୍କୁ ଚିଠି ଲେଖିଛନ୍ତି ଉଦ୍ୟାନ କୃଷି ବିଭାଗ ନିର୍ଦ୍ଦେଶକ। ୨୦ ଏକର ୧୯୨ ଡିସିମିଲ୍ ଜମିକୁ ଜିଏ ଡିପାର୍ଟମେଣ୍ଟକୁ ହସ୍ତାନ୍ତର କରିବାକୁ ଚିଠି ହେବା ଖବର ପ୍ରଚାରିତ ହେବା ପରେ ବିଜେପି, କଂଗ୍ରେସ, ସ୍ଥାନୀୟ ବାସିନ୍ଦା ଏବଂ ପରିବେଶବିତ୍ ଏହାକୁ ପ୍ରବଳ ବିରୋଧ କରିଥିଲେ।



# ସବୁଜିମାମୟ ହେବ ସ୍କୁଲ୍ କ୍ୟାମ୍ପସ



**ଭୁବନେଶ୍ୱର :** ସ୍କୁଲ କ୍ୟାମ୍ପସଗୁଡ଼ିକ ସବୁଜିମାମୟ ହେବ। ମେସୁମୀ ସମୟ ତଥା ବର୍ଷା ଋତୁରେ ପ୍ରାଥମିକ ଓ ହାଇସ୍କୁଲ କ୍ୟାମ୍ପସଗୁଡ଼ିକରେ ବ୍ୟାପକ ବୃକ୍ଷରୋପଣ ଦିଗରେ ପଦକ୍ଷେପ ନେବାକୁ ବିଦ୍ୟାଳୟ ଓ ଗଣଶିକ୍ଷା ସଚିବ ସତ୍ୟବ୍ରତ ସାହୁ ଚିଠି ଲେଖି ସମସ୍ତ ଜିଲ୍ଲାପାଳ ତଥା ମୋ ସ୍କୁଲ ଅଭିଯାନର ଜିଲ୍ଲାସ୍ତରୀୟ କମିଟି ଅଧ୍ୟକ୍ଷଙ୍କୁ କହିଛନ୍ତି। ବିଶେଷକରି ଜୁନ୍‌ରୁ ଅଗଷ୍ଟ ମାସ ମଧ୍ୟରେ ଆଲୁମିନି ଗ୍ରୁପ୍, ସ୍କୁଲ ପରିଚାଳନା କମିଟି, ରାଜ୍ୟ ସରକାରଙ୍କ ଅନ୍ୟାନ୍ୟ ବିଭାଗ ଯେପରିକି ଜଙ୍ଗଲ ଓ ପରିବେଶ ବିଭାଗ, ଉଦ୍ୟାନ କୃଷି ନିର୍ଦ୍ଦେଶାଳୟ, ଡିଆରଡିଏ ସହାୟତାରେ ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମ ହାତକୁ ନିଆଯିବ। ଶ୍ରୀ ସାହୁ କହିଛନ୍ତି ଯେ ଏହି ବୃକ୍ଷରୋପଣ କେବଳ ଯେ କ୍ୟାମ୍ପସକୁ ସବୁଜିମାମୟ କରିବ ତାହା ନୁହେଁ। ବରଂ ପ୍ରକୃତି ସମ୍ପର୍କରେ ବ୍ୟାପକ ସଚେତନତା ସୃଷ୍ଟି ହୋଇପାରିବ। ମୋ ସ୍କୁଲ ଅଭିଯାନରେ ଆଲୁମିନିମାନେ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇ ସଫଳ କରିପାରିବେ। ଏଭଳି ଏକ କାର୍ଯ୍ୟରେ ଅନ୍ୟ ବିଭାଗର ଅଧିକାରୀମାନେ ଜିଲ୍ଲା ଶିକ୍ଷା ଅଧିକାରୀ, ବ୍ଲକ ଶିକ୍ଷା ଅଧିକାରୀ, ପ୍ରଧାନଶିକ୍ଷକଙ୍କୁ ସହଯୋଗ କରିବା ପାଇଁ ଜିଲ୍ଲାପାଳଙ୍କୁ କୁହାଯାଇଛି।

# ୩୦% କର୍ମଚାରୀରେ ଚାଲିବ ସରକାରୀ ଅଫିସ୍



**ଭୁବନେଶ୍ୱର :** ରାଜ୍ୟରେ ତୃତୀୟ ଦଫା ଲକ୍‌ଡାଉନ୍ ଜାରି ରହିଥିଲା ବେଳେ ଏହି ସମୟରେ ସରକାରୀ କାର୍ଯ୍ୟାଳୟ ଚାଲିବା ନେଇ ସରକାର ଗାଇଡ୍‌ଲାଇନ୍ ଜାରି କରିଛନ୍ତି। ୩୦% କର୍ମଚାରୀରେ ସବୁ ସରକାରୀ କାର୍ଯ୍ୟାଳୟ ଚାଲିବ। ଉପସଚିବ ଓ ତତୋଧିକ ପାହ୍ୟାର ଅଧିକାରୀମାନେ ନିୟମିତ କାର୍ଯ୍ୟାଳୟ ଆସିବେ। ତେବେ ବିଭିନ୍ନ କାର୍ଯ୍ୟାଳୟରେ କର୍ମଚାରୀମାନଙ୍କୁ କୋଭିଡ୍ ସଂକ୍ରମଣ ଓ କାମ ଚାପ ଦେଖି କର୍ତ୍ତୃପକ୍ଷ କେତେ କର୍ମଚାରୀ ଆସିବେ, ସେ ସମ୍ପର୍କରେ ନିଷ୍ପତ୍ତି ନେଇପାରିବେ। ଭିନ୍ନକ୍ଷମ ଓ ଗର୍ଭବତୀ ମହିଳା କର୍ମଚାରୀମାନେ ଘରୁ କାମ କରିବେ। ଜରୁରୀ କାର୍ଯ୍ୟରେ ନିୟୋଜିତ ବିଭାଗଗୁଡ଼ିକ ଶତ ପ୍ରତିଶତ କର୍ମଚାରୀରେ କାର୍ଯ୍ୟ କରିବେ।

# ବାତ୍ୟା 'ୟାସ୍' କ୍ଷୟକ୍ଷତି ୬୧୦ କୋଟି



**ଭୁବନେଶ୍ୱର :** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫରେନ୍ସିଂ ଜରିଆରେ ବାତ୍ୟା 'ୟାସ୍'ର କ୍ଷୟକ୍ଷତି ସ ପୁନରୁଦ୍ଧାର କାର୍ଯ୍ୟକ୍ରମ ସମ୍ପର୍କରେ ସମୀକ୍ଷା କରି ବାତ୍ୟା ସମୟରେ ସରକାରଙ୍କ ପକ୍ଷରୁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ତଥ୍ୟ ସଂଗ୍ରହ କରି ଉତ୍ତମ ଭାବରେ ଡକୁମେଣ୍ଟେସନ କରିବା ପାଇଁ ପରାମର୍ଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ରାଜ୍ୟ ସରକାରଙ୍କ ବିଭିନ୍ନ ସମ୍ପୃକ୍ତ ବିଭାଗ ଓ ଜିଲ୍ଲା ପ୍ରଶାସନ ବାତ୍ୟା ସମୟରେ ଉଲ୍ଲେଖନୀୟ ପ୍ରଦର୍ଶନ କରି ଲୋକଙ୍କ ଜୀବନ ସୁରକ୍ଷା କରିଛନ୍ତି। ବାତ୍ୟା ପରେ ପୁନରୁଦ୍ଧାର କାର୍ଯ୍ୟ ମଧ୍ୟ ଅତି କମ୍ ସମୟ ମଧ୍ୟରେ କରାଯାଇପାରିଛି। ସେଥିପାଇଁ ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ଅଭିନନ୍ଦନ ଜଣାଇ ସମସ୍ତ କାର୍ଯ୍ୟର ଡକୁମେଣ୍ଟେସନ କରିବାର ଆବଶ୍ୟକତା ସମ୍ପର୍କରେ କହିଥିଲେ। ବାତ୍ୟାର ଲ୍ୟାଣ୍ଡଫଲ୍ ପୂର୍ବବର୍ତ୍ତୀ ସମୟର ପ୍ରସ୍ତୁତି, ସ୍ଥାନାନ୍ତର ଏବଂ ପରବର୍ତ୍ତୀ ସମୟରେ ବିଭିନ୍ନ ପୁନରୁଦ୍ଧାର କାର୍ଯ୍ୟ ସମ୍ପର୍କରେ ଡକୁମେଣ୍ଟସନ କରାଗଲେ, ଏହା ଆଗାମୀ ଦିନରେ ଆମକୁ ବାତ୍ୟା ପରିଚାଳନାରେ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ବୈଠକରେ ସୂଚନା ଦେଇ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର କହିଥିଲେ ଯେ, ବାତ୍ୟାରେ ସମୁଦାୟ ୧୫୦ଟି ଗାଁ ଜଳମଗ୍ନ ହୋଇଥିଲା। ସାମୁଦ୍ରିକ ଲୁଣିପାଣି ଯୋଗୁ ଫସଲ ମଧ୍ୟ କ୍ଷତି ହୋଇଛି ବୋଲି ସେ କହିଥିଲେ। ବାତ୍ୟା ପରବର୍ତ୍ତୀ ସମୟରେ ଲୋକଙ୍କୁ ବିଜୁଳି ଓ ପିଇବା ପାଣି ଯୋଗାଇବା ପାଇଁ ୧୦୦୦ଟି ଡିଜି ସେଟ୍, ଟ୍ୟାଙ୍କର ଓ ପିଭିସି ଟ୍ୟାଙ୍କ ଆଦି ନିୟୋଜିତ କରାଯାଇଥିଲଶ। ସ୍ୱତନ୍ତ୍ର ରିଲିଫ କମିଶନର ପି.କେ ଜେନା ବାତ୍ୟାର କ୍ଷୟକ୍ଷତି ଓ ପୁନରୁଦ୍ଧାର ସମ୍ପର୍କରେ ସୂଚନା ଦେଇ କହିଥିଲେ ଯେ, ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ଅନୁଯାୟୀ ପ୍ରଶାସନ ଜିରୋ କାଜୁଆଲଟି ଲକ୍ଷ୍ୟ ନେଇ କାମ କରିଥିଲା ଏବଂ ଏଥିରେ ପ୍ରାୟତଃ ସଫଳ ହୋଇଛି। ସେ କହିଥିଲେ ଯେ, ଏଥିରେ ୧୧ ହଜାର ଗ୍ରାମର ୬୦ଲକ୍ଷ ଲୋକ ପ୍ରଭାବିତ ହୋଇଥିଲେ। ବାତ୍ୟାରେ ୫୨୦ କୋଟି ଟଙ୍କାର ସରକାରୀ ଭିତ୍ତିଭୂମି ଓ ୯୦ କୋଟି ଟଙ୍କାର ବ୍ୟକ୍ତିଗତ ସମ୍ପତ୍ତିର କ୍ଷତି ହୋଇଛି। ସମୁଦାୟ କ୍ଷତିର ପରିମାଣ ୬୧୦ କୋଟି ଟଙ୍କା। ରିଲିଫ ପାଇଁ ୬୬ କୋଟି ଟଙ୍କା ଆବଶ୍ୟକ ବୋଲି ସେ କହିଥିଲେ। କୃଷି ବିଭାଗର କ୍ଷୟକ୍ଷତି ସମ୍ପର୍କରେ ଆଲୋକପାତ କରି ସ୍ୱତନ୍ତ୍ର ରିଲିଫ କମିଶନର ଶ୍ରୀ ଜେନା କହିଥିଲେ ଯେ, ସମୁଦ୍ରକୂଳ ପ୍ରଭାବିତ ଜିଲ୍ଲା ଗୁଡିକରେ ଲୁଣି ପାଣି ମାଡିଯିବାରୁ ଆଗାମୀ ଖରିଫ ଫସଲ ପାଇଁ ସମସ୍ୟା ଦେଖାଦେଇଛି। ତେଣୁ ଓଡ଼ିଶା କୃଷି ଓ ବୈଷୟିକ ବିଦ୍ୟାଳୟ ଓ କେନ୍ଦ୍ରୀୟ ଧାନ ଗବେଷଣା କେନ୍ଦ୍ରର ବୈଜ୍ଞାନିକ ମାନଙ୍କୁ ଏହାର ପ୍ରଭାବ ସମପର୍କରେ ଅନୁଧ୍ୟାନ କରି ପରାମର୍ଶ ପ୍ରଦାନ କରିବା ପାଇଁ କୁହାଯାଇଛି। ଏହି ବୈଜ୍ଞାନିକମାନେ ବର୍ତ୍ତମାନ ପ୍ରଭାବିତ ସ୍ଥାନରେ ରହି ପରିସ୍ଥିତିର ଅନୁଧ୍ୟାନ କରୁଛନ୍ତି ଏବଂ ଖୁବ୍‌ଶୀଘ୍ର ରିପୋର୍ଟ ଆସିବ ବୋଲି ସେ କହିଥିଲେ। ବିଭାଗୀୟ ସଚିବମାନେ ସେମାନଙ୍କ ବିଭାଗର ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ। ଶକ୍ତି ବିଭାଗ ପକ୍ଷରୁ ସୂଚନା ଦିଆଯାଇଥିଲା ଯେ, ଏଥିରେ ୩୦ଲକ୍ଷ ଉପଭୋକ୍ତା ପ୍ରଭାବିତ ହୋଇଥିଲେ ଏବଂ ଏଥିରେ ୯୯.୮ ପ୍ରତିଶତ ଉପଭୋକ୍ତାଙ୍କୁ ବର୍ତ୍ତମାନ ସୁଦ୍ଧା ପୁନଃସଂଯୋଗ କରାଯାଇଛି ବୋଲି ସେ କହିଥିଲେ। ୨୩୦ଟି ଟ୍ରାନ୍ସଫରମରର ବଦଳାଯାଇ ନୂଆ ଟ୍ରାନ୍ସଫରମର ଲଗାଯିବ ବୋଲି ସୂଚନା ଦିଆଯାଇଥିଲା। ଶକ୍ତି ବିଭାଗର କ୍ଷୟକ୍ଷତିର ପରିମାଣ ୧୫୦ କୋଟି ଟଙ୍କା ବୋଲି ଦର୍ଶାଯାଇଥିଲା। ପଞ୍ଚାୟତିରାଜ ବିଭାଗ ପକ୍ଷରୁ ସୂଚନା ଦିଆଯାଇଥିଲା ଯେ, ବାତ୍ୟା ସମୟରେ ଓ ପରେ ପାନୀୟ ଜଳ ଯୋଗାଣ ଅବିରତ ଭାବେ ଜାରି ରହିଥିଲା। ବାତ୍ୟା ପ୍ରଭାବିତ ଅଞ୍ଚଳରେ ୧୦ଟି ମୋବାଇଲ ୱାଟର ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ମୁତୟନ କରାଯାଇଥିଲା। ଏହା ସାରା ଭାରତରେ ଏକ ଅନନ୍ୟ ପଦକ୍ଷେପ ବୋଲି ସୂଚନା ଦିଆଯାଇଥିଲା। ମଇ ୩୧ ସୁଦ୍ଧା ସମସ୍ତ ଟ୍ୟୁବୱେଲ ଓ ପାଇପ ୱାଟର ପ୍ରକଳ୍ପର ଜଳ ଉତ୍ସକୁ ବିଶୋଧନ କରାଯାଇଥିଲା। ବିଭିନ୍ନ ପ୍ରାଥମିକ ବିଦ୍ୟାଳୟ ଓ ଅଙ୍ଗନବାଡି କେନ୍ଦ୍ର, ପଞ୍ଚାୟତ ରୋଡର କ୍ଷୟକ୍ଷତି ପରିମାଣ ୨୭୭ କୋଟି ଟଙ୍କା। ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଥିଲା ଯେ, ୮ଟି ସହରାଞ୍ଚଳର ୫୮ଟି ସଡକ ସହିତ ରାସ୍ତାର ଆଲୋକୀକରଣ ବ୍ୟବସ୍ଥା, ଗୋଟିଏ ସେତୁ ଆଦି କ୍ଷତିର ସମ୍ମୁଖୀନ ହୋଇଛି। ବାସୁଦେବପୁର ବ୍ୟତୀତ ୨୪ଘଣ୍ଟା ମଧ୍ୟରେ ସମସ୍ତ ସ୍ଥାନରେ ପାନୀୟ ଜଳର ବ୍ୟବସ୍ଥା କରାଯାଇଥିଲା ବୋଲି ସୂଚନା ଦିଆଯାଇଥିଲା। ସେହିପରି ଜଳସମ୍ପଦ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ନଦୀ ବନ୍ଧ ଓ ରାସ୍ତାରେ ହୋଇଥିବା ଘାଇ ସମ୍ପର୍କରେ ସୂଚନା ଦିଆଯାଇଥିଲା। ସମୁଦାୟ କ୍ଷତିର ପରିମାଣ ୧୦୮ କୋଟି ଟଙ୍କା। ସେହିପରି ପୂର୍ତ୍ତ ବିଭାଗ ପକ୍ଷରୁ ସୂଚନା ଦିଆଯାଇଥିଲା ଯେ, ସଡକ ଗୁଡିକୁ ଗଛ କାଟି ତୁରନ୍ତ ଅବରୋଧମୁକ୍ତ କରାଯାଇଥିଲା। ୨୪୬ଟି କ୍ଷତିଗ୍ରସ୍ତ ରାସ୍ତାର ମରାମତି କରାଯାଇଛି। କ୍ଷତିର ପରିମାଣ ୭୫ କୋଟି ଟଙ୍କା। ଗ୍ରାମ୍ୟ ଉନ୍ନୟନ ବିଭାଗ କ୍ଷତିର ପରିମାଣ ୬୦ କୋଟି ଟଙ୍କା ବୋଲି ଦର୍ଶାଯାଇଛି। ବୈଠକରେ ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ ଓ କେନ୍ଦ୍ରାପଡା ଜିଲ୍ଲାର ଜିଲ୍ଲାପାଳମାନେ ସେମାନଙ୍କ ଜିଲ୍ଲାର ଆବଶ୍ୟକତା ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ ବୈଠକ ପରିଚାଳନା କରିଥିଲେ।



ସୁଖ ପାଖରେ ଜ୍ଞାନ ନଥାଏ। ଯିଏ ଜ୍ଞାନୀ ସେ ସୁଖ ପଛରେ ଗୋଡ଼ାଏ ନାହିଁ।

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୭ - ୧୩ ଜୁନ୍, ୨୦୨୧

# ସମସ୍ତେ ସମାନ କିପରି !

ସମ୍ବାଦକୀୟ

ତାରକ ମହାନ୍ତି



ପରିବର୍ତ୍ତିତ ପରିସ୍ଥିତିରେ ଜୀବନ ଧାରା ଏଭଳି ଭାବେ ବଦଳିଯିବାକୁ ଲାଗିଛି, ଯେଉଁଥିରେ ସାଧାରଣ ଅର୍ଥରେ ବିପଦ କେଉଁ ଦିଗରୁ କିଭଳି ଆସୁଛି ବା ଆସିବ ତାହାର ଉପଯୁକ୍ତ ସିଦ୍ଧାନ୍ତ ସହଜରେ ମିଳିପାରିବ ନାହିଁ। ସୁଦୀର୍ଘ ଯୋଜନାର ସଫଳ ରୂପାୟନ ସମ୍ପର୍କରେ ଆଗୁଆ ଆକଳନ କରି ଧାର୍ଯ୍ୟ ସମୟ ମଧ୍ୟରେ କିଛିଗୋଟେ କାର୍ଯ୍ୟ ସମ୍ପନ୍ନ କରିବା ଭଳି ସମୟ ଆଉ ବୋଧେ ନାହିଁ। ଆଶା କରିନଥିବା ବିପର୍ଯ୍ୟୟ କେତେବେଳେ କେଉଁ ଭାବରେ ଆସିବ ଓ ମଣିଷର କ୍ଷତି କରିବ ତାହାର ଆଗୁଆ ଆକଳନ ଖୁବ କଷ୍ଟସାଧ। ବିପୁଳ ସମ୍ପଦରେ ଭରା ବିଶ୍ୱରେ ମଣିଷ ନିଜ ନିଜ ମଧ୍ୟରେ ଏପରି ପ୍ରାଚୀର ଠିଆ କଲେନି, ଯେଉଁଠି ଜୀବନ ଅପେକ୍ଷା ମୃତ୍ୟୁର ଗବେଷଣା ଅଧିକ ଚାଲିଛି। ପ୍ରତି ମୁହୂର୍ତ୍ତରେ ଗୋଟିଏ ରାଷ୍ଟ୍ର ଆଉଗୋଟିଏ ରାଷ୍ଟ୍ରକୁ ଧ୍ୱଂସ କରିଦେବାର ପ୍ରତିଦ୍ୱନ୍ଦ୍ୱିତା ଭିତରେ ମାନବ ବାଦର ଜୟ ଗାନ କରିବା ଦୁରୂହ ବ୍ୟାପାର ସଦୃଶ। ଜାତି ଧର୍ମକୁ ନେଇ ଭୀଷଣ ଷଡଯନ୍ତ୍ର ସଭ୍ୟତାର ମୂଳ ପିଣ୍ଡକୁ ଦୁର୍ବଳ କରିଚାଲିଥିଲା ବେଳେ କଠୋରପନ୍ଥୀ ଚିନ୍ତାଧାରା ସମାଜକୁ ଅଧୋପତନ ଦିଗରେ ଆଗକୁ ଭିଡି ଚାଲିଛି। କଥା କଥାକେ ମୃତ୍ୟୁର ଧମକ, ଧ୍ୱଂସ କରିଦେବାର ଆତଙ୍କ ମଧ୍ୟରେ ଏକ ସୁସ୍ଥ ସମାଜର ସ୍ୱପ୍ନ ଦେଖିବା ଆଉ ବୋଧେ ସହଜ ନୁହେଁ। ଯେଉଁ ନୂତନ ବିଶ୍ୱର ପରିକଳ୍ପନା କରାଯାଇଥିଲା, ତାହା ଧ୍ୱଂସମୁଖୀ ଅଗ୍ନିପିଣ୍ଡ ସଦୃଶ ପ୍ରତି ମୁହୂର୍ତ୍ତରେ ଡରାଇବା ଆରମ୍ଭ ହୋଇଗଲାଣି। କେଉଁ ମୁହୂର୍ତ୍ତରେ ତୃତୀୟ ବିଶ୍ୱଯୁଦ୍ଧ ଆରମ୍ଭ ହୋଇଯିବ ଅବା ପୁଣି କେଉଁ ନୂତନ ଭୂତାଣୁ ଦ୍ୱାରା ମାନବ ସମାଜ ଲୋପ ପାଇବ ତାହା ଏବେ ଚିନ୍ତାର ବିଷୟ। ଏଭଳି ସୂଚନା କୋଭିଡ୍-୧୯ ବା ମହାମାରୀ କରୋନା କାରଣରୁ ସମସ୍ତଙ୍କ ମନରେ ଉଙ୍କି ମାରୁଛି। ସ୍ୱାଭାବିକ ଭାବେ ଦେଖିଲେ ମହାମାରୀ କରୋନାର ପ୍ରଥମ ଲହର ବେଳେ ଏଭଳି ପ୍ରଶ୍ନ ଦେଖାଦେଇଥିଲା ବେଳେ ଦ୍ୱିତୀୟ ଲହର ସେଭଳି ସାଙ୍ଘାତିକ ରୂପ ଧାରଣ କଲା ସେଥିରେ ଯେକୌଣସି ଦେଶ ହତଚକିତ ହୋଇଯିବ। ଆରମ୍ଭରୁ ଏହି ଭୂତାଣୁ ମଣିଷକୃତ ବୋଲି ଯେଉଁ ସନ୍ଦେହ ସୃଷ୍ଟି ହୋଇଥିଲା, ତାହା ଏବେ ଦୃଢ଼ୀଭୂତ ହେବାରେ ଲାଗିଛି। ଏହି ଭୂତାଣୁର ଉତ୍ପତିକୁ ନେଇ ଆରମ୍ଭରୁ ବିଶ୍ୱର ଅନେକ ରାଷ୍ଟ୍ର ଚୀନ ଉପରେ ସନ୍ଦେହ ପ୍ରକଟ କରିଥିଲେ। କାରଣ ଚୀନର ଉହାନ ପ୍ରଦେଶରୁ କରୋନା ବ୍ୟାପିବା ନେଇ ଚର୍ଚ୍ଚା ହୋଇଥିଲେ ବି ଚୀନ୍ କିନ୍ତୁ ଏହାକୁ ଅଦ୍ୟାବଧି ସ୍ୱୀକାର କରୁନାହିଁ। ଫଳରେ ମଣିଷକୃତ ଏକ ଭୂତାଣୁ କିଭଳି ସମଗ୍ର ବିଶ୍ୱକୁ କବଳିତ କରିଚାଲିଛି ଓ ଏହାର ଭୟଙ୍କର ରୂପ କିଭଳି କୋଟି କୋଟି ଲୋକଙ୍କୁ ମୃତ୍ୟୁମୁଖରେ ପକାଉଛି, ତାହା ନିଶ୍ଚୟ ଚିନ୍ତାର କାରଣ। ସ୍ୱଳ୍ପ କେତେକ ଦେଶରେ ଏହାର ପ୍ରକୋପ କମ ଥିଲେ ମଧ୍ୟ ମହାମାରୀ କରୋନା ମାନବ ସଭ୍ୟତା ପାଇଁ ଏକ ଆହ୍ୱାନ ସୃଷ୍ଟି କରିଛି। ସିଧାସଳଖ ଭାବେ କହିଲେ ଖାସକରି କରୋନା ରୋଗ ଭଲ କରିବା ପାଇଁ କିଛି ଔଷଧ ଏଯାଏ ବିକଶିତ ହୋଇପାରିନାହିଁ। ଯଦିଓ ବିଶ୍ୱର ବୃହତମ ଦେଶ ମାନେ ଏହି କାର୍ଯ୍ୟରେ ଲାଗିପଡିଛନ୍ତି, ସମଗ୍ର ବିଶ୍ୱର ବୈଜ୍ଞାନିକ ମାନେ ଅହରହ ଗବେଷଣା ଜାରି ରଖିଛନ୍ତି। ତଥାପି ଏହା ଶେଷ ସିଦ୍ଧାନ୍ତ ବୋଲି ଗଣାଯାଇ ପାରିନାହିଁ। କାରଣ ବାରମ୍ବାର ନିଜର ରୂପ ଓ ଚରିତ୍ର ବଦଳାଉଥିବା ଏହି ଭୂତାଣୁ ଅନେକ ରୂପ ଧାରଣ କରି ନିଜର ଆତଙ୍କ ସୃଷ୍ଟି କରିଚାଲିଛି। ଦ୍ରୁତତମ ଗବେଷଣା, ରୋଗର କାରଣ, ଚିକିତ୍ସା କ୍ଷେତ୍ରରେ ସଫଳତାକୁ ନେଇ ସନ୍ତୁଷ୍ଟ ହେଲାଭଳି ଫଳ ଅଦ୍ୟାବଧି ସାମ୍ନାକୁ ଆସିପାରିନାହିଁ। ଅନେକ ରାଷ୍ଟ୍ରରେ କରୋନାର ଆଚରଣ ମଧ୍ୟ ସନ୍ଦେହଜନକ। କେଉଁଠି ଲକ୍ଷଣଯୁକ୍ତ ସଂକ୍ରମିତ ସଂଖ୍ୟା ବଢୁଥିଲା ବେଳେ ଆଉ କେଉଁଠି ବିନା ଲକ୍ଷଣରେ ଲୋକ କରୋନା ପୀଡିତ ହୋଇ ମୃତ୍ୟୁବରଣ କରୁଛନ୍ତି। ଏହି କାରଣରୁ କରୋନାର ଚରିତ୍ରକୁ ନେଇ ସନ୍ଦେହ ଦେଖାଦେଇଛି। କାରଣ କୌଣସି ପ୍ରାକୃତିକ ଭୂତାଣୁ ବିରୋଧରେ ଲଢ଼ିବା ପାଇଁ ଗବେଷଣା ହୋଇପାରୁଥିଲା ବେଳେ ଏବଂ ସଫଳ ଚିକିତ୍ସା ସମ୍ଭବପର ଥିଲା ବେଳେ କରୋନା ବିରୋଧରେ ଗବେଷଣା ୧୦୦% ସଫଳ ହୋଇପାରୁନାହିଁ କାହିଁକି ?

ପ୍ରାକୃତିକ ବା ପ୍ରକୃତି ସୃଷ୍ଟି କରିଥିବା ଭୂତାଣୁ ଓ ମଣିଷକୃତ ଭୂତାଣୁ ସମାନ ନୁହନ୍ତି। ଯେଉଁଥିପାଇଁ କରୋନା ଭୂତାଣୁ ବିରୋଧରେ ଲଢ଼ିବା ପାଇଁ ମଣିଷ ଭିତରେ ଯେଉଁ ରୋଗ ପ୍ରତିରୋଧକ ଶକ୍ତି ଅଛନ୍ତି ତାହା ଯଥେଷ୍ଟ ହେଉନଥିବା କାରଣରୁ ଆକ୍ରାନ୍ତ ବ୍ୟକ୍ତି ମୃତ୍ୟୁବରଣ କରିବା ନେଇ ଆଶଙ୍କା କରାଯାଉଛି। ତେଣୁ ସମସ୍ତଙ୍କୁ ଟିକାକରଣ କରାଯାଇ କରୋନା ଭୂତାଣୁ ବିରୋଧରେ ଲଢ଼ିବା ପାଇଁ ବିଶ୍ୱର ସବୁ ରାଷ୍ଟ୍ର ବ୍ୟଗ୍ର ହେଉଛନ୍ତି। ଆମ ଦେଶ ଭାରତରେ ମଧ୍ୟ ବ୍ୟାପକ ଟିକାକରଣ ଉପରେ ଗୁରୁତ୍ୱ ଦିଆଯାଇଛି। ପ୍ରଥମେ ୪୫ ବର୍ଷରୁ ୬୦ ବର୍ଷ ବୟସର ବ୍ୟକ୍ତିଙ୍କୁ ଟିକା ପ୍ରଦାନ କରାଯିବା ସହ ୧୮ ରୁ ୪୪ ବର୍ଷ ବର୍ଗ ବ୍ୟକ୍ତିଙ୍କୁ ଟିକାଦାନ ପାଇଁ ପଦକ୍ଷେପ ନିଆଯାଇଛି। ଯଦିଓ ଜନସଂଖ୍ୟା ଦୃଷ୍ଟିରୁ ଭାରତରେ ଟିକାକରଣ ହାର କମ ରହିଛି, ତଥାପି ରାଜ୍ୟ ଗୁଡିକ ଏ ନେଇ କେନ୍ଦ୍ରକୁ ବିଭିନ୍ନ ପ୍ରସ୍ତାବ ଦେଇଛନ୍ତି। ଟିକା ଉତ୍ପାଦନ ବୃଦ୍ଧି ଓ ଅନ୍ୟ ଦେଶରୁ ଟିକା ଆମଦାନୀ ଉପରେ ସମସ୍ତେ ଗୁରୁତ୍ୱ ଦେଉଛନ୍ତି। କରୋନାର ଦ୍ୱିତୀୟ ଲହର ଯେଭଳି ଭୟଙ୍କର ପରିସ୍ଥିତି ସୃଷ୍ଟି କରିଛି, ତାକୁ ଆଖି ଆଗରେ ରଖି ତୃତୀୟ ଲହର କିଭଳି ମୁକାବିଲା କରିହେବ ତାହାର ପ୍ରସ୍ତୁତି ଆରମ୍ଭ ହୋଇଗଲାଣି। ତୃତୀୟ ଲହର ବ୍ୟାପିବା ଆଗରୁ ଟିକାକରଣ ଅଧିକ କରାଯିବାକୁ ନେଇ ଜୋରଦାର ପ୍ରସ୍ତୁତି ମଧ୍ୟ ଚାଲିଛି। ଚିକିତ୍ସା କ୍ଷେତ୍ରରେ ଭିତ୍ତିଭୂମି ସୁଦୃଢ଼ କରାଯିବା ସହିତ ରୋଗୀଙ୍କ ପାଇଁ ଅକ୍ସିଜେନ ଅଭାବ ଦୂର କରିବାକୁ ବ୍ୟାପକ ଯୋଜନା ହେଉଛି। ତେବେ କରୋନା ଯୋଗୁ ଦେଶ ଆର୍ଥିକ ସଙ୍କଟ ମଧ୍ୟକୁ ଚାଲିଯିବାର ଆଶଙ୍କା ସୃଷ୍ଟି ହେବା ସହିତ ଦେଶର ପ୍ରତ୍ୟେକ ନାଗରିକ କିଭଳି ସୁରକ୍ଷିତ ରହିପାରିବେ ଏଥିନେଇ ସ୍ୱତନ୍ତ୍ର ଖସଡା ପ୍ରସ୍ତୁତ ନହେଲେ ଆଗକୁ ଆହୁରି ବିପଦ ବଢ଼ିବାର ସମ୍ଭାବନା କିଛି କମ ନୁହେଁ। ଦେଶରେ ସ୍ୱାସ୍ଥ୍ୟ ଭିତ୍ତିଭୂମି ଉନ୍ନତ କରାଯିବା ସହ ତୃତୀୟ ଲହର ମୁକାବିଲା କରିବା ଏକ ବଡ ଆହ୍ୱାନ ସୃଷ୍ଟି କରିଛି। ଭାରତ ଭଳି ଜନବହୁଳ ରାଷ୍ଟ୍ରରେ ଏବେ ମଧ୍ୟବିତ୍ତ, ନିମ୍ନ ମଧ୍ୟବିତ୍ତ ଅଧିକ ସଙ୍କଟ ମଧ୍ୟରେ ଗତି କରୁଛନ୍ତି। ଉଚ୍ଚ ବର୍ଗ ବ୍ୟକ୍ତି ନିଜ ପାଇଁ ଯଥେଷ୍ଟ ଅର୍ଥ ସଞ୍ଚିତ କରି ରଖିଛନ୍ତି। ଗରିବଙ୍କ ଚିନ୍ତା ସରକାର କରୁଛନ୍ତି। ହେଲେ ମଝି ବର୍ଗଙ୍କ ପାଇଁ କିଛି ଯୋଜନା ନାହିଁ। ଏମାନେ ନା ପଛକୁ ଫେରିପାରୁଛନ୍ତି ନା ଆଗକୁ ଯାଇପାରୁଛନ୍ତି। କରୋନା କାଳରେ ଅଧିକ ଅସୁବିଧାର ସମ୍ମୁଖୀନ ହୋଇଥିବା ଏହି ପରିବାର ଗୁଡିକ ଏବେ ଦୁର୍ଦ୍ଦିନ ଆଡକୁ ଗତି କରୁଛନ୍ତି। ସରକାର କେବଳ ଭୋଟର ତୃଷ୍ଟିକରଣ ଯୋଜନା ଦ୍ୱାରା ନିଜକୁ ବଞ୍ଚାଇ ରଖିବାର ଯେଉଁ ପ୍ରୟାସ କରୁଛନ୍ତି, ତଦ୍ୱାରା ଗଣତନ୍ତ୍ରର ମୂଲ୍ୟବୋଧ ସମସ୍ତଙ୍କ ଲାଗି ସମାନ ହୋଇପାରୁନି। ତେଣୁ ପୁଣିଥରେ ଶୋଷକ-ଶୋଷିତ ଭେଦଭାଦ ସୃଷ୍ଟି ହେଲେ ଏହା ଦେଶ ପାଇଁ ବିପତ୍ତିର କାରଣ ହୋଇପାରେ। ସମାନତା ନରହିଲେ ଗଣତାନ୍ତ୍ରିକ ମୂଲ୍ୟବୋଧ ସଂଜ୍ଞା ସଠିକ୍ ରହିପାରିବନି। ଯେଉଁ ଦେଶରେ ସମସ୍ତଙ୍କୁ ସମାନ ସୁବିଧା, ସୁଯୋଗର କଥା କୁହାଯାଉଛି, ସେଠାରେ ଭୋଟ ଆଧାରରେ ଯୋଜନା ପ୍ରସ୍ତୁତ ହେଲେ ସମସ୍ତେ ସମାନ ହେବେ କିପରି ?

**ଯୋଗାଯୋଗ ଠିକଣା**

ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

# ମାଆ ଓ ମାତୃଭୂମି



ଅନିତା ପଟ୍ଟନାୟକ

ମାଆର ପ୍ରେମ ପବିତ୍ର ଓ ମହାନ ତ ତାର ଭଲପାଇବାର ଶକ୍ତି ଅତୁଳନୀୟ। ଦେଶକୁ ମାଆ ସହିତ ତୁଳନା କରାଯାଇଥିବାରୁ ଏହାକୁ ମାତୃଭୂମି କୁହାଯାଏ। ଭାରତୀୟ ସଂସ୍କୃତି ଓ ଐତିହ୍ୟରେ ଗୋମାତା, ଭୂମାତା, ଦେଶ ମାତା ଓ ଦେହମାତା ବୋଲି ବର୍ଣ୍ଣନା ଅଛି। ମାଆର ହୃଦୟ ଓ ଆଶୀର୍ବାଦ ଓ ଭଲ ପାଇବାର ଶକ୍ତି ଅବର୍ଣ୍ଣନୀୟ। ମାଆକୁ ଶ୍ରେୟ ନଦେବା ଓ ଭୁଲିଯିବା ଏକ ଘୋର ପାପ। ସେଥିପାଇଁ ଶାସ୍ତ୍ରରେ କୁହାଯାଇଛି ଯେ 'ମାତୃ ଦେବୋ ଭବ'। ଯେତେବେଳେ ଜଣେ ପୁତ୍ର ମାଆର ସମ୍ମାନ ରକ୍ଷା କରିପାରେ ସେତେବେଳେ ସେ ପୁତ୍ର ହେବାର ଯୋଗ୍ୟତା ହାସଲ କରିଥାଏ। ମାଆର ପ୍ରେମ ପିଲାଙ୍କ ମନରେ ଦିବ୍ୟଚେତନା ଭରିଦେଇଥାଏ। ମାଆର ଭଲ ଗୁଣ ଘରର ଶାନ୍ତି ଓ ଉନ୍ନତିରେ ସହାୟକ ହୋଇଥାଏ। ସେ ତାର ଚରିତ୍ର ମାଧ୍ୟମରେ ଶିକ୍ଷା ଦିଏ ଯେ ସେ ଯାହା ଦୟା ସ୍ୱରପ ଦିଏ ସେଥିରୁ ସେ ପ୍ରତିଦାନ ଚାହିଁ ନଥାଏ।

ଏକ ସହରରେ ଗୋଟିଏ ଦମ୍ପତି ବାସ କରୁଥିଲେ। ଯୌବନର ପ୍ରାରମ୍ଭରେ ପୁତ୍ର ସନ୍ତାନଟିଏ ଛାଡ଼ି ପିତା ଅଜଣା ରାଇଜକୁ ଚାଲିଯାଇଥିଲେ। ଏକାକିନୀ ମାଆ ଜଣକ ଅନେକ କଷ୍ଟକରି ଶିଶୁଟିର ଲାଳନ ପାଳନ ଓ ବିଦ୍ୟାଶିକ୍ଷା ପାଇଁ ଯତ୍ନଶୀଳ ହୋଇଥିଲେ। ସେଥିପାଇଁ ତାଙ୍କୁ ସିଲାଇ, ଅନ୍ୟ ଧନୀକ ପରିବାରରେ ପାଚିକା ଭାବେ କାର୍ଯ୍ୟ କରିବାକୁ ପଡୁଥିଲା। ମାଆ ଜଣକ ସମ୍ମାନର ସହିତ ଜୀବନଯାପନ କରୁଥିଲେ ଓ ଶିଶୁଟିକୁ ପିତା, ମାତା ଉଭୟର ସ୍ନେହ ଦେଇ ବଢ଼ାଇଥିଲେ। ପିଲାବେଳ ଠାରୁ ପ୍ରତ୍ୟେକ ଜନ୍ମଦିନରେ ତାକୁ ଘର ପାଖରେ ଥିବା ଛୋଟ ହୋଟେଲକୁ ନେଇ ତା ପସନ୍ଦ ମୁତାବକ ଖାଦ୍ୟ ଦେଉଥିଲେ। ପିଲାର ମୁହଁରେ ଯେଉଁ ଆନନ୍ଦ ଫୁଟି ଉଠୁଥିଲା ତାକୁ ଦେଖି ସେ ସବୁ ଦୁଃଖ ଭୁଲିଯାଉଥିଲେ। ସମୟକ୍ରମେ ନିଜର ବାସଗୃହଟିକୁ ଛାଡ଼ି ଅନ୍ୟାନ୍ୟ ସମସ୍ତ ସ୍ଥାବର ଓ ଅସ୍ଥାବର ସମ୍ପତ୍ତିକୁ ବିକ୍ରିକରି ପୁଅଟିକୁ ଜଣେ ଚିକିତ୍ସକ ଭାବେ ପ୍ରତିଷ୍ଠିତ କରାଇପାରିଥିଲେ ଯାହାକି ତାଙ୍କର ସ୍ୱାମୀଙ୍କର ସ୍ୱପ୍ନ ଥିଲା। ହଠାତ୍ ଦିନେ ଜୀବନର ଅପରାହ୍ନରେ ମାଆର ବିନା ଅନୁମତିରେ ପୁଅ ଏକ ଧନୀକ ପରିବାରର ସହପାଠିନୀକୁ ବିବାହ କରିଛି କହି ଘରକୁ ଆଣିଲେ। ପୁଅକୁ ନେଇ ଭବିଷ୍ୟତରେ ଅନେକ ସ୍ୱପ୍ନ ଦେଖୁଥିବା ତାର ମାଆ ଏକ ଅକୁହା, ଅବ୍ୟକ୍ତ ବେଦନାରେ ବିଦାରିତ ହୋଇଥିଲେ ମଧ ପୁଅର ଖୁସି ନିମନ୍ତେ ନବବଧୂଙ୍କ ବନ୍ଦାପନା କରି ଗୃହ ପ୍ରବେଶ କରାଇଥିଲେ। ପୁଅ ଗୋଟିଏ ଦିନ ରହିବା ପରେ ଘରେ ବୋହୂ ଚଳିପାରିବାର ସୁବିଧା ନଥିବା ଦର୍ଶାଇ ସେହି ସହରର ଶ୍ୱଶୁରାଳୟକୁ ଚାଲିଯାଇଥିଲେ। ମାଆ ଜଣକ ତାଙ୍କର ନୟନର ତାରା ତାଙ୍କ ଠାରୁ ଦୂରେଇ ଯାଇଥିବା ଜାଣି ମଧ ନିଜର ଅଲୋଡ଼ା ଭାଗ୍ୟକୁ ଆଦରି ରହିଲେ। ଦିନେ ପୁଅ, ବୋହୂ ସକାଳୁ ଆସି ପ୍ରଣାମ କଲେ ଓ କହିଲେ ଆମେ ଦୁହେଁ ଉଚ୍ଚଶିକ୍ଷା ପାଇଁ କିଛି ବର୍ଷ ବିଦେଶ ଯାତ୍ରା କରିବୁ। ବିଦେଶ ଯାତ୍ରା ନିମନ୍ତେ ବିଶେଷ ଅର୍ଥର ଆବଶ୍ୟକତା ମେଣ୍ଟାଇବା ପାଇଁ ଏକମାତ୍ର ଗୃହ ଓ ତାର ଆସବାପତ୍ରକୁ ବିକ୍ରି କରାଇଦେଉ ମାଆର ସୁରକ୍ଷା ପାଇଁ ଜରାଶ୍ରମରେ ବ୍ୟବସ୍ଥା କରିଦେଲେ। ମାଆର ନୀରବତାକୁ ସମ୍ମତି ବୋଲି ଭାବି ସବୁକାର୍ଯ୍ୟ କରିଗଲେ। ମାଆ ଜଣେ ଯନ୍ତ୍ର ଚାଳିତ ମଣିଷ ପରି ପୁଅର ଉନ୍ନତି ତ ସୁଖ ପାଇଁ ସବୁକିଛି ସହିଯାଇଥିଲେ।

ଏହାପରେ ତିନିବର୍ଷ ବିତିଯାଇଥିଲା। ବିଦେଶରୁ ଫେରିବା ପରେ ପୁଅ ମାଆକୁ ଦେଖା କରିବାକୁ ଜରାଶ୍ରମକୁ ଆସିଥିଲା। ସେ ଦିନ ଜରାଶ୍ରମରେ ଅନ୍ୟ ଅନ୍ତେବାସିନୀ ମାନଙ୍କୁ ପୁଅର ଆଗମନ ଓ ତାର ଜନ୍ମଦିନର ସୂଚନା ଦେଇ ନିଜେ ସଜ୍ଜିତ ହୋଇ ପୁତ୍ର ଅପେକ୍ଷାରେ ଥିଲେ। ପୁଅ ଜରାଶ୍ରମକୁ ଆସିବାପରେ ତାକୁ ଜନ୍ମଦିନର ଶୁଭେଚ୍ଛା ଜଣାଇବା ସହିତ ବାହାରକୁ ଖାଇବାକୁ ଯିବାକୁ ଅନୁରୋଧ କରିଥିଲେ। ପୁଅ ମାଆର ଅନୁରୋଧକୁ ରକ୍ଷା କରି ସେ ଦିନ ମାଆକୁ ଅନ୍ୟ ଏକ ହୋଟେଲକୁ ନେଇଥିଲା ଓ ବିଦେଶର ଅନେକ ଗପ କହିଥିଲା। ହୋଟେଲରେ ପହଞ୍ଚିବା ପରେ ଜଣେ ପରିଚାରିକା ଖାଇବାର ତାଲିକା ପୁଅ ହାତକୁ ବଢ଼ାଇ ଦେଇଥିଲେ। ପୁଅ ଖାଇବା ତାଲିକାକୁ ପଢ଼ିବା ସମୟେ ଦେଖିଲା ମାଆ ତାକୁ ଅପଲକ ଦୃଷ୍ଟିରେ ଚାହିଁଛି ତାର କାରଣ ପଚାରିବାରୁ ମାଆ କହିଲା ଦିନଥିଲା ଛୋଟ ହୋଟେଲରେ ଖାଇବା ତାଲିକାଟିକୁ ମୁଁ ଦେଖୁଥିଲି ଓ ତୁ ମୋତେ ଚାହିଁ ରହୁଥିଲୁ। ସେକଥା ମୋର ମନେ ପଡ଼ିଯାଉଛି। ପୁଅ କିଛି ଖାଇବା ମଗାଇଲା ଓ ମାଆ ପୁଅ ଖାଇ ସାରିବା ପରେ ପରିଚାରିକା ବିଲଟିକୁ ପୁଅ ହାତକୁ ବଢ଼ାଇ ଦେଇଥିଲା। ପୁଅ ସେ ବିଲଟିକୁ ଭରିବା ପରେ ବିଲଟିକୁ ଫିଙ୍ଗି ଦେଇଥିଲା କିନ୍ତୁ ପୁଅର ଅଜାଣତରେ ମାଆ ସେ ବିଲଟିକୁ ଗୋଟାଇ ନେଇଥିଲା। ପୁଅ ଜରାଶ୍ରମରେ ମାଆକୁ ଛାଡ଼ି ଫେରିବାକୁ ଉଦ୍ୟତ ହେବାରେ ମାଆ ପଚାରିଲେ, ତୁ ପୁଣି କେବେ ଆସିବୁ ଓ ବିବାହର ବର୍ଷ ପୂରଣୀ ଦିନ ବୋହୂକୁ ନେଇ ଆସିବାକୁ ଅନୁରୋଧ କଲା। ପୁଅ ନିଜେ ଓ ତାର ସ୍ତ୍ରୀ କିପରି କାର୍ଯ୍ୟବ୍ୟସ୍ତ ରହୁଛି ଓ ସମୟର ଅଭାବ ବିଷୟରେ ସେ ମାଆକୁ ଜଣାଇଥିଲା। ମାଆ ସେଦିନ ହାତ ହଲାଇ ପୁଅକୁ ତା ଗାଡ଼ିରେ ବିଦାୟ ଦେଲା। କିଛିଦିନ ପରେ ପୁଅ ତାର ମାଆକୁ ନେଉଥିବା ହୋଟେଲର ନାମ ଥିବା ଏକ ବନ୍ଦ ଲଫାପା ପାଇଥିଲା। ସେଥିରେ ହୋଟେଲ ମାଲିକଙ୍କର ଗୋଟିଏ ଚିଠି ଥିଲା। ଚିଠିରେ ଲେଖାଥିଲା ଯେ ବୃଦ୍ଧାଶ୍ରମର ଜଣେ ଅନ୍ତେବାସୀ ତୁମର ଓ ତୁମ ସ୍ତ୍ରୀ ବିବାହ ବାର୍ଷିକୀକୁ ମନେକରି ଦୁଇଟି ଖାଦ୍ୟଥାଳି ତୁମକୁ ପ୍ରଦାନ କରିବାକୁ ଅନୁରୋଧ କରିଥିଲେ। ଆପଣ କାର୍ଯ୍ୟ ବ୍ୟସ୍ତତା ଯୋଗୁଁ ଯଦି ନ ଆସିପାରନ୍ତି ତେବେ ହୋଟେଲ ତରଫରୁ ଉକ୍ତ ଖାଦ୍ୟ ଆପଣଙ୍କ ନିକଟକୁ ପଠାଇ ଦିଆଯିବ। ମନେରଖନ୍ତୁ, ଯେ ସେ ଖାଦ୍ୟର ଦେୟ ପୈଠ କରି ଦେଇଅଛନ୍ତି। ଆଜି ସେହି ଦିନ, କିନ୍ତୁ ଦୁଃଖର ସହିତ ଜଣାଉଛୁ ଯେ ଉକ୍ତ ବୃଦ୍ଧା ଜଣକ କରୋନା ରୋଗରେ ପୀଡ଼ିତ ହୋଇ ଚିକିତ୍ସାଳୟରେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି ଓ ସରକାରୀ ନିୟମ ମୁତାବକ ଉକ୍ତ ମୃତଦେହର କେହି ଦାବୀଦାର ନଥିବାରୁ ରାଜ୍ୟ ସରକାରଙ୍କ ତରଫରୁ ଶବଟିକୁ ଦାହ କରିଦିଆଯାଇଅଛି।

*ଅବସରପ୍ରାପ୍ତ ପ୍ରଧାପିକା*
*ସଂସ୍କୃତ ବିଭାଗ, ରଘୁନାଥଜୀଉ ମହାବିଦ୍ୟାଳୟ, ଗଣିଆ, ନୟାଗଡ଼*
*ଦୂରଭାଷ : ୯୮୬୧୧୧୮୬୭୩*

# ପ୍ରଣମ୍ୟ ଫୁଟ୍‌ବଲ ଦ୍ରୋଣାଚାର୍ଯ୍ୟ : ନନ୍ଦକିଶୋର



ଶେଖ ଫରିଦ୍‌ଉଦ୍ଦିନ

ଭୟାବହ କରୋନା ମହାମାରୀ କେବଳ ଓଡ଼ିଶାର ନୁହେଁ ସମଗ୍ର ଭାରତରେ ଜଣେ ପରିଚିତ କ୍ରୀଡ଼ା କିମ୍ବଦନ୍ତୀଙ୍କୁ ଆମ ଠାରୁ ଛଡ଼ାଇ ନେଇଛି। ଓଡ଼ିଶା ଫୁଟ୍‌ବଲର ମହାଗୁରୁ, ଦ୍ରୋଣାଚାର୍ଯ୍ୟ କୁହାଯାଉଥିବା ନନ୍ଦ କିଶୋର ପଟ୍ଟନାୟକଙ୍କ ପରଲୋକ ହୋଇଛି। ଜଣେ ନମ୍ର, ସରଳ, ମିଷ୍ଟଭାଷୀ, ଭଦ୍ର ଓ ସମସ୍ତଙ୍କୁ ଆପଣାଇ ନେଉଥିବା ଏହି ବ୍ୟକ୍ତିତ୍ୱଙ୍କ ପ୍ରତିଭା ଅନେକଙ୍କ ପାଇଁ ପ୍ରେରଣାଦାୟୀ। ବିଶେଷକରି ଓଡ଼ିଶା ମହିଳା ଫୁଟବଲ ପ୍ରତି ତାଙ୍କର ଅବଦାନ ଅତୁଳନୀୟ। ରାଜ୍ୟ କ୍ରୀଡ଼ା କ୍ଷେତ୍ରରେ ସମସ୍ତେ ତାଙ୍କୁ ଟୁଟୁ ସାର ଭାବେ ଜାଣନ୍ତି। ଜଣେ ପୂର୍ବତନ ଜାତୀୟ ସ୍ତରର ଖେଳାଳୀ, ବିଜୁ ପଟ୍ଟନାୟକ ପୁରସ୍କାର ପ୍ରାପ୍ତ ଫୁଟବଲ ପ୍ରଶିକ୍ଷକ, ସର୍ବୋପରି ନୀତା ଅମ୍ବାନୀ ଫୁଟବଲ ଏକାଡ଼େମୀର ସଂସ୍ଥାପକ ଭାବେ ତାଙ୍କର ଅନେକ ପରିଚୟ ରହିଛି। ୪୦ରୁ ଉର୍ଦ୍ଧ୍ୱ ଜାତୀୟ ଓ ଆନ୍ତର୍ଜାତିକ ସ୍ତରରେ ମହିଳା ଫୁଟବଲ କ୍ରୀଡ଼ାବିତ୍ ସେ ତିଆରି କରି ଓଡ଼ିଶାର କ୍ରୀଡ଼ାକୁ ଶୀର୍ଷ ସ୍ଥାନକୁ ନେଇଥିଲେ। ୬୫ ବର୍ଷ ବୟସରେ ପହଞ୍ଚିଥିବା ନନ୍ଦକିଶୋର ବାବୁ ବାରିପଦାରେ ଜନ୍ମ ହୋଇଥିଲେ ମଧ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମ ଥିଲା ତାଙ୍କ କର୍ମକ୍ଷେତ୍ର। କିଛିଦିନ ତଳେ ଅନ୍ୟଜଣେ ମୟୂରଭଞ୍ଜର ଗୌରବ ତଥା ଫୁଟବଲ ଜଗତର ପ୍ରମୁଖ ଆଗୁଆ ଖେଳାଳୀ ଅସୀତ ପାତ୍ରଙ୍କ ପରଲୋକ ହୋଇଥିଲା। କାଳର ଦୁର୍ଭାଗ୍ୟ ସଂଯୋଗକ୍ରମେ ଆଗପଛ ହୋଇ ଏହି ଦୁଇବନ୍ଧୁ ଫେରି ଯାଇଛନ୍ତି ସେହି ରାଇଜକୁ ଯେଉଁଠି ଆଉ କେହି ଫେରିପାରନ୍ତି ନାହିଁ। ଓଡ଼ିଶା ଫୁଟବଲ ଦୁନିଆରେ ଟୁଟୁ ସାର ଭାବେ ପରିଚିତ ନନ୍ଦ କିଶୋର ଜଣେ ଅତ୍ୟନ୍ତ ମେଳାପି, ମିଷ୍ଟଭାଷୀ, ସ୍ନେହୀ ଓ ସରଳ ବ୍ୟକ୍ତି ଥିଲେ। ୧୯୫୬ ମସିହା ମାର୍ଚ୍ଚ ୧୬ ତାରିଖରେ ଜନ୍ମଗ୍ରହଣ କରିଥିବା ନନ୍ଦ କିଶୋରଙ୍କ ପିଲାବେଳ ବାରିପଦାରେ କଟିଥିଲା। ୧୯୭୭ ଓ ୭୮ ମସିହାରେ ଦୁଇଥର ସେ ଜାତୀୟ କନିଷ୍ଠ ଫୁଟ୍‌ବଲ ପ୍ରତିଯୋଗିତାରେ ଓଡ଼ିଶାର ପ୍ରତିନିଧିତ୍ୱ କରିଥିଲେ। ୧୯୯୨-୯୩ରେ ପ୍ରଶିକ୍ଷଣରେ ଦୁନିଆର ପାଦ ଥାପିଥିଲେ। ୧୯୯୫ରୁ ମହିଳା ଫୁଟ୍‌ବଲରଙ୍କୁ ପ୍ରଶିକ୍ଷଣ ଦେବା ଆରମ୍ଭ କରି ଆଶାତୀତ ସଫଳତା ହାସଲ କରିଥିଲେ। ଓଡ଼ିଶା ମହିଳା ଫୁଟବଲ୍ ପ୍ରତି ତାଙ୍କର ଅତୁଳନୀୟ ଅବଦାନ ଲାଗି ଶ୍ରେଷ୍ଠ ପ୍ରଶିକ୍ଷକ ଭାବେ ୧୯୯୫ ମସିହାରେ ତାଙ୍କୁ ସମ୍ମାନଜନକ ବିଜୁ ପଟ୍ଟନାୟକ ପୁରସ୍କାର ମିଳିଥିଲା। ଏଜି ଓଡ଼ିଶାରୁ ଅବସର ନେଇଥିବା ନନ୍ଦ କିଶୋର ନିଜ ସମଗ୍ର ଜୀବନ ଫୁଟ୍‌ବଲ ସାଧନାରେ କଟାଇ ଦେଇଥିଲେ। ବାରିପଦାର ଇଣ୍ଡିପେଣ୍ଡେଣ୍ଟ କ୍ଲବ୍‌ରୁ ନିଜର କ୍ୟାରିୟର ଆରମ୍ଭ କରିଥିବା ଏହି ପ୍ରତିଥଯଶା ଖେଳାଳି ନିଜର ବିଚକ୍ଷଣ ପ୍ରତିଭା ବଳରେ ରାଜ୍ୟ ଓ ଜାତୀୟସ୍ତରରେ ପ୍ରସିଦ୍ଧି ଲାଭ କରିବା ସହ ୧୯୭୭ ଓ ୧୯୭୮ରେ ଓଡ଼ିଶା ପକ୍ଷରୁ ସନ୍ତୋଷ ଟ୍ରଫିରେ ପ୍ରତିନିଧିତ୍ୱ କରିଥିଲେ। ଚାକିରି (ଏଜି)ରୁ ଅବସର ପରେ ନିଜ ଜନ୍ମମାଟି ମୟୂରଭଞ୍ଜରେ ଏକ ଫୁଟ୍‌ବଲ ଏକାଡ଼େମୀ ପ୍ରତିଷ୍ଠା କରିବାକୁ ଲକ୍ଷ୍ୟ ରଖିଥିବା ନନ୍ଦକିଶୋର ଏଥିପାଇଁ ପ୍ରାକ୍ ପ୍ରସ୍ତୁତି ମଧ ଆରମ୍ଭ କରିଥିଲେ। ବିଶେଷକରି ମହିଳା ଫୁଟବଲ ଖେଳାଳିଙ୍କ ପାଇଁ ସ୍ୱତନ୍ତ୍ର ତାଲିମ ବ୍ୟବସ୍ଥା କରିବାକୁ ସ୍ୱପ୍ନ ରଖିଥିଲେ। ହେଲେ ସ୍ୱପ୍ନ ପୂରଣ ଆଗରୁ ସେ ଅଫେରା ରାଇଜକୁ ଚାଲିଯାଇଛନ୍ତି। ବାରିପଦା ଶରତ ଚନ୍ଦ୍ର ବିଦ୍ୟାପୀଠରୁ ମାଟ୍ରିକ ଓ ଏମ୍‌ପିସି ମହାବିଦ୍ୟାଳୟରୁ ସ୍ନାତକ ପରେ ୧୯୭୧ରୁ ୮୫ ପର୍ଯ୍ୟନ୍ତ କ୍ଲବ ଫୁଟବଲ ଖେଳିଥିବା ନନ୍ଦକିଶୋରଙ୍କୁ ଆଜି ଝୁରୁଛି ବାରିପଦା ଷ୍ଟାଡିୟମ।

ଏକଦା ଅଶୀ ଦଶକରେ କଟକ ଫୁଟବଲ ଲିଗ୍ ବେଶ ଲୋକପ୍ରିୟ ଥିଲା। ଲୋକେ ଟିକେଟ କାଟି ମ୍ୟାଚ ଦେଖୁଥିଲେ। ନନ୍ଦ କିଶୋର ପଟ୍ଟନାୟକ ସେଥିରେ ଖେଳୁଥିଲେ। ମୁଁ ଥିଲି ମ୍ୟାଚ ରେଫରୀ। ଏହି ସୂତ୍ରରେ ତାଙ୍କ ସହ ମୋର ପ୍ରଥମ ପରିଚୟ। ୧୯୯୧ ମସିହାର କଥା। ମୁଖ୍ୟମନ୍ତ୍ରୀ ଥିଲେ ବିଜୁ ପଟ୍ଟନାୟକ ଏବଂ କ୍ରୀଡ଼ା ବିଭାଗ ନିର୍ଦ୍ଦେଶକ ଥିଲେ ବିମଳେନ୍ଦୁ ମହାନ୍ତି। ଏଆଇଏଫ୍‌ଏଫ୍ ଦ୍ୱାରା ଆୟୋଜିତ ଜାତୀୟ ମହିଳା ପ୍ରତିଯୋଗିତାରେ ଭାଗ ନେବାକୁ ଚିଠି ଆସିଲା। କିନ୍ତୁ ଓଡ଼ିଶାରେ ସେତେବେଳେ ଦଳ ନଥିଲା। ମାତ୍ର ମୁଖ୍ୟମନ୍ତ୍ରୀ ଚାହୁଁଥିଲେ ଓଡ଼ିଶା ମହିଳା ଦଳ ଭାଗ ନେଉ। ତେଣୁ ନିର୍ଦ୍ଦେଶକ ଶ୍ରୀ ମହାନ୍ତିଙ୍କ ନିର୍ଦ୍ଦେଶକ୍ରମେ ପୂର୍ବତନ କ୍ରୀଡ଼ାଛାତ୍ରାବାସ କୋଚ ଆର.କେ.ମଣ୍ଡଳ ଓ ଚନ୍ଦନ ଚନ୍ଦା (ସାଇ କୋଚ)ଙ୍କ ସହାୟତାରେ ଦଳ ଗଠନ ହେଲା। ଖୋ ଖୋ, କବାଡ଼ି ଏବଂ ଅନ୍ୟାନ୍ୟ ଖେଳର ଖେଳାଳିଙ୍କୁ ନେଇ ସେମାନେ ଦଳ ଗଢ଼ିଲେ। ଦଳ ଆସାମ ଗଲା। ସେଠାରୁ ଶୋଚନୀୟ ପରାଜିତ ହୋଇ ଫେରିଲା। ଜାତୀୟ ପ୍ରତିଯୋଗିତାରେ ଓଡ଼ିଶା ଭାଗ ନେଇଥିବାରୁ ମୁଖ୍ୟମନ୍ତ୍ରୀ ଖୁସି ଥିଲେ। ସୂଚନାଥାଉକି ନିଜସ୍ୱ ଉଦ୍ୟମରେ ଏକ ମହିଳା ହଷ୍ଟେଲ ନନ୍ଦ କିଶୋର ବାବୁ ପରିଚାଳନା କରୁଥିଲେ ଯାହାକୁ ବର୍ତ୍ତମାନର ୫ଟି ସଚିବ ଭି.କେ.ପାଣ୍ଡିଆନ ମହୋଦୟ ବ୍ୟକ୍ତିନିଷ୍ଠ ଓ ଅନେକ ସହାୟତା କରୁଥିଲେ ଯାହାପାଇଁ କି ସେହି ହଷ୍ଟେଲ ପରିଚାଳନା ହେଉଥିଲା ବୋଲି ନିଜ ବ୍ୟକ୍ତିଗତ ଅନୁଭୂତିରୁ ଗଣମାଧ୍ୟମକୁ କହିଛନ୍ତି ପୂର୍ବତନ ରାଜ୍ୟ ମହିଳା ଫୁଟବଲ ସଂଘର ସମ୍ପାଦକ ସହଦେବ ରାଉତ।

ଫୁଟବଲରୁ କ୍ୟାରିୟର ଆରମ୍ଭ କରିଥିଲେ ନନ୍ଦକିଶୋର। ଓଡ଼ିଶା ସିନିୟର ଦଳକୁ ପ୍ରତିନିଧିତ୍ୱ କରି ବହୁ ଜାତୀୟ ସ୍ତରର ଟୁର୍ଣ୍ଣାମେଣ୍ଟ ଖେଳୁଥିଲେ। ୧୯୭୭ ଓ ୧୯୭୮ ମସିହାରେ ଓଡ଼ିଶା ଜୁନିୟର ଦଳକୁ ପ୍ରତିନିଧିତ୍ୱ କରି ଜାତୀୟ ଚାମ୍ପିଅନସିପ୍ ଖେଳିଥିଲେ। ଖେଳରୁ ଅବସର ନେବା ପରେ କୋଚିଂକୁ ଆବୋରି ନେଇଥିଲେ। ଏଜି ଓଡ଼ିଶାରେ ଚାକିରୀ କରିବା ସହ କଳିଙ୍ଗ ଷ୍ଟାଡିୟମରେ ନିଜସ୍ୱ ଉଦ୍ୟମରେ ଫୁଟବଲ ଖେଳାଳିଙ୍କୁ ପ୍ରଶିକ୍ଷଣ ଦେବା ଆରମ୍ଭ କରିଥିଲେ। ଓଡ଼ିଶାରୁ ବିଶ୍ୱସ୍ତରୀୟ ଫୁଟ୍‌ବଲ କ୍ରୀଡ଼ାବିତ୍ ସୃଷ୍ଟିକ୍ଷେତ୍ରରେ ତାଙ୍କ ସ୍ମରଣୀୟ ଅବଦାନ ରହିଛି। ଏପରି ଜଣେ ପ୍ରଣମ୍ୟ ଫୁଟବଲର ଗୁରୁ ଦ୍ରୋଣାଚାର୍ଯ୍ୟଙ୍କ ପରଲୋକ ନିଶ୍ଚିନ୍ତ ଭାବେ ଏହି ରାଜ୍ୟ ପାଇଁ ଅପୂରଣୀୟ କ୍ଷତି।

*ଦୂରସଞ୍ଚାର ଭବନ, ଲିଙ୍କରୋଡ଼, କଟକ*
*ଦୂରଭାଷ : ୯୪୩୭୦୦୪୮୮୮*

# ବାଘ ମୁହାଁ ସମୟ



ଅନୀତା ପାଣି

ଏବେ ସମୟ ବାଘ ମୁହଁରୁ କିଛି କମ୍ ନୁହେଁ। ବାଘ ମୁହଁରୁ ଯିଏ ଫେରିଛି ସେ କହିବ ବାଘ କଣ,ତାର ଅନୁଭବର କାରୁଣ୍ୟ ବଖାଣି ପାରିବ। ବାଘ କିଛି ବୁଝେନାହିଁ ତୁମ ବଂଶ ପରମ୍ପରା ଆଭିଜାତ୍ୟ। ବାଘକୁ ଜୟ କରିବାକୁ ହେଲେ ଅଦମ୍ୟ ସାହସ,ନିଜସ୍ୱ ବୁଦ୍ଧି ଓ ଈଶ୍ୱର କୃପା ନିତ୍ୟାନ୍ତ ପକ୍ଷେ ଜରୁରୀ।

ଏବେ କରୋନାର ଭୟାବହତା ମଧ୍ୟ କେଉଁ ବାଘ ଠାରୁ କମ୍ ନୁହେଁ। ଯିଏ ନିଜ ଶରୀର ବା ଆତ୍ମୀୟଙ୍କ ପାଖରେ ଏ ରୋଗର ପ୍ରକୋପ ଦେଖିଛି ସେ ହିଁ କହିବ ଏହାର ଭୟାନକତା। ଏ ଘଡିସନ୍ଧି ମୂହୁର୍ତ୍ତରେ ଗୋଟିଏ ପାଖରେ ଅଦୃଶ୍ୟ ଭୁତାଣୁର ପ୍ରକୋପ ଅନ୍ୟ ପାଖରେ ରୋଗ ନିରାକରଣର କୌଣସି ନିର୍ଦ୍ଦିଷ୍ଟ ଚିକିତ୍ସା ନାହିଁ। ଗୋଟିଏ ପାଖରେ ଆତ୍ମୀୟଙ୍କ ଦୂରତ୍ୱ ଅନ୍ୟ ପାଖରେ କରୋନାର ଉତ୍ପିଡନ ଜ୍ୱାଳା। ଭୁତାଣୁ ବାରମ୍ବାର ତାର କାୟା ପରିବର୍ତ୍ତନ କରୁଥିବାରୁ ସଂକେତ ବା ଲକ୍ଷଣ ସହଜେ ଦୃଶ୍ୟ ମାନ ହେଉ ନାହିଁ ଓ ଅବହେଳିତ ଉପଯୁକ୍ତ ଚିକିତ୍ସା ଅଭାବରୁ ଅନେକ ଲୋକ ମୃତ୍ୟୁ ସୁଅରେ ଭାସିଗଲେଣି। ଅନେକ ଜୀବନ ଓ କରୋନା ମଧ୍ୟରେ ଅବିରତ ସଂଘର୍ଷ ଜାରି ରଖିଛନ୍ତି।

ଏମିତି ଏକ ଦୋଳାୟମାନ ପରିସ୍ଥିତିରେ ସାରା ବିଶ୍ୱ ଜନଜୀବନ ଧ୍ୱସ୍ତ ବିଧ୍ୱସ୍ତ ହେବା ସହିତ ଶିକ୍ଷା ଶିଳ୍ପ ରୋଜଗାର ଅତିମାତ୍ରାରେ ପ୍ରଭାବିତ ହୋଇଛି। ସ୍କୁଲ, କଲେଜ, ଲାଇବ୍ରେରୀ ଓ ଲାବ୍ରୋଟରୀ ବିନା ପିଲା ପାଠ ପଢୁଛନ୍ତି ଅନ୍ ଲାଇନରେ। ଅନେକ ମଧ୍ୟବିତ୍ତ ଓ ଗରିବ ଶ୍ରେଣୀର ଖଟିଖିଆ ମଜୁରିଆ ଲୋକ ହାତରେ ହାତ ଧରି ବସିଛନ୍ତି ନିଜର ରୋଜଗାର ହରେଇ। ପରିବାରର ଭରଣ ପୋଷଣ ସହିତ ଚିକିତ୍ସା ହେବା ଏବେ ସାଙ୍ଘାତିକ ରୂପ ନେଇଛି। ସମସ୍ତଙ୍କ ମୁହଁରୁ ଏବେ ହସ ଯେମିତି ଲୁଚିଯାଇଛି କେଉଁ ନିଷିଦ୍ଧ ଇଲାକାରେ। ନା ସ୍ୱାଦିଷ୍ଟ ଭୋଜନରେ ମନ ନା ଭଲ ପରିଧାନ ପରିପାଟିରେ ଧ୍ୟାନ। ଜୀବନ ଏବେ ଯେନ ତେନ ପ୍ରକାରେଣ ଚଳିଛି ଏକ ଭୟର ବଳୟ ଭିତରେ।

ଏବେ କରୋନା ଭୟାବହତା ଯେମିତି ଜଙ୍ଗଲରେ ବାଘ ଭୟ ସଦୃଶ୍ୟ। ଯିଏ ଜଙ୍ଗଲ ଯାଏ ତା ଘର ଲୋକ ଚିନ୍ତାରେ ଥାନ୍ତି ଯେ ଘରକୁ ଫେରିଲେ ସେ ତା ପରିବାରର। ଠିକ ସେମିତି ଯିଏ ଏବେ ଘରୁ ବାହାରକୁ ଯାଉଛନ୍ତି କର୍ମ କ୍ଷତ୍ର ହେଉ ବା ପରିବା ତେଜରାତି ଅତ୍ୟାବଶ୍ୟକ ସାମଗ୍ରୀ ପାଇଁ ସେମାନେ ଘରକୁ ସୁରକ୍ଷିତ ଫେରିବା ଏକ ମହାର୍ଘ ବୋଲି ଧରାଯାଉଛି। ଲୁକାୟିତ କରୋନା ଭୁତାଣୁର ଆସ୍ପର୍ଦ୍ଧା ପାହୁଣ୍ଡ ଏବେ ହୃଦୟ ବିଦାରକ। ପ୍ରତ୍ୟେକ ଦିନ ମୃତ୍ୟୁ ଖବର ଆତଙ୍କିତ କରୁଛି।

ଏବେ ଆମ୍ଭେମାନେ ଅଧିକ ସତର୍କ ସୂଚନା ଦେଉଛି। ମାସ୍କ,ସାନିଟାଇଜର ଓ ଦୂରତ୍ୱ ରକ୍ଷା କରିବା ଏକ ମାତ୍ର ବିକଳ୍ପ। ଟିକାର ଅଭାବ ଏବେ ଚିନ୍ତାର ବିଷୟ। କରୋନା ଆକ୍ରାନ୍ତ ରୋଗୀର ଯଥାଯୋଗ୍ୟ ଚିକିତ୍ସା ସହିତ ସହାନୁଭୂତି ଅତ୍ୟନ୍ତ ଆବଶ୍ୟକ ପରିଲକ୍ଷିତ ହେଉଛି। ଆସ ଆମେ ସତର୍କତା ଅବଲମ୍ବନ କରିବା ଓ ଈଶ୍ୱରଙ୍କ ଉପରେ ଆସ୍ଥା ରଖି ଏ ବାଘମୁହାଁ ସମୟ କବଳରୁ ମୁକ୍ତି ପାଇବା।

*ସାଉଥ୍ ବଲଣ୍ଡା, ତାଳଚେର*
*ଦୂରଭାଷ : ୮୩୨୭୭୦୫୯୭୦*

# ଲକଡାଉନ୍ ବଢ଼ୁଛି, ଟିକାକରଣ କମୁଛି

**ଜଗତ୍‌ସିଂହପୁର :** ଦ୍ୱିତୀୟ କରୋନା ଲହରରେ ସଂକ୍ରମଣ ସଂଖ୍ୟା ବଢ଼ି ବଢ଼ି ଚାଲୁଥିବା ବେଳେ ମୃତ୍ୟୁ ସଂଖ୍ୟାରେ ବି ରୋକ ଲଗାଯାଉନାହିଁ, ହେଲେ ସରକାର ଲକଡାଉନ୍ ବଢ଼ାଉଥିବା ବେଳେ ଟୀକାକରଣ ସ୍ଥାନ ଗୁଡିକରେ ଏବେ ତାଲା ଝୁଲିବା ଆରମ୍ଭ ହେଲାଣି । ସରକାର ଗଣମାଧ୍ୟମ ଆଗରେ କୋଭିଡ୍ ସଂକ୍ରମଣ ସଂଖ୍ୟା ହ୍ରାସ ପାଉଛି ବୋଲି କହୁଥିବା ବେଳେ ଟୀକାକରଣ ଉପରେ ଗୁରୁତ୍ୱ ଦେଉନାହାଁନ୍ତି । ସେହିପରି ଟେଷ୍ଟିଂ ଉପରେ ବି ଆଉ ଗୁରୁତ୍ୱ ଦିଆଯାଉନଥିବାରୁ ସଂକ୍ରମଣ ସଂଖ୍ୟା କମି କମି ଗଲାଣି, କିନ୍ତୁ ମୃତ୍ୟୁ ସଂଖ୍ୟା ବଢ଼ିବାରେ ଲାଗିଛି । ଗାଁ ଗହଳି ମାନଙ୍କରେ କରୋନା ରୋଗକୁ ଫୁ କରିଦେଇ ଚହା, ପାନ, ଗ୍ରୋସରି ଦୋକାନ, ପରିବା ଦୋକାନ ଓ ଜଳଖିଆ ଦୋକାନ ମାନ ଦିନରାତି ଖୋଲା ହେଉଥିବାର ଦେଖିବାକୁ ମିଳୁଥିବା ବେଳେ ସରକାରୀବାବୁମାନେ ନିରବଦ୍ରଷ୍ଟା ସାଜୁଛନ୍ତି । ପ୍ରଥମ କରୋନା ସମୟରେ ଥାନା ଓ ତହସିଲ ପକ୍ଷରୁ ଯେଉଁ ଅମାନିଆ ମାନଙ୍କ ଉପରେ ଚଢ଼ାଉ ହେଉଥିଲା ଏବେ ଗାଁ ଗହଳି ମାନଙ୍କରେ ସେ ଚଢ଼ାଉ ଆଉ ହେନାହିଁ ଫଳରେ ସଂକ୍ରମଣ ସଂଖ୍ୟା କମିବାରେ ଲାଗୁଥିବା ବେଳେ ମୃତ୍ୟୁ ସଂଖ୍ୟା ଧିରେ ଧିରେ ବଢ଼ି ବଢ଼ି ଚାଲିଛି । ଜଗତ୍‌ସିଂହପୁର ଜିଲ୍ଲାର ବିଭିନ୍ନ ହାଟ ବଜାର ଓ ଗ୍ରୋସରୀ ଦୋକାନମାନଙ୍କରେ ଯେଉଁ ଭିଡ ହେଉଛି, ସେଥିରେ ମାସ୍କ ପିନ୍ଧିବା ଦୂରରେ ଥାଉ, ସାମାଜିକ ଦୂରତ୍ୱ ରକ୍ଷା କରାଯାଉନାହିଁ । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରୁ ଆରମ୍ଭ କରି ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ରାସ୍ତାଟି ପରିବା ଦୋକାନ, ବୁଲା ଜଳଖିଆ ଦୋକାନୀମାନଙ୍କ ପାଇଁ ଚରାଭୂଇଁ ପାଲଟି ଗଲାଣି । ଟ୍ରାଫିକ୍ ପୋଲିସ୍ ସେହି ରାସ୍ତା ଜଗୁଥିଲେ ବି ସୋମନେ କେବଳ ଡ୍ରେସ୍ ଖଣ୍ଡେ ପିନ୍ଧି ଦେଇ ଗଛମୂଳେ ବିଶ୍ରାମ ନେଉଥିବାର ଦେଖିବାକୁ ମିଳୁଛି । ଲକଡାଉନ ଆଉ ପନ୍ଦରଦିନ ବଢ଼ିଥିଲେ ବି ଟୀକାକରଣ ଉପରେ ଗୁରୁତ୍ୱ ଦେଉନାହାଁନ୍ତି । ସଂକ୍ରମଣ ସଂଖ୍ୟା ବଢ଼ି ଚାଲିବ । ଦ୍ୱିତୀୟ କୋଭିଡ୍ ମହାମାରୀ ପରେ ପରେ ତୃତୀୟ ମହାମାରୀ ଆସିବାର ସମୟ ପାଖେଇ ଆସିଲାଣି ଏ ଦିଗରେ ସରକାର ଆଗରୁ ପଦକ୍ଷେପ ଗ୍ରହଣ ନକଲେ ପରିସ୍ଥିତି ଭୟଙ୍କର ହୋଇଯିବ । ବିବାହ ଉତ୍ସବ ଗ୍ରାମାଞ୍ଚଳ ମାନଙ୍କରେ ଭୋଜି ଭାତର ଆସର ନକରିବାକୁ ସରକାରୀ ନିୟମାବଳୀ ଜାରିକରିଥିଲେ ବି ଲୋକମାନେ ମଣ୍ଡପ ବା ଘରକୁ ଖାଇବାକୁ ନଯାଇ ଘର ଘର ବୁଲି ପାର୍ସଲ କରିଦିଆଯାଉଛି । ଏଥିରେ କୋଭିଡ୍ ସଂକ୍ରମଣ ବ୍ୟାପିବାରେ ଲାଗିବ ନା କମିଯିବ ଏ ନେଇ ବୃଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି । ସରକାର ନିୟମ କରି ନିଜେ ବି ଏହାର ଉଲଘଂନ କରୁଛନ୍ତି । କେଉଁ ଆଧାରରେ କରୋନା ଦ୍ୱିତୀୟ ଲହରୀ ବ୍ୟାପିବାରେ ଲାଗୁଛି, ସଂକ୍ରମଣ ସଂଖ୍ୟା କମିବ ନାହିଁ କି ମୃତ୍ୟୁ ସଂଖ୍ୟାରେ ଲଗାମ ଲଗାଯାଇପାରିବ ନାହିଁ। ଟୀକାକରଣ କରିବା ସହିତ ଟେଷ୍ଟିଂ ଉପରେ ଗୁରୁତ୍ୱ ଦିଆନଗଲେ ତୃତୀୟ ଲହର ବେଳକୁ ପରିସ୍ଥିତି ଅଣାୟତ ହୋଇଯିବ।

# ୫ ଜିଲ୍ଲାରେ ବଢ଼ିବ କୋଭିଡ ଶଯ୍ୟା

**ଭୁବନେଶ୍ୱର :** ରାଜ୍ୟର ୫ଟି ଜିଲ୍ଲାରେ ଥିବା କୋଭିଡ୍ କେୟାର ସେଣ୍ଟର୍, ହୋମ୍ ଓ ହସ୍ପିଟାଲରେ ଶଯ୍ୟା ସଂଖ୍ୟା ବୃଦ୍ଧି ପାଇବ। କରୋନା ମହାମାରୀର ମୁକାବିଲା ପାଇଁ ରାଜ୍ୟ ସରକାରଙ୍କ ବୈଷୟିକ କମିଟି ପ୍ରସ୍ତାବ ଦେବା ପରେ ମୁଖ୍ୟମନ୍ତ୍ରୀ ଏହାକୁ ଅନୁମୋଦନ ଦେଇଛନ୍ତି। ଯେଉଁଠାରେ ପୂର୍ବରୁ ରହିଛି ସେଠାରେ ଅତିରିକ୍ତ ଶଯ୍ୟା ଓ କେତେକ ସ୍ଥାନରେ ନୂତନ କୋଭିଡ ହସ୍ପିଟାଲ ପାଇଁ ଅନୁମତି ଦିଆଯାଇଛି। ଆସନ୍ତା ୩ ମାସ ପାଇଁ ଏହିସବୁ ବ୍ୟବସ୍ଥା କାର୍ଯ୍ୟ କରିବ। ଏଥିପାଇଁ ହେବାକୁ ଥିବା ଖର୍ଚ୍ଚକୁ ବିଭିନ୍ନ ଉତ୍ସ ଜରିଆରେ ଭରଣା କରାଯିବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସଂପୃକ୍ତ ଜିଲ୍ଲାର ଜିଲ୍ଲାପାଳ ଓ ଭୁବନେଶ୍ୱର, କଟର ନଗର ନିଗମକୁ ଚିଠି ଜାରି ହୋଇଛି। ଅନୁଗୁଳର ଇଏସ୍ଆଇ ହସ୍ପିଟାଲରେ ସାଧାରଣ ଶଯ୍ୟା ୧୨୦ ଓ ଆଇସିୟୁ ୩୦ ଶଯ୍ୟା ରହିଛି। ନାଲକୋ ଦ୍ୱାରା ଏହା ପରିଚାଳିତ ହେବ। ସେହିପରି କଟକରେ ମିଡିଏରା ହସ୍ପିଟାଲ ଓ ରିସର୍ଚ୍ଚ ଇନଷ୍ଟିଚ୍ୟୁଟ୍‌ରେ ସାଧାରଣ ଶଯ୍ୟା ୪୦, ଆଇସିୟୁ ୨୫, ଏଚ୍‌ଡିୟୁ ୬୦, ଡାଏଲିସିସ ୨ ଶଯ୍ୟା ରଖାଯାଇଛି। ଡିଏଚ୍‌ସି ଜିମସାରରେ ୧୫ ଆଇସିୟୁ, ଏଚ୍‌ଡିୟୁ ୨୫, ସାଧାରଣ ଶଯ୍ୟା ୧୦ର ବ୍ୟବସ୍ଥା କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ଏହାର ଖର୍ଚ୍ଚ ଭରଣା ହେବ। ଖୋର୍ଦ୍ଧାର ସମ୍ କୋଭିଡ ହସ୍ପିଟାଲରେ ପୂର୍ବରୁ ୧୭୯ ଆଇସିୟୁ ଶଯ୍ୟା ଥିବା ବେଳେ ଆହୁରି ୪୦ ସାମିଲ ହେବ। ଫଳରେ ସମୁଦାୟ ଆଇସିୟୁ ସଂଖ୍ୟା ୨୧୯କୁ ବୃଦ୍ଧି ପାଇବ। ଏମ୍‌ସିଏଲ ଦ୍ୱାରା ଏହାର ପରିଚାଳିତ ହେବ। ସଂଜୀବନୀ ମେଡିକେୟାର ହସ୍ପିଟାଲରେ ସାଧାରଣ ଶଯ୍ୟା ୪୩, ଆଇସିୟୁ ୨୪, ଏଚ୍‌ଡିୟୁ ୩୩ ଶଯ୍ୟା ରହିବ। ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ଏହାକୁ ଭରଣା କରାଯିବ। କିମ୍ସ କୋଭିଡ ହସ୍ପିଟାଲରେ ଅତିରିକ୍ତ ୧୫୦ ସାଧାରଣ ଶଯ୍ୟା, ଆଇସିୟୁ ୨୫ ଓ ଏଚ୍‌ଡିୟୁ ୨୫ଶଯ୍ୟା ଅତିରିକ୍ତ ଶଯ୍ୟା ରହିବ। ଓଏମ୍‌ସି ଏହାର ଖର୍ଚ୍ଚ ଭରଣା କରିବ।

# ଟିକା ପ୍ରସଙ୍ଗ : ନବୀନଙ୍କୁ ପିନରାଇ ବିଜୟନଙ୍କ ସମର୍ଥନ

**ଭୁବନେଶ୍ୱର :** ଟିକାକରଣ ବାବଦରେ ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ୟମକୁ ସମର୍ଥନ ଜଣାଇଛନ୍ତି କେରଳ ମୁଖ୍ୟମନ୍ତ୍ରୀ ପିନରାଇ ବିଜୟନ। ଚିଠି ଲେଖି ନବୀନଙ୍କ ଦାବିକୁ ସମର୍ଥନ ଜଣାଇଛନ୍ତି କେରଳ ମୁଖ୍ୟମନ୍ତ୍ରୀ। କେନ୍ଦ୍ର ସରକାର ଟିକା କିଣି ରାଜ୍ୟମାନଙ୍କୁ ବଣ୍ଟନ କରିବା ଓ ରାଜ୍ୟମାନଙ୍କୁ ଟିକାକରଣ ଯୋଜନା ପରିଚାଳନା ଲାଗି ନବୀନ ଦାବି କରିଥିଲେ। ସେହିପରି ଟିକାଦାନ ନିଷ୍ପତ୍ତି ରାଜ୍ୟ ସରକାରଙ୍କ ଉପରେ ଛାଡିବାକୁ କହିଥିଲେ। ଏହି ମର୍ମରେ ଦେଶର ସମସ୍ତ ମୁଖ୍ୟମନ୍ତ୍ରୀ ଏକାଠି ହୋଇ କେନ୍ଦ୍ର ନିକଟରେ ଦାବି କରିବାକୁ ସମସ୍ତ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଥିଲେ ନବୀନ। ଏପରିକି



୬ଟି ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ସହ ନିଜେ କଥା ହୋଇଥିଲେ। ଏହାପରେ ନବୀନଙ୍କ ଦାବିରେ ସ୍ୱର ମିଳାଇଛନ୍ତି କେରଳ ମୁଖ୍ୟମନ୍ତ୍ରୀ। ଦେଶ କରୋନା ମହାମାରୀ ବିରୋଧରେ ଲଢୁଥିବା ବେଳେ ଓଡ଼ିଶା ସହିତ ମିଶି ମୁକାବିଲା କରିବା ପାଇଁ ସେ ଇଚ୍ଛୁକ ଥିବା ଚିଠିରେ ଉଲ୍ଲେଖ କରିଛନ୍ତି।

# ଦନ୍ତା ଆକ୍ରମଣରେ ଜଣେ ମୃତ

**ରେଢାଖୋଲ :** ସମ୍ବଲପୁର ଜିଲ୍ଲା ରେଢାଖୋଲ ବନଖଣ୍ଡ ଅଞ୍ଚଳରେ ଦିନକୁ ଦିନ ହାତୀ ଉପଦ୍ରବ ବଢିବା ସହ ଲୋକଙ୍କୁ ଆକ୍ରମଣ କରି ମାରି ପକାଉ ଥିବା ଘଟଣା ମଧ୍ୟ ବଢି ଚାଲିଛି। ରେଢାଖୋଲ ରେଞ୍ଜ ଲୁହାପଙ୍କ ସେକ୍ସନ ଅନ୍ତର୍ଗତ ଦଲକି ନିକଟସ୍ଥ ଖସଡ଼ା ଜଙ୍ଗଲରେ ଜଙ୍ଗଲୀ କନ୍ଦା ଲୋକେ ଖୋଳିବାକୁ ଯାଇଥିବା ବେଳେ ପୂର୍ବାହ୍ନ ପ୍ରାୟ ସାଢ଼େ ୧୧ ଟା ବେଳେ ଏକ ବଣୁଆ ଦନ୍ତା ହାତୀ ଆକ୍ରମଣର କରି ଦଳି ଚକଟି ଦେବାରୁ ଜଣେ ଆଦିବାସୀ ଲୋକଙ୍କ ଘଟଣା ସ୍ଥଳରେ ମୃତ୍ୟୁ ହୋଇଛି। ମୃତକ ଜଣଙ୍କ ହେଲେ ରେଢାଖୋଲ ଉପଖଣ୍ଡ ନାକଟିଦେଉଳ ବ୍ଲକ ଘୋଷରମାଳ ପଞ୍ଚାୟତ ଅନ୍ତର୍ଗତ ବଡ଼ମାଳ(ରକ୍ଷି) ଗ୍ରାମ ରାଣୀବଣିଆ ସାହିର ଭାରଜିଲ ଲାକଡ଼ା(୪୬)। ପ୍ରକାଶ ଥାଉକି ବଡ଼ମାଳ ଗ୍ରାମ ଅଞ୍ଚଳର ୫ ଜଣ ବ୍ୟକ୍ତି ରେଢାଖୋଲ ରେଞ୍ଜ ଲୁହାପଙ୍କ ସେକ୍ସନ ଅନ୍ତର୍ଗତ ଦଲକି ଗ୍ରାମ ନିକଟସ୍ଥ ଖସଡ଼ା ଜଙ୍ଗଲ ଭିତରକୁ କନ୍ଦା ଖୋଳିବାକୁ ଯାଇଥିଲେ। ହେଲେ ଜଙ୍ଗଲକୁ ଯାଇ ଥିବା ଏହି ଲୋକେ କନ୍ଦା ଖୋଳୁ ଥିବା ବେଳେ ଜଙ୍ଗଲୀ ଦନ୍ତା ହାତୀ ଆକ୍ରମଣ କରି ଥିଲା। ଏହି ଦନ୍ତା ହାତୀ ଭାରଜିଲ ଲାକଡ଼ାଙ୍କୁ ଦଳି ଚକଟି କଚାଡି ମାରି ଦେଇଥିଲା। ଘଟଣା ପରେ ଲୋକେ ବନ ବିଭାଗକୁ ଖବର ଦେଇ ଥିଲେ। ଖବର ପାଇ ରେଢାଖୋଲ ରେଞ୍ଜ ଲୁହାପଙ୍କ ଫରେଷ୍ଟର ଧର୍ମୁ ଧର ପ୍ରଧାନ, ଫରେଷ୍ଟ ଗାର୍ଡ କିଶୋର ଚନ୍ଦ୍ର ପ୍ରଧାନ, ଅଜିତ କୁମାର ସାହୁ ପ୍ରମୁଖ ଘଟଣା ସ୍ଥଳକୁ ଯାଇ ମୃତ ଦେହ ଉଦ୍ଧାର କରି ରେଢାଖୋଲ ଉପଖଣ୍ଡ ଡାକ୍ତରଖାନାକୁ ଅଣା ଯାଇଛି। ମୃତ ପରିବାର ଏକ ଆଦିବାସୀ ଗରିବ ପରିବାର ହୋଇ ଥିବା ବେଳେ ତାଙ୍କର ପତ୍ନୀ ସମେତ ୩ ପୁଅ ଓ ଗୋଟିଏ ଝିଅ ଅଛନ୍ତ। ଏଣୁ ଉକ୍ତ ପରିବାରଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହେଉଛି।

# ବାତ୍ୟା ପରବର୍ତ୍ତୀ ବନ୍ୟା ସ୍ଥିତି ମନୁଷ୍ୟକୃତ : ବିଜେପି

**ଭୁବନେଶ୍ୱର :** ରାଜଧାନୀ କୋଳରେ ବସି ରହି ବାତ୍ୟା ଓ ବନ୍ୟା ସୁପରିଚାଳନା କରିବାର ମିଛ ବାଃ ବାଃ ସାଉଁଟିବାରେ ସିଦ୍ଧହସ୍ତ ରାଜ୍ୟ ସରକାର । ସଦ୍ୟ ଘଟିଥିବା ବାତ୍ୟା ଯଶ୍ ପରିଚାଳନାରେ ଏହାର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି । ବାତ୍ୟା ପୂର୍ବରୁ ସ୍ଥିତିର ମୁକାବିଲା ପାଇଁ ବିଭିନ୍ନ ପ୍ରକାରର ପଦକ୍ଷେପ ନିଆଯାଇଥାଏ । ୨୦୦୮ ମସିହାରେ ବିଧାନସଭାରେ ଗୃହ ବିଭାଗ କମିଟି ଦେଇଥିବା ରିପୋର୍ଟ ଆଧାରରେ ରାଜ୍ୟ ସରକାର ବାତ୍ୟା ଯଶ୍ ମୁକାବିଲା କୌଣସି ପ୍ରାକ ପ୍ରସ୍ତୁତି କରିନଥିଲେ ବୋଲି ପୂର୍ବତନ ରାଜସ୍ୱ ମନ୍ତ୍ରୀ ତଥା ଯଶ୍ ବାତ୍ୟା ପାଇଁ ଗଠିତ ପାର୍ଟୀ ତରଫରୁ ରାଜ୍ୟ ସଂଯୋଜକ ଶ୍ରୀ ମନମୋହନ ସାମଲ ଅଭିଯୋଗ କରିଛନ୍ତି। ବାତ୍ୟା ଯଶ୍ ଓଡିଶାରେ ତାଣ୍ଡବ ରଚିବ ବୋଲି ବହୁ ପୂର୍ବରୁ ଭାରତୀୟ ପାଣିପାଗ ରାଜ୍ୟ ସରକାରଙ୍କୁ ସୁଚନା ଦେଇଥିଲା । ବାତ୍ୟାର ପ୍ରତିଟି ମୁହୂର୍ତ୍ତ ବିଷୟରେ ରାଜ୍ୟ ସରକାରଙ୍କୁ ଅବଗତ କରାଯାଇଥିଲା। ବାତ୍ୟା ପୂର୍ବ ଓ ପରବର୍ତ୍ତୀ ସହାୟତା ପାଇଁ ଏନଡିଆରଏଫ ସମସ୍ତ ପ୍ରକାରର ସହଯୋଗ କରିଥିଲା। ବାତ୍ୟା ହେବା ପୂର୍ବରୁ ଏନଡିଆରଏଫ ଯବାନମାନେ ପ୍ରଭାବିତ ହେବାକୁ ଥିବା ଅଂଚଳକୁ ଯାଇ ପ୍ରସ୍ତୁତ ରହିଲେ । ଅନ୍ୟ ପଟେ ରାଜ୍ୟ ସରକାର ମଧ୍ୟ ସଂପୁର୍ଣ୍ଣ ପ୍ରସ୍ତୁତ ଥିବାର ସୁଚନା ଦେଲେ । ବାତ୍ୟା ପ୍ରଭାବିତ ଆଂଶକା ଥିବା ସମସ୍ତ



ଜିଲ୍ଲା ପାଇଁ ଅତିରିକ୍ତ ଭାବେ ଜଣେ ଲେଖାଏଁ ବରିଷ୍ଠ ପ୍ରଶାସନିକ ଅଧିକାରୀଙ୍କୁ ଦାୟୀତ୍ୱ ପ୍ରଦାନ କଲେ । ବାତ୍ୟା ପୂର୍ବ ଓ ପରବର୍ତ୍ତୀ ପରିସ୍ଥିତିକୁ ମୁକାବିଲା ପାଇଁ ପ୍ରସ୍ତୁତ ଅଛୁ ବୋଲି ଗଣମାଧ୍ୟମ ଜରିଆରେ ଘୋଷଣା କଲେ। ମାତ୍ର ଏହା କେବଳ ପ୍ରଚାର ସର୍ବସ୍ୱ ଥିବାବେଳେ ବାସ୍ତବ ସ୍ଥିତି ସଂପୂର୍ଣ୍ଣ ଭିନ୍ନ ଅଟେ ବୋଲି ଶ୍ରୀ ସାମଲ କହିଛନ୍ତି। ବାତ୍ୟା ପୂର୍ବରୁ ପ୍ରଭାବିତ ଅଂଚଳବାସୀଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତରିତ କରାଯାଇଛି ବୋଲି ବାରମ୍ବାର କହିବା କେବଳ ପ୍ରହସନ / ଡ୍ରାମା ଥିଲା । ଅଳ୍ପ କିଛି ଲୋକଙ୍କୁ ସ୍ଥାନାନ୍ତରିତ କରି ପ୍ରଭାବିତ ସମଗ୍ର ଅଂଚଳବାସିଙ୍କୁ ସ୍ଥାନାନ୍ତରିତ କରାଯାଇଛି ବୋଲି କହିଲେ । ୫୦ ଜଣଙ୍କୁ ସ୍ଥାନାନ୍ତରିତ କରାଯାଇ ୩୦୦ ବୋଲି ଉଲ୍ଲେଖ କରାଯାଇଛି ବୋଲି ଶ୍ରୀ ସାମଲ ଅଭିଯୋଗ କରିଛନ୍ତି। ବାତ୍ୟା ଆଶ୍ରୟସ୍ଥଳୀରେ କୌଣସି ବ୍ୟବସ୍ଥା କରାଯାଇନଥିଲା । ବାତ୍ୟାଶ୍ରୟସ୍ଥଳୀର ମରାମତି କରାଯାଇନଥିଲା । ପାନୀୟ ଜଳ, ବିଜୁଳି, କିରୋସିନି, ଖାଦ୍ୟ ଆଦିର ବ୍ୟବସ୍ଥା ନଥିଲା । ୧-୨ ପ୍ୟାକେଟ ବିସ୍କୁଟ, ୫୦ ଗ୍ରାମ ଚୁଡା ଦେଇ ରିଲିଫ କାର୍ଯ୍ୟର କେବଳ ଔପଚାରିକତା ପୂରଣ କରାଯାଇଥିଲା । କୋଭିଡ୍ ଗାଇଡଲାଇନ ଅନୁଯାୟୀ ବାତ୍ୟାଶ୍ରୟ ପରିଚାଳନା ହେଉଥିବା କହି ମିଥ୍ୟା ପ୍ରଚାର କଲେ । ଏହି କାରଣରୁ ବହୁ ପ୍ରଭାବିତ ବାତ୍ୟାଶ୍ରୟକୁ ଯାଇନଥିଲେ। ବାତ୍ୟା ପରବର୍ତ୍ତୀ ମୁକାବିଲା କ୍ଷେତ୍ରରେ ଉପୁଡି ପଡିଥିବା ଗଛ, ହୋର୍ଡିଂ ଇତ୍ୟାଦି ସଫା କରାଯାଇ ଗମନାଗମନ ବ୍ୟବସ୍ଥାକୁ ପୁନଃକ୍ଷମ କରାଗଲା ବୋଲି ଘୋଷଣା କଲେ । ବାତ୍ୟା ଯିବାର ଆଜିକୁ ୯ ଦିନ ବିତି ଯାଇଥିଲେ ସୁଦ୍ଧା ବହୁ ଘରେ ଓ ରାସ୍ତାରେ ଗଛ ପଡି ରହି ଗମନାଗମନ ବ୍ୟାହତ ହୋଇରହିଛି । ଘରଛପର ହରାଇଥିବା ଅସହାୟ ପ୍ରଭାବିତଙ୍କୁ ସାମାନ୍ୟ ପଲିଥିନ ଦିଆଯାଇନାହିଁ । ବର୍ତ୍ତମାନ ସୁଦ୍ଧା ଘର ଭଙ୍ଗା ତଦନ୍ତ ଆରମ୍ଭ ହୋଇପାରି ନାହିଁ । ଦୁର୍ଭାଗ୍ୟର ବିଷୟ, ପ୍ରଶାସନ ଅଧିକାରୀମାନେ ବର୍ତ୍ତମାନ ସୁଦ୍ଧା ସମସ୍ତ ବାତ୍ୟା ଓ ବନ୍ୟା ପ୍ରଭାବିତ ଅଂଚଳରେ ପହଂଚି ନାହାନ୍ତି। ବାତ୍ୟା ପରବର୍ତ୍ତୀ ବନ୍ୟା ସ୍ଥିତି ସଂପୂର୍ଣ୍ଣ ଭାବେ ମନୁଷ୍ୟକୃତ ବୋଲି ପ୍ରମାଣିତ ହୋଇଛି । ଜଳସଂପଦ ଓ ଡ୍ରେନେଜ ବିଭାଗ ସଂପୂର୍ଣ୍ଣ ଅଚଳ ହୋଇଯାଇଛି । ବହୁ ଅଂଚଳରେ ନଦୀ ବନ୍ଧ ଭାଙ୍ଗିଯିବା ଘଟଣା ପଦାକୁ ଆସିଛି । ସ୍ଲିସ୍ ଗେଟ ଦେଇ ବନ୍ୟାଜଳ ନିଷ୍କାସନ ପାଇଁ ବ୍ୟବସ୍ଥା କରାଗଲା ନାହିଁ । ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡା, ଯାଜପୁର ଜିଲ୍ଲାର ବହୁ ଅଂଚଳ ଜଳମଗ୍ନ ଏବଂ ଅଂଚଳବାସୀ ପାଣି ଘେରରେ ଅଛନ୍ତି। ବାତ୍ୟା ଓ ବନ୍ୟା ପ୍ରଭାବିତଙ୍କୁ କେବଳ ଶୁଖିଲା ଖାଦ୍ୟ ବଂଟନ କରାଯାଉଛି । ତାହା ପୁଣି ସମୁଦ୍ରକୁ ଶଙ୍ଖେ ସଦୃଶ । ଏପରିକି ବହୁ ଅଂଚଳରେ ଶୁଖିଲା ଖାଦ୍ୟ ମଧ୍ୟ ଦିଆଯାଇନାହିଁ । ରନ୍ଧା ଖାଦ୍ୟ ଆଦୌ ଦିଆଯାଇନାହିଁ। ବାତ୍ୟାଂଚଳର କୌଣସି ଗୋଟିଏ ଗୋଦାମ ଗୃହରେ ଚାଉଳ, ଗହମ ଆଦି ଖାଦ୍ୟ ସାମଗ୍ରୀ ମହଜୁଦ୍ ନଥିଲା । ଏପରିକି ପ୍ରଧାନମନ୍ତ୍ରୀ ଘୋଷଣା କରିଥିବା ଚାଉଳ ମଧ୍ୟ ମହଜୁଦ୍ ନଥିଲା ବୋଲି ଶ୍ରୀ ସାମଲ କ୍ଷୋଭ ପ୍ରକାଶ କରି କହିଛନ୍ତି । ରିଲିଫ ସାମଗ୍ରୀ ବଂଟନରେ ବ୍ୟାପକ ଅନୀୟମିତତା ହୋଇଛି । ଗାଡି ଭଡାର ଆଳ ଦେଖାଇ ପ୍ରଭାବିତ ଅସହାୟମାନଙ୍କୁ କମ୍ ପରିମାଣରେ ରିଲିଫ ସାମଗ୍ରୀ ପ୍ରଦାନ କରାଯିବା ଅତ୍ୟନ୍ତ ନିନ୍ଦନୀୟ ବୋଲି ଶ୍ରୀ ସାମଲ କହିଛନ୍ତି।

## ଜିଲ୍ଲାସ୍ତରୀୟ ନୋଡାଲ ବୈଠକ

# ଗ୍ରାମାଞ୍ଚଳରେ ବ୍ୟାପକ ଟୀକାକରଣ ଉପରେ ଗୁରୁତ୍ୱ

**ଡାବୁଗାଁ :** ନବରଙ୍ଗପୁର ଜିଲ୍ଲାପାଳ ଡ଼ଃ ଅଜିତ କୁମାର ମିଶ୍ରଙ୍କ ଅଧକ୍ଷତାରେ ଜିଲ୍ଲା ସ୍ତରୀୟ ନୋଡାଲ ବୈଠକ ଭର୍ଚୁଅଲ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଅଛି। ବିଶେଷ କରି ଏହି ବୈଠକରେ ନବରଙ୍ଗପୁର ଜିଲ୍ଲାରେ ଦିନକୁ ଦିନ ବୃଦ୍ଧି ପାଉଥିବା କୋଭିଡ ସଂକ୍ରମଣ ସମ୍ପର୍କରେ ବ୍ଲକ ୱାରୀ ସମୀକ୍ଷା କରାଯାଇଥିଲା। ରାଜ୍ୟ ସରକାର ନବରଙ୍ଗପୁର ସହର ପାଇଁ ୧୮ ବର୍ଷରୁ ୪୪ ବର୍ଷ ଲୋକଙ୍କ ଟୀକା କରଣ ପାଇଁ ୨୦,୦୦୦ ଟୀକା ଯୋଗାଇ ଥିଲେ, ତାହା ନବରଙ୍ଗପୁର ସହରରେ ମାତ୍ର ଚାରି ଦିନ ମଧ୍ୟରେ ୨୦୦୦୦ ସଂଖ୍ୟକ ଟୀକାକରଣ କାର୍ଯ୍ୟ ସମାପ୍ତ କରାଯାଇଥିଲା ବୋଲି ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ଼ଃ ଚୌଧୁରୀ ଶୋଭାରାଣୀ ମିଶ୍ର ବୈଠକରେ ସୂଚନା ପ୍ରଦାନ କରିଥିଲେ। ଗ୍ରାମାଞ୍ଚଳରେ ସମସ୍ତଙ୍କୁ ଟୀକାକରଣ ନିମନ୍ତେ ନିର୍ବାଚିତ ପ୍ରତିନିଧି, ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ସମନ୍ୱିତ ଶିଶୁ ବିକାଶ ଅଧିକାରୀ, ଆଶା, ଅଙ୍ଗନବାଡି ଏବଂ ଏ ଏନ ମ ଦିଦି ଏବଂ ସମ୍ପୃକ୍ତ ଡାକ୍ତର ପରସ୍ପର ସହିତ ସମ୍ପର୍କ ସ୍ଥାପନ କରି ବ୍ୟାପକ ସଚେତନତା ଅଭିଯାନ ଆରମ୍ଭ କରିବା ନିମନ୍ତେ ନିଷ୍ପତ୍ତି ନେଇ ପ୍ରତିଦିନ ଜିଲ୍ଲାରେ ୩୦୦୦ ଟୀକାକରଣ କରିବା ନିମନ୍ତେ ଲକ୍ଷ ଧାର୍ଯ୍ୟ କରାଗଲା। ରାଜ୍ୟ ସରକାରଙ୍କ ନିଷ୍ପତି କ୍ରମେ ଅନୁସନ୍ଧାନ, ପରୀକ୍ଷା, ଚିକିତ୍ସାକୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ ଆବଶ୍ୟକୀୟ ପଦକ୍ଷେପ ନେବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ଟୀକାକରଣ ନାମରେ ଯେଉଁ ବିଭିନ୍ନ ପ୍ରକାରର ମିଥ୍ୟା ଗୁଜବ ସୃଷ୍ଟି ହେଉଛି, ତାକୁ ଆମେ ପ୍ରତିହିତ କରିବାକୁ ପଡିବ ବୋଲି ଜିଲ୍ଲାପାଳ ସମସ୍ତଙ୍କୁ ଅନୁରୋଧ କରିଥିଲେ। ଗ୍ରାମ, ପଞ୍ଚାୟତ ଠାରୁ ଟୀକାକରଣ କେନ୍ଦ୍ରକୁ ଆଣି ବହୁତ ଲୋକଙ୍କୁ ଟୀକାକରଣ ବ୍ୟବସ୍ଥା କରାଇବାକୁ ସମ୍ପୃକ୍ତ ଅଧିକାରୀ ମାନଙ୍କୁ ପରାମର୍ଶ ଦେଇଥିଲେ। ବ୍ଲକ ନିୟନ୍ତ୍ରଣ କକ୍ଷରୁ କରୋନା ସଂକ୍ରମିତ ବ୍ୟକ୍ତିଙ୍କ ସହ ସିଧା ଆଲୋଚନା କରି ତାଙ୍କ ସ୍ୱାସ୍ଥ ଅବସ୍ଥା କିପରି ଅଛି, ଔଷଧ ସେବନ କରୁଛନ୍ତି କି ନାହିଁ, ସେମାନଙ୍କ କିଛି ଅସୁବିଧା ହେଲେ ବ୍ଲକ ନିୟନ୍ତ୍ରଣ କକ୍ଷକୁ ଯୋଗାଯୋଗ କରିବା, ଔଷଧ ଖାଇବା ଇତ୍ୟାଦି ପରାମର୍ଶ ଦେବା ପାଇଁ ଜିଲ୍ଲାପାଳ ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଗୋଷ୍ଠୀ ଉନ୍ନୟନ ଅଧିକାରୀ ଏବଂ ସମ୍ପୃକ୍ତ ମେଡିକାଲ ଅଫିସର ବ୍ଲକ ସ୍ତରୀୟ ମାଇକ୍ରୋ ପ୍ଲାନ ପ୍ରସ୍ତୁତ କରିବା ପାଇଁ ଜିଲ୍ଲାପାଳ କଡା ନିର୍ଦ୍ଦେଶ ଦେଇଛନ୍ତି। ଦିନକୁ ଜିଲ୍ଲାରେ ୧୮୦୦ ଲୋକଙ୍କ ସ୍ୱାସ୍ଥ ପରୀକ୍ଷା କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଗାଁ କଲ୍ୟାଣ ସମିତି ଦ୍ୱାରା ଆସନ୍ତା ୧୫ ତାରିଖ




ସୁଦ୍ଧା ଗ୍ରାମର ପରିମଳ ବ୍ୟବସ୍ଥା ସୁଧାରିବା ପାଇଁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ସେହିପରି, ବାହାରୁ ରାଜ୍ୟରୁ ଆସୁଥିବା ଦାଦନ ଏବଂ ଲକଡ଼ାଉନ ଜନିତ ସମସ୍ୟା ଯୋଗୁଁ ଲୋକଙ୍କ ଜୀବିକା ଜୀବନ ଉପରେ ଯେପରି ପ୍ରଭାବ ନ ପଡିବାକୁ ଦୃଷ୍ଟିରେ ରଖି ନବରଙ୍ଗପୁର ଜିଲ୍ଲାରେ ଦୈନନ୍ଦିନ ଅଧିକରୁ ଅଧିକ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମଯୋଗଣ ଯୋଜନା ଜରିଆରେ ଅଧିକ କର୍ମ ଦିବସ ସୃଷ୍ଟି କରି ସମସ୍ତଙ୍କୁ କାମ ଯୋଗାଇବା ପାଇଁ ଜିଲ୍ଲାର ସମସ୍ତ ସମ୍ପୃକ୍ତ ଅଧିକାରୀ ମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ବୈଠକରେ ନୋଡାଲ ଅଧିକାରୀ, ପିଡି ଡିଆରଡିଏ ରମାକାନ୍ତ ନାୟକ, ଅତିରିକ୍ତ ଜିଲ୍ଲାପାଳ, ରତ୍ନାକର ସାହୁ, ଉପ ଜିଲ୍ଲାପାଳ ଭାସ୍କର ରୋଇତ, ଜିଲ୍ଲା ଜରୁରୀ କାଳୀନ ଅଧିକାରୀ, ମୌସୁମୀ ନାୟକ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସୁରେଶ ପଟନାୟକ, ଜିଲ୍ଲା ମଙ୍ଗଳ ଅଧିକାରୀ, ପବିତ୍ର ମୋହନ ପ୍ରଧାନ, ଜିଲ୍ଲା ପଞ୍ଚାୟତ ଅଧିକାରୀ, ଶିଶିର କୁମାର ପାଣି, ଜିଲ୍ଲା ଶ୍ରମ ଅଧିକାରୀ, ନରେନ୍ଦ୍ର କୁମାର ଗାଇପାଇ, ଉପ ମୁଖ୍ୟ କାର୍ଯ୍ୟ ନିର୍ବାହି ଅଧିକାରୀ, ଓଡ଼ିଆ ଗ୍ରାମୀଣ ଉନ୍ନତି ଓ ବିପଅଣ ସଂସ୍ଥା, ଉମା ମହେଶ, ଜିଲ୍ଲା ନିଯୋଜନ ଅଧିକାରୀ, ତତ୍ୱମସି ମହାପାତ୍ରଙ୍କ ବ୍ୟତୀତ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ, ଚୌଧୁରୀ ଶୋଭାରାଣୀ ମିଶ୍ର, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ, ମେହେରୁ ମିଶା ବେଗମ, ଜିଲ୍ଲା ଶିକ୍ଷା ଅଧିକାରୀ, ଚନ୍ଦ୍ରଶେଖର ପାଣିଗ୍ରାହୀ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପଞ୍ଚାନନ ପଣ୍ଡା, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ, ନାରାୟଣ ବେହେରା, ଜିଲ୍ଲା ଯୋଗାଣ ଅଧିକାରୀ, ସଂଜୀବ କୁମାର ସାହୁ, ନିର୍ବାହୀ ଯନ୍ତ୍ରୀ, ରାସ୍ତା ଓ ଗୃହ ନିର୍ମାଣ, ପ୍ରଫୁଲ୍ଲ କୁମାର ମିଶ୍ର, ନିର୍ବାହୀ ଯନ୍ତ୍ରୀ, ଗ୍ରାମ୍ୟ ନିର୍ମାଣ ବିଭାଗ, ଜେନେରାଲ ମ୍ୟାନଜେର, ଜିଲ୍ଲା ଶିଳ୍ପ କେନ୍ଦ୍ର, ଏ ବାଣେଶ୍ୱର ରାଓ ସୁବୁଦ୍ଧିଙ୍କ, ଜିଲ୍ଲାର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ସହିତ ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ମାନେ ଯୋଗ ଦେଇଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଶୀର୍ଷ ଛୁଇଁ ଖସୁଛି ...

୭୫୦ଜଣ ନୂଆ ଡାକ୍ତରଙ୍କୁ ନିଯୁକ୍ତି ଦେଇଛନ୍ତି। ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ ୭୫୦ଜଣ ମେଡିକାଲ ଅଫିସରଙ୍କୁ ୭ଦିନ ମଧ୍ୟରେ ସେମାନଙ୍କୁ ନିଯୁକ୍ତି ମିଳିଥିବା ସ୍ଥାନରେ ଯୋଗ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ସେମାନଙ୍କୁ ନିର୍ଦ୍ଧାରିତ ଫର୍ମାଟରେ ଦାୟିତ୍ୱ ଗ୍ରହଣ କରିବା, ଭାରତୀୟ ସମ୍ବିଧାନ ପ୍ରତି ଆନୁଗତ୍ୟର ଶପଥ ନେବା, ବହୁବିବାହ କରିନଥିବାର ଘୋଷଣାପତ୍ର ଦେବା, ଭିନ୍ନକ୍ଷମ କିମ୍ବା ଅନୁସୂଚିତ ଜାତିଜନଜାତି ଓ ଏସ୍‌ଇବିସି ହୋଇଥିଲେ ଜାତିଗତ ପ୍ରମାରପତ୍ର ଦେବା ଏବଂ ନିଜର ବ୍ୟକ୍ତିଗତ ସୂଚନା ନିର୍ଦ୍ଧାରିତ ଫର୍ମାଟରେ ଚାକିରିରେ ଯୋଗ ଦେବା ବେଳେ ଦାଖଲ କରିବାକୁ ସେମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

### ରେପୋ ରେଟ୍ ...

ସେହିପରି ଏପ୍ରିଲରେ ମହଙ୍ଗା ୪.୩ ପ୍ରତିଶତ ରହିଥିବାରୁ ଏହା ଦେଶବାସୀଙ୍କ ପାଇଁ ଟିକିଏ ଅଶାସ୍ତି। ତେବେ ମୌସୁମୀ ଯଦି ଭଲ ରହିବ ତାହେଲେ ଦେଶର ଅର୍ଥନୀତି ଆଉ ଟିକିଏ ସୁଧାର ଆସିବ। ଯେପର୍ଯ୍ୟନ୍ତ କରୋନା ଶେଷ ନହୋଇଛି ସେଯାଏ ମୁଦ୍ରା ନୀତି ଅପରିବର୍ତ୍ତିତ ରହିବା ଆବଶ୍ୟକ। ନହେଲେ ଲୋକଙ୍କ ଉପରେ ଆର୍ଥିକ ବୋଝ ଅଧିକ ରହିବ। ଆରବିଆଇ ଚଳିତ ଆର୍ଥିକ ବର୍ଷ (୨୦୨୧-୨୨)ରେ ଦେଶର ଜିଡିପି ୧୦.୫ ପ୍ରତିଶତରୁ କମାଇ ୯.୫ ପ୍ରତିଶତ ରହିବ ବୋଲି ଆକଳନ କରିଛନ୍ତି। ମୁଦ୍ରାସ୍ଫୀତି ହାର ଉପରେ ଦାସ କହିଛନ୍ତି ଯେ ପ୍ରଥମ ତିନି ମାସ ମୁଦ୍ରାସ୍ଫୀତି ହାର ୫.୨୦ ପ୍ରତିଶତ, ଦ୍ୱିତୀୟ ତ୍ରୟମାସରେ ୫.୪ ପ୍ରତିଶତ, ତୃତୀୟ ତ୍ରୟମାସରେ ୪.୭ ଏବଂ ଚତୁର୍ଥ ତ୍ରୟମାସରେ ୫.୩ ପ୍ରତିଶତ ରହିପାରେ ବୋଲି ଆରବିଆଇ ଆକଳନ କରିଛି। ସେହିପରି ଦର ଦାମର ଚାପ କମାଇବା ପାଇଁ ସରକାରଙ୍କ ପଦକ୍ଷେପ ଯୁକ୍ତିଯୁକ୍ତ ବୋଲି ଶକ୍ତିକାନ୍ତ ଦାସ କହିଛନ୍ତି। ଚାହିଦା କମ୍ ହେତୁ ମୂଲ୍ୟ ଚାପ ରହିଛି। ଅଶୋଧିତ ସାମଗ୍ରୀ ଏବଂ ଲଜିଷ୍ଟିକ ମୂଲ୍ୟ ବଢୁଥିବାରୁ ଦରଦାମ ବୃଦ୍ଧି ହେଉଛି ବୋଲି ଆରବିଆଇ ଗଭର୍ଣ୍ଣର କହିଛନ୍ତି। ଏପରି ସ୍ଥିତିରେ ରେପୋ ଓ ରିଭର୍ସ ରେପୋ ରେଟ୍ ଅପରିବର୍ତ୍ତିତ ରହିବା ଜରୁରୀ ବୋଲି ସେ କହିଛନ୍ତି। କରୋନା ମାଡରେ ଦେଶର ପର୍ଯ୍ୟଟନ ଶିଳ୍ପ ମଧ୍ୟ ପ୍ରଭାବିତ ରହିଛି। ଏହାରୁ ସୁଧାର କରିବା ପାଇଁ ଆରବିଆଇ ପ୍ରୟାସ କରୁଛି। ତେଣୁ ବ୍ୟାଙ୍କ ମାଧ୍ୟମରେ ଏହି କ୍ଷେତ୍ରଗୁଡିକୁ ରିଲିଫ ଦିଆଯିବ ବୋଲି ଦାସ କହିଛନ୍ତି। ୧୫ ହଜାର କୋଟି ଟଙ୍କାର ନଗଦ ବ୍ୟବସ୍ଥା ବ୍ୟାଙ୍କକୁ ଯିବ। ସେହିରି ୧୬ ହଜାର କୋଟିର ଲିକ୍ୱିଡିଟି ସୁବିଧା ଏମଏସଏମଇ ପାଇଁ ପ୍ରସ୍ତୁତ ହେବ ବୋଲି ଶକ୍ତିକାନ୍ତ କହିଛନ୍ତି। ଆରବିଆଇର ମୁଦ୍ରାନୀତି କମିଟି ଚଳିତ ସପ୍ତାହର ବୁଧବାର ପାଖରୁ ଆରମ୍ଭ ହୋଇଥିଲା। ପ୍ରତି ଦୁଇ ମାସରେ ମୁଦ୍ରା ନୀତି ସମୀକ୍ଷା ବୈଠକ ଅନୁଷ୍ଠିତ ହୁଏ। ଏପ୍ରିଲରେ ଅନୁଷ୍ଠିତ ଶେଷ ଏମପିସି ବୈଠକରେ ଆରବିଆଇ ପ୍ରମୁଖ ସୁଧ ହାରରେ କୌଣସି ପରିବର୍ତ୍ତନ କରିନାହିଁ।

### +୨ ପରୀକ୍ଷା ...

ଦୃଢ ମନୋବଳ, ଓ ଧୈର୍ଯ୍ୟର ମୁଖ୍ୟମନ୍ତ୍ରୀ ଉଚ୍ଚପ୍ରଶଂସା କରିଛନ୍ତି। ଦ୍ୱାଦଶ ଶ୍ରେଣୀରେ ଛାତ୍ରଛାତ୍ରୀଙ୍କ ଦକ୍ଷତାର ମୂଲ୍ୟାୟନ ବିଶେଷଜ୍ଞ ମାନଙ୍କ ପରାମର୍ଶକ୍ରମେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ଉତ୍ତମ ଭାବରେ ନିର୍ଦ୍ଧାରିତ ମାପଦଣ୍ଡ ଦ୍ୱାରା ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏହି ମୂଲ୍ୟାୟନରେ ଯଦି କୌଣସି ଛାତ୍ରଛାତ୍ରୀ ସନ୍ତୁଷ୍ଟ ନ ହୁଅନ୍ତି, ତେବେ ସେମାନେ ଚାହିଁଲେ ପରୀକ୍ଷା ଦେଇପାରିବେ ଏବଂ ପରିସ୍ଥିତିର ସମୀକ୍ଷା କରି ପରୀକ୍ଷା କେତେବେଳେ କରାଯିବ ତାହା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ନିର୍ଣ୍ଣୟ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

### ପ୍ରଥମ ସ୍ଥାନରେ ...

୨୦୧୯ ତୁଳନାରେ ମିଜୋରାମ, ହରିଆଣା ଓ ଉତ୍ତରାଖଣ୍ଡ ଭଲ ପ୍ରଦର୍ଶନ କରିଛନ୍ତି। ୨୦୨୦-୨୧ ରିପୋର୍ଟରେ ସେମାନଙ୍କ ପଏଣ୍ଟ ଯଥାକ୍ରମେ ୧୨,୧୦ ଓ ୮ ଲେଖାଏ ବଢ଼ିଛି। ୨୦୧୯ରେ ୧୦ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳର ପଏଣ୍ଟ ସଂଖ୍ୟା ୬୫ରୁ ୯୯ ମଧ୍ୟରେ ରହିଥିଲା। ହେଲେ ୨୦୨୦-୨୧ରେ ଏହି ତାଲିକାରେ ଆଉ ୧୨ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳ ଯୋଡ଼ି ହୋଇଯାଇଛନ୍ତି। ଉତ୍ତରାଖଣ୍ଡ, ଗୁଜରାଟ, ମହାରାଷ୍ଟ୍ର, ମିଜୋରାମ, ପଞ୍ଜାବ, ହରିଆଣା, ତ୍ରିପୁରା, ଦିଲ୍ଲୀ, ଲାକ୍ଷାଦ୍ୱୀପ, ଆଣ୍ଡାମାନ ଓ ନିକୋବର, ଜମ୍ମୁ-କଶ୍ମୀର ଓ ଲଦାଖ ନୂଆ ଭାବେ ୬୫ରୁ ୯୯ ପଏ ରେଞ୍ଜରେ ସାମିଲ ହୋଇଛନ୍ତି। ଦେଶର ଏସଡିଜି ସ୍କୋର ୬ ପଏଣ୍ଟ ବଢ଼ିଛି। ୨୦୧୯ରେ ଏହା ୬୦ ଥିବା ବେଳେ ୨୦୨୦-୨୧ରେ ୬୬କୁ ବୃଦ୍ଧି ପାଇଛି।

### ସବୁ କ୍ଷେତ୍ରରେ ...

ଦିଗରେ ଭାରତ ଅନ୍ୟମାନଙ୍କର ପଥପ୍ରଦର୍ଶକ ସାଜିଛି। ସ୍ୱଚ୍ଛ ଶକ୍ତି, ସବୁଜ ହାଇଡ୍ରୋଜେନ୍ ଟେକ୍ନୋଲୋଜି କ୍ଷେତ୍ରରେ ଭାରତ ଅଗ୍ରଣୀ ଭୂମିକା ଗ୍ରହଣ କରିଛି। ବିଭିନ୍ନ ଟେକ୍ନୋଲୋଜି କ୍ଷେତ୍ରରେ ସିଏସ୍ଆଇଆର୍‌ର ଭୂମିକାକୁ ପ୍ରଧାନମନ୍ତ୍ରୀ ଉଚ୍ଚପ୍ରଶଂସା କରିଛନ୍ତି। ଏହି ବୈଠକରେ ବିଜ୍ଞାନ ଓ କାରିଗରୀ ବିଦ୍ୟାମନ୍ତ୍ରୀ ଡକ୍ଟର ହର୍ଷବର୍ଦ୍ଧନ ମଧ୍ୟ ଉପସ୍ଥିତ ଥିଲେ। ସିଏସ୍ଆଇଆର ହେଉଛି ବିଜ୍ଞାନ ଓ କାରିଗରୀ ବିଦ୍ୟା ମନ୍ତ୍ରଣାଳୟ ଅଧୀନରେ ବିଜ୍ଞାନ ଓ ଶିଳ୍ପ ଗବେଷଣା ବିଭାଗର ଏକ ଅଂଶ। ସିଏସ୍ଆଇଆର ଦେଶର ୩୭ଟି ପରୀକ୍ଷାଗାର ଓ ୩୯ଟି ଆଉଟରିଚ୍ କେନ୍ଦ୍ର ଜରିଆରେ ଗବେଷଣା ଜାରି ରଖିଛି। ଏହି ବାର୍ଷିକ ବୈଠକରେ ବିଶିଷ୍ଟ ବୈଜ୍ଞାନିକ, ଶିଳ୍ପପତି ଓ ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ।

# ସୃଜନଶୀଳତାର ସେତୁ ଚିତ୍ରକଳା




ରବୀନ୍ଦ୍ର କୁମାର ମହାରଣା






ଭଗବାନଙ୍କ ସୃଷ୍ଟିର ଉତ୍କୃଷ୍ଟ ଜୀବ ମାନବ, ସମସ୍ତ ପ୍ରାଣୀ ଜଗତର ଶ୍ରେଷ୍ଠତ୍ୱର ଉର୍ଦ୍ଧ୍ୱର। ତାର ଚିନ୍ତା, ଚେତନା ଏବଂ ସୃଜନଶୀଳତା ପାଇଁ ସେ ସମସ୍ତଙ୍କ ଠାରୁ ଭିନ୍ନ। କେବଳ ଯେ, ଆଧୁନିକ ସମାଜ ନୁହେଁ... କେଉଁ ଆବାହମାନ କାଳରୁ ସେ ତାର ଅସାଧାରଣ ସୃଜନଶୀଳତାକୁ ଜୀବନର ପ୍ରତ୍ୟେକ କାର୍ଯ୍ୟ ଧାରାରେ ପ୍ରସ୍ଫୁଟିତ କରିବାକୁ ସକ୍ଷମ ହୋଇପାରିଛି। ମଣିଷ ତାର ପ୍ରଥମ ସୃଜନଶୀଳତାର ଅଭିବ୍ୟକ୍ତିକୁ ପ୍ରସ୍ତର ଯୁଗର ଗୁମ୍ଫା ମାନଙ୍କର ପ୍ରସ୍ତର ଦେହରେ ରେଖାଚିତ୍ର ମାଧ୍ୟମରେ ପରିପ୍ରକାଶ କରିଥିଲେ।

ପ୍ରସ୍ତର ଯୁଗଠାରୁ ଆରମ୍ଭ କରି ବର୍ତ୍ତମାନର ଆଧୁନିକ ଯୁଗରେ ରେଖାଚିତ୍ରର ରୂପରେଖ ଆକାଶତୁଲ୍ୟ ଅସୀମ। ବିଦ୍ୟାଳୟର କୁନି କୁନି ଚିତ୍ରକର ଠାରୁ ଆରମ୍ଭ କରି ପେଶାଦାର ଚିତ୍ରକର ପର୍ଯ୍ୟନ୍ତ ସମସ୍ତଙ୍କ ସୃଜନଶୀଳତାର ସେତୁ ଚିତ୍ରକଳା ଅଟେ।





ବର୍ତ୍ତମାନ କୋଭିଡ୍-୧୯ର କରୋନା ମହାମାରୀର ବ୍ୟସ୍ତତା ଭିତରେ ଲକ୍‌ଡାଉନ ଏବଂ ସଟଡାଉନ୍ ସାଂପ୍ରତିକ ଅବସ୍ଥା ମଧ୍ୟରେ ସ୍ମାର୍ଟ ଫୋନ୍ ନତୁବା ଲାପଟପ୍ ମାଧ୍ୟମରେ ଅନ୍‌ଲାଇନ୍ ପାଠପଢ଼ାରେ ବ୍ୟତିବ୍ୟସ୍ତ ହୋଇପଡିଲେଣି ପ୍ରାଥମିକ ବିଦ୍ୟାଳୟର କୋମଳମତି ଛାତ୍ରଛାତ୍ରୀମାନେ। ବର୍ତ୍ତମାନ ଅଧିକାଂଶ ବିଦ୍ୟାଳୟର ଗ୍ରୀଷ୍ମ ଅବକାଶ ଆରମ୍ଭ ହୋଇଯାଇଥିବାରୁ ଅନ୍‌ଲାଇନ୍ ପାଠପଢ଼ାରୁ କିଛି ମାତ୍ରାରେ ବିରାମ ମିଳିଛି। ତଥାପି ଗ୍ରୀଷ୍ମ ଅବକାଶରେ ମଧ୍ୟ ଗୃହକାର୍ଯ୍ୟର ବୋଝକୁ ହାଲକା କରିବା ପାଇଁ ବିଭିନ୍ନ ପ୍ରକାରର କଳାତ୍ମକ ଭାବଧାରାକୁ ପିଲାଙ୍କ ପାଖରେ ପହଞ୍ଚାଇବା ଜରୁରୀ ଅଟେ। ତାହା ହୋଇପାରେ ନୃତ୍ୟକଳା, ସଂଗୀତ କଳା ନତୁବା ଚିତ୍ରକଳା। ଏସବୁର ଉର୍ଦ୍ଧ୍ୱରେ ଚିତ୍ରକଳା ତଥା ହସ୍ତକଳାର ସୃଜନଶୀଳତା। ଏ ସବୁର ଉର୍ଦ୍ଧ୍ୱରେ ଚିତ୍ରକଳା ତଥା ହସ୍ତକଳାର ସୃଜନଶୀଳତା କୋମଳମତୀ ଛାତ୍ରଛାତ୍ରୀଙ୍କର ମାନସିକତାକୁ ସୁଦୃଢ଼ କରିପାରିବ ବୋଲି ଆଶା ବ୍ୟକ୍ତ କରାଯାଏ। ଚିତ୍ରକଳା ମାଧ୍ୟମରେ ବିଭିନ୍ନ ପ୍ରକାର ବିଷୟ ଭିତ୍ତିକ ଚିତ୍ରକଳା (ପରିବେଶ ସୁରକ୍ଷା, ଜଳ ଓ ବାୟୁ ପ୍ରଦୂଷଣ, ଡିଜିଟାଲ ଇଣ୍ଡିଆ ଇତ୍ୟାଦି)କୁ ଭିନ୍ନ ଭିନ୍ନ ମାଧ୍ୟମରେ ଯଥା ଜଳ ରଙ୍ଗ, କ୍ରେୟନ ରଙ୍ଗ, ପେନ୍‌ସିଲ୍ ରଙ୍ଗ ଏବଂ ସେଡିଙ୍ଗ, ଅଏଲ୍ ରଙ୍ଗ ଇତ୍ୟାଦି ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷା ପ୍ରଦାନ କଲେ ସେମାନଙ୍କର ସୃଜନଶୀଳତାର ପରିପ୍ରକାଶ ହୋଇପାରିବ। ଚିତ୍ରକଳା ବ୍ୟତୀତ ବିଭିନ୍ନ ପ୍ରକାର ହସ୍ତକଳା ଯେପରିକି ପେପର ଫୋଲଡିଙ୍ଗ (ଓରିଗାମି), ଅଙ୍ଗୁଳିର ଛାପାଚିତ୍ର, ଫୁଲସଜ୍ଜା, କାଗଜ ମୁଖା, ବୋଇତ ଉପରେ ଚିତ୍ର, ବାଲିରୁ ପ୍ରସ୍ତୁତ କଳା, ଝୋଟରୁ ପ୍ରସ୍ତୁତ ହସ୍ତକଳା, ମାଟି କଣ୍ଢେଇ (ଟେରାକୋଟା) କଳସ ଚିତ୍ର, ୱାଲ ହ୍ୟାଙ୍ଗିଙ୍ଗ୍‌ର ଶିକ୍ଷା ଦ୍ୱାରା ଛାତ୍ରଛାତ୍ରୀମାନଙ୍କୁ ମାନସିକ ଅବସାଦରୁ ମୁକ୍ତି ମିଳିପାରିବା ସହ ସେମାନଙ୍କର ସୃଜନଶୀଳତାର ପରିପ୍ରକାଶ ହୋଇପାରିବ ତାହା ନିଃସନ୍ଦେହରରେ କୁହାଯାଇପାରିବ।

ତେଣୁ ସମସ୍ତ ଅଭିଭାବକମାନେ ବର୍ତ୍ତମାନର ସାଂପ୍ରତିକ ପରିସ୍ଥିତିରେ ନିଜ ସନ୍ତାନ ମାନଙ୍କୁ ଏଥିପ୍ରତି ଆଗ୍ରହ ସୃଷ୍ଟି କରିବାର ପ୍ରଚେଷ୍ଟା ସହ ସେମାନଙ୍କୁ ଟିଭି, ସ୍ମାର୍ଟ ଫୋନ୍, ଲାପଟପରୁ କିଛି ସମୟ ବିରାମ ଦେବା ସହ ପିଲାମାନଙ୍କର ବୌଦ୍ଧିକ ଜ୍ଞାନର ବିକାଶ କରିବା ଦିଗରେ ଚେଷ୍ଟା କରିବା ଉଚିତ। ଆଜିର ମହାମାରୀ ପରିପ୍ରେକ୍ଷୀରେ ଅଭିଭାବକମାନେ ନିଜର ସନ୍ତାନମାନଙ୍କର ସୃଜନଶୀଳତାର ପରିପ୍ରକାଶରେ ସହାୟକ ହେବେ ଏହା ମୋର ଆଶା ଓ ବିଶ୍ୱାସ।


*(କଳା ଶିକ୍ଷକ)*
*ବକ୍ସି ଜଗବନ୍ଧୁ ଇଂରାଜୀ ମାଧ୍ୟମ ବିଦ୍ୟାଳୟ-୨*
*ସତ୍ୟଭାମାପୁର, ଭୁବନେଶ୍ୱର*











# ମଠ ମନ୍ଦିର ମୁକ୍ତି ସଂଗ୍ରାମ ମଞ୍ଚର ଆହ୍ୱାନ ସରକାର ତୁମେ ଫେରାଇ ଦିଅ ଆମ ମନ୍ଦିର

ଭାରତ ଏକ ଧର୍ମନିରପେକ୍ଷ ଗଣତାନ୍ତ୍ରିକ ରାଷ୍ଟ୍ର ଯାହାର କୌଣସି ଧର୍ମ ନାହିଁ। କୌଣସି ଧର୍ମାନୁଷ୍ଠାନ ଉପରେ ଅଙ୍କୁଶ ଲଗାଇବା କିମ୍ବା ନିଜ ଆୟତରେ ରଖିବା ସମ୍ବିଧାନ ବିରୋଧୀ। ପରିତାପର ବିଷୟ ଏହି ଯେ ସରକାର ମଠ ମନ୍ଦିର ଗଡିକ ଉପରେ ନିୟନ୍ତ୍ରଣ ରଖିଥିବା ବେଳେ କୌଣସି ଚର୍ଚ୍ଚ, ମସଜିଦ ଓ ଗୁରୁଦ୍ୱାର ଉପରେ ନିୟନ୍ତ୍ରଣ ରଖିନାହାନ୍ତି। ଓଡ଼ିଶାରେ ସରକାର ଓଡ଼ିଶା ହିନ୍ଦୁ ରିଲିଜିୟନ୍ ଏଣ୍ଡାମେଣ୍ଟ ଆକ୍ଟ ବଳରେ ୧୭ ହଜାରରୁ ଅଧିକ ମନ୍ଦିର, ତିନି ଶହରୁ ଅଧିକ ମଠ ଓ ଦୁଇଲକ୍ଷ ଏକର ସମ୍ପତ୍ତି ନିଜ ଅଧୀନରେ ରଖିଛନ୍ତି। ସେହିଭଳି ଭାରତ ବର୍ଷରେ ଅନେକ ପ୍ରଦେଶ ଗୁଡିକରେ ହଜାର ହଜାର ହିନ୍ଦୁ ମନ୍ଦିର ଗୁଡିକ ସମ୍ପୃକ୍ତ ରାଜ୍ୟ ସରକାର ନିଜ ନିଜ ଅଧୀନରେ ରଖିଛନ୍ତି। ଅନେକ ଛୋଟ ଛୋଟ ମନ୍ଦିର ଅଛି ଯେଉଁଥିରେ କି ପୂଜକକୁ ମାସିକ ଦରମା ହଜାରେ ଟଙ୍କା ଦେବା ବି କଷ୍ଟକର ହୋଇପଡେ। ସରକାର କେବେ ସେମାନଙ୍କ କଥା ବିଚାରକୁ ନିଅନ୍ତି ନାହିଁ। ଭାରତରେ ଯେତେ ମଠ ମନ୍ଦିର ତିଆରି ହୋଇଛି ତାହା ରାଜା, ଜମିଦାର ସ ଲୋକମାନଙ୍କ ପ୍ରଚେଷ୍ଟାରେ କରାହୋଇଛି। ସେଥିରେ ସରକାରଙ୍କର ଭୂମିକା କିଛି ନାହିଁ। ଯେଉଁ ମନ୍ଦିରରୁ ଓ ମନ୍ଦିରରେ ଥିବା ସମ୍ପତ୍ତିରୁ ଆୟ ଅଧିକ ହେଉଛି ସେହି ମନ୍ଦିରକୁ ସରକାର ନିୟନ୍ତ୍ରଣରେ ରଖିଥିବା ବେଳେ ସମୟେ ସମୟେ ମନ୍ଦିର ଦାନର ରାଶିକୁ ଅନ୍ୟ କାର୍ଯ୍ୟରେ ବିନିଯୋଗ କରାହେଉଛି ଓ ସରକାରୀ କର୍ମଚାରୀମାନଙ୍କ ଦ୍ୱାରା ଅର୍ଥ ହଡପ ହେବାର ମଧ୍ୟ ନଜିର ଅଛି। ଯଦି ପ୍ରାଇଭେଟ୍ କଲେଜ ଓ ଇଣ୍ଡଷ୍ଟ୍ରି ଲୋକମାନଙ୍କ ଦ୍ୱାରା ଶୃଙ୍ଖଳିତ ଭାବରେ ପରିଚାଳିତ ହେଉଛି ତା'ହେଲେ ଲୋକମାନଙ୍କ ଦ୍ୱାରା ମନ୍ଦିର ପରିଚାଳନା କରିବାରେ କଣ ଅସୁବିଧା ଅଛି, ଏପରିକି ବଡ ବଡ ମନ୍ଦିରରୁ ମିଳୁଥିବା ଦାନ ରାଶିରୁ ଛୋଟ ଛୋଟ ମନ୍ଦିରକୁ ମଧ୍ୟ ପରିଚାଳନା କରାଯାଇପାରିବ ଓ ସେଥିରେ ଥିବା ପ୍ରଜକକୁ ଉଚିତ ପ୍ରାପ୍ୟ ମିଳିପାରିବ। ମନ୍ଦିର ଓ ମଠ ଗୁଡିକୁ ସରକାରୀ ନିୟନ୍ତ୍ରଣମୁକ୍ତ କରିବା ପାଇଁ ଭାରତ ବର୍ଷରେ ବିଭିନ୍ନ ପ୍ରାନ୍ତରେ ହିନ୍ଦୁ ସଂଗଠନ ଗୁଡିକ ଦାବି କରିଆସୁଛନ୍ତି। ତାମିଲନାଡୁ ପ୍ରଦେଶରେ 'ଇଶା ଫାଉଣ୍ଡେସନ' ତରଫରୁ ସଦଗୁରୁ ଜାଗି ବାସୁଦେବଙ୍କ ନେତୃତ୍ୱରେ ଏକ ଆନ୍ଦୋଳନ ମୁଣ୍ଡ ଟେକୁଛି। ଏହି ଆନ୍ଦୋଳନରେ ଅନେକ ହିନ୍ଦୁବାଦୀ ନେତା ଯଥା ରାଜ୍ୟସଭା ସଦସ୍ୟ ସୁବ୍ରମନ୍ୟମ୍ ସ୍ୱାମୀ ଓ ଅବସରପ୍ରାପ୍ତ ଆଇପିଏସ୍ ଅଫିସର ଏମ୍ ଏନ ରାଓ ବିଭିନ୍ନ ଧର୍ମଗୁରୁମାନଙ୍କୁ ସାକ୍ଷାତ କରି ଏହି ବାର୍ତ୍ତା ପ୍ରତ୍ୟେକ ଭାରତୀୟଙ୍କ ନିକଟରେ ପହଞ୍ଚାଇବାର ପ୍ରୟାସ ଜାରି ରଖିଛନ୍ତି। ଏହିମହାନ ବ୍ୟକ୍ତିମାନଙ୍କ ପ୍ରଚେଷ୍ଟାରେ ଉତ୍ତରାଖଣ୍ଡ ସରକାର ନିକଟ ଅତୀତରେ ୫୧ଟି ମନ୍ଦିରକୁ ନିୟନ୍ତ୍ରଣମୁକ୍ତ କରିଛନ୍ତି। ଭାରତୀୟ ଜନତା ପାର୍ଟି ତାର ଇଲେକସନ୍ ମେନିଫେଷ୍ଟୋରେ ତାମିଲନାଡୁର ସବୁ ହିନ୍ଦୁ ମନ୍ଦିର ଗୁଡିକୁ ନିୟନ୍ତ୍ରଣମୁକ୍ତ କରିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ଏମ ନାଗେଶ୍ୱର ରାଓଙ୍କର ପ୍ରେରଣାକ୍ରମେ ପ୍ରଦୀପ କୁମାର ଜେନା (ଅବସରପ୍ରାପ୍ତ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ), ପ୍ରିୟରଞ୍ଜନ ଦାସ, ସଞ୍ଜୟ ଜେନା, ଅରୁଣ ପଣ୍ଡା ଓ ଚୌଧୁରୀ ପ୍ରଭାତ କିଶୋର ମିଶ୍ର ପ୍ରଭୃତି ଓଡ଼ିଶାରେ ଏକ ଅଭିଯାନ ଆରମ୍ଭ କରିଛନ୍ତି। 'ମଠ ମନ୍ଦିରମୁକ୍ତ ସଂଗ୍ରାମ' ନାମରେ ଏକ ମଞ୍ଚ ତିଆରି କରି ଏହି କାର୍ଯ୍ୟକ୍ରମକୁ ଆଗକୁ ନେବା ପାଇଁ ଓ ଓଡ଼ିଶାର ପ୍ରତ୍ୟେକଟି ଜନସାଧାରଣଙ୍କ ନିକଟରେ ଏହାକୁ ପହଞ୍ଚାଇବାର ପ୍ରୟାସ ଜାରି ରଖିଛନ୍ତି। ଗତ ତା ୨୯.୦୩.୨୦୨୧ରିଖରେ କଟକ ମହାନଦୀ ବିହାରରେ ଏକ ରାଜ୍ୟସ୍ତରୀୟ ସମାବେଶ କରାଯାଇଥିଲା ଯେଉଁଥିରେ ଏମ ନାଗେଶ୍ୱର ରାଓ ଭିଡିଓ କନଫରେନ୍ସରେ ଯୋଡି ହୋଇ ନିଜର ଆଭିମୁଖ୍ୟ ସ୍ୱଷ୍ଟ କରିଥିଲେ। ସେହି ସମାବେଶରେ ସ୍ଥିର କରାଯାଇଥିଲା ଯେ, ଆଗାମୀ କିଛିଦିନ ମଧ୍ୟରେ ପ୍ରତୀକାତ୍ମକଭାବେ କଟକ ଚଣ୍ଡୀ ମନ୍ଦିର, ଯାଜପୁର ବିରଜା ମନ୍ଦିର, ତିର୍ତ୍ତୋଲର ସାରଳା ମନ୍ଦିର ନିକଟରେ ଏକ ସମୟରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହିତ ସମ୍ପୃକ୍ତ ଜିଲ୍ଲାପାଳମାନଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯିବ। ସାରଳା ମନ୍ଦିର କାର୍ଯ୍ୟକ୍ରମକୁ ଆଗକୁ ନେବା ପାଇଁ ପ୍ରିୟରଞ୍ଜନ ଦାସ, ବିଭୁ ମିଶ୍ର, ପ୍ରଦୀପ୍ତ କୁମାର ସାହୁ, ରଘୁନାଥ ବାରିକ, ସାଗରିକା ସାହୁ ଓ କଟକ ଚଣ୍ଡୀ ମନ୍ଦିର କାର୍ଯ୍ୟକ୍ରମକୁ ସୁଚାରୁରୂପେ ସମ୍ପନ୍ନ କରିବା ପାଇଁ ପଣ୍ଡିତ ଦିବାକର ମିଶ୍ର, ସୁବାସ ଶତପଥୀ, ରବିନାରାୟଣ ମହାନ୍ତି, ସୁଶାନ୍ତ ଦାସ, ପ୍ରାଣକୃଷ୍ଣ ଜେନା, ବାବାଜି ଦାସ, ରାଜକିଶୋର ମହାପାତ୍ର ଓ ସଞ୍ଜୟ ଜେନାଙ୍କୁ ଦାୟିତ୍ୱ ଦିଆଯାଇଥିବା ବେଳେ ଯାଜପୁର ବିରଜା ମନ୍ଦିରର ଦାୟିତ୍ୱ ନିତ୍ୟାନନ୍ଦ ମହାଲିକଙ୍କୁ ଦିଆଯାଇଛି। ଇତିମଧ୍ୟରେ ଅନେକ ହିନ୍ଦୁ ସଂଗଠନ ଓଡ଼ିଆ ଭାଷା ସାହିତ୍ୟ, ସଂସ୍କୃତି ପାଇଁ କାର୍ଯ୍ୟ କରୁଥିବା ସଂଗଠନ ଗୁଡିକ ଯଥା ନୀଳଶୈଳୀ, ନୀଳଚକ୍ର ଏହି କାର୍ଯ୍ୟକ୍ରମରେ ସାମିଲ ହେବା ପାଇଁ ନିଜର ସମ୍ମତି ପ୍ରକାଶ କରିଛନ୍ତି। କୋଭିଡର ଦ୍ୱିତୀୟ ଲହରୀକୁ ଆଖି ଆଗରେ ରଖି ଉକ୍ତ କାର୍ଯ୍ୟକୁ ସାମୟିକଭାବେ ସ୍ଥଗିତ ରଖାଯାଇଥିଲେ ମଧ୍ୟ ଟେଲିଫୋନ୍ ମାଧ୍ୟମରେ ହିନ୍ଦୁତ୍ୱ ବିଚାରଧାରା ଉପରେ ବିଶ୍ୱାସ କରୁଥିବା ସମସ୍ତ ବ୍ୟକ୍ତିମାନଙ୍କୁ ଏହି ମଞ୍ଚ ଆହ୍ୱାନ କରୁଛି। ଏହି କାର୍ଯ୍ୟକ୍ରମର ସଯୋଜକ ପ୍ରଦୀପ୍ତ କୁମାର ଜେନା ଅନୁରୋଧ କରିଛନ୍ତି ଯେ, ଯେଉଁ ବ୍ୟକ୍ତିବିଶେଷ ଏହି ସଂଗଠନକୁ ସମର୍ଥନ କରିବ ଓ ଯୋଡି ହେବା ପାଇଁ ଇଚ୍ଛା ପ୍ରକଟ କରିବ ସେ ଫୋନ୍ ମାଧ୍ୟମରେ ଯୋଗାଯୋଗ କରିପାରିବ।


*- ପ୍ରଦୀପ କୁମାର ଜେନା*
*ଅବସରପ୍ରାପ୍ତ ଅତିରିକ୍ତ ଏସ୍‌ପି, କଟକ*



# ହଜିଗଲାଣି ବିଡିଆପାନ୍; ଗୁଟ୍‌କା କାରବାର ବୃଦ୍ଧିକୁ ନେଇ ଚିନ୍ତାରେ ଜନସାଧାରଣ

**ଜଗତ୍‌ସିଂହପୁର,(ଜ୍ୟୋତିରଞ୍ଜନ ପଟ୍ଟନାୟକ) :** ଭାରତୀୟ ସଂସ୍କୃତି ଓ ସଭ୍ୟତାରେ ପାନର ଆଦର କାହିଁ କେଉଁକାଳରୁ ପ୍ରଚଳିତ ହୋଇଆସୁଛି । ପିଣ୍ଡ ଶ୍ରାଦ୍ଧ, ପୂଜା, ପାର୍ବଣ ଆଦିରେ ବ୍ୟବହୃତ ହୋଇଥାଏ ବିଡିଆ ପାନ । ଏପରିକି ଓଡ଼ିଶାର ବଡ଼ ପର୍ବ ରଜରେ ବିଡିଆ ପାନଖଣ୍ଡେ ନଖାଇଲେ ରଜ ମଜା ଲାଗେନାହିଁ । ମାତ୍ର ବର୍ତ୍ତମାନ ଏହି ବିଡିଆପାନର ସ୍ଥାନରେ ସ୍ଥାନନେଇ ବିଦେଶୀ କମ୍ପାନୀ ପ୍ରସ୍ତୁତ ଗୁଟ୍‌କା ଜହର । ଯାହାକୁ ଖାଇଲେ ମଣିଷ ବିଭିନ୍ନ ରୋଗରେ ରୋଗାକ୍ରାନ୍ତ ହୋଇଥାଏ । ଏହି ଗୁଟ୍‌କାରେ ମୁଖ୍ୟତଃ ରାସାୟନିକ ପଦ୍ଧତିରେ ତିଆରି ଜିନିଷ ବ୍ୟବହୃତ ହୋଇଥିବାରୁ ସେଗୁଡିକ ବିଷ ସଦୃଶ ହୋଇ ମଣିଷର ସର୍ବନାଶ କରିଥାଏ । ମଣିଷମାନେ ଏହାର ଭୟାବହତା ଜାଣି ମଧ୍ୟ ତାହାକୁ ଅଧିକ ପରିମାଣରେ ବ୍ୟବହାର ମଣିଷ ସମାଜ ପାଇଁ ଚିନ୍ତାର କାରଣ ହୋଇପଡିଛି । ଗୁଟ୍‌କା କାରବାର ବୃଦ୍ଧିଯୋଗୁ ମସ୍ତିଷ୍କ ରୋଗାକ୍ରାନ୍ତ ହେବା ଓ କର୍କଟ ରୋଗରେ ଲୋକମାନେ ବହୁଳ ପରିମାଣରେ ପିଡିତ ହଉଥିବାରୁ ଏହା ଉପରେ ୨୦୧୩ ମସିହାରେ ପୂର୍ବତନ ମନ୍ତ୍ରୀ ଡା ଦାମୋଦର ରାଉତ ବେଳେ ନିଷେଦ୍ଧାଦେଶ ଜାରିକରିଥିଲେ । ମାତ୍ର ଏହି ନିଷେଧାଦେଶକୁ ଫୁ କରିଦେଇଛନ୍ତି ଆଜିର ଯୁବପିଢ଼ୀ । ବର୍ତ୍ତମାନ ଯୁବପିଢ଼ୀ ପକେଟରେ ମାଳମାଳ ଭର୍ତ୍ତିକରି ଏହାକୁ ପାଦୁକା ଭଳି ପାଇବାର ଅଭ୍ୟସ୍ତ ହୋଇଗଲେଣି । ପାନଦୋକାନୀମାନେ ଏହି ଗୁଟୁଖା ଜରିକୁ ବାହାରେ ନଟାଙ୍ଗି ଲୁଚାଇ ରଖି ବିକ୍ରୟ କରିଦେଉଥିବା ବେଳେ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ି ବଢ଼ି ଚାଲିଛି । ଗାଁ ଗହଳିଠାରୁ ଆରମ୍ଭ କରି ଦୋକାନ ବଜାର ପର୍ଯ୍ୟନ୍ତ ବେଆଇନ୍ ଭାବେ ବିକ୍ରୟ ହେଉଥିବା ଏହି ଗୁଟ୍‌କା ବ୍ୟବସାୟ ଯୋଗୁଁ ଟିକସ ଆଦାୟ କରିବାରେ ମଧ୍ୟ ଫଳପ୍ରଦ ହୋଇପାରୁନାହାଁନ୍ତି । ବେଆଇନ୍ ଭାବେ ତିଆରି ହେଉଥିବା ଗୁଟ୍‌କା କାରଖାନା ଉପରେ ଚଢ଼ାଉ କରିବାରେ ମଧ୍ୟ ସରକାର ବିଫଳ ହେଉଛନ୍ତି । ଯେଉଁ ଉହା ପାନ ଦୋକାନୀ ଏହାକୁ ବିକ୍ରୟ କରୁଛନ୍ତି ଏହାକୁ କିଏ ଯୋଗାଉଛନ୍ତି ବା କେଉଁଠାରେ ପ୍ରସ୍ତୁତ କରାଯାଉଛି ତାହା ଉପରେ ଅବକାରି କର୍ତ୍ତୃପକ୍ଷ ନଜର ନରଖିବା ଦ୍ୱାରା ଗାଁ ଗହଳି ମାନଙ୍କରେ ଏହି ବେପାର ବୃଦ୍ଧି ହେବାରେ ଲାଗିଛି । ସରକାରୀ ବାବୁମାନେ ଏଥିରେ ଅଭ୍ୟସ୍ତ ଥିବାରୁ ଗୁଟ୍‌କା କମ୍ପାନୀ ଓ ବିକ୍ରୟ କରୁଥିବା ଦୋକାନୀ ଉପରେ ଜାଣିଶୁଣି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାଁନ୍ତି । କରୋନା ପରି ମହାମାରୀ ରୋଗରେ ଲୋକେ ଜୀବନକୁ ବାଜି ଲଗାଇ ଲଢୁଥିବା ବେଳେ ଗାଁ ଗହଳିଠାରୁ ଆରମ୍ଭ କରି ସହର ପର୍ଯ୍ୟନ୍ତ ମଦ, ଗଞ୍ଜେଇ, ଭାଙ୍ଗ, ଚରସ ଓ ବ୍ରାଉନ୍‌ସୁଗାର ବ୍ୟାପକଭାବେ ବିକ୍ରୟ ହେଉଥିବା ଦେଖାଯାଇଛି । ଜଗତ୍‌ସିଂହପୁର ଜିଲ୍ଲାରେ ମଦ, ଗଞ୍ଜେଇ, ଭାଙ୍ଗ, ଚରସ ଓ ବ୍ରାଉନ୍‌ସୁଗାର ଇତ୍ୟାଦି ଚାଲାଣ କରିବା ଦଲାଲ୍ ବ୍ୟବସାୟମାନଙ୍କ ଭୂସ୍ୱର୍ଗ ପାଲଟି ଗଲାଣି । ଏସବୁ ଘଟଣା ଉପରେ ଅବକାରୀ ବିଭାଗ ଓ ପୋଲିସ୍ କର୍ତ୍ତୃପକ୍ଷ ଜାଣି ନଜାଣିବା ପଛରେ ମାସିକିଆ ବଟି ବେପାରୀମାନଙ୍କଠାରୁ ଆଦାୟ କରିବାରେ ସକ୍ଷମ ହେଉଛନ୍ତି । ଅବକାରୀ ବିଭାଗ ଯେଉଁ କେତେଜଣଙ୍କୁ ଧରି ନିଜର ପାରିବା ପଣିଆ ଦେଖାଉଛନ୍ତି ମାର ମାର୍ ଭଣ୍ଡାରିଆକୁ ମାର୍ ସଦୃଶ ହୋଇଯାଉଛି । ମଦ କାଉଣ୍ଟର ମାନଙ୍କରୁ ପେଟି ପେଟି ମଦ କୁଆଡେ ଚାଲାଣ ହେଉଛି ଓ ଏଥିରେ କାହାର ହାତ ଅଛି ସେ ସମ୍ପର୍କରେ ଉଭୟ ଥାନା ଓ ଅବକାରୀ ବିଭାଗ ଜାଣି ନିରବ ରହୁଥିବାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି । ପ୍ରତ୍ୟେକ ମଦ କାଉଣ୍ଟର ମାନଙ୍କରେ ସି.ସି. କ୍ୟାମେରା ଲାଗୁଥିବା ବେଳେ କେତେମାଲ୍ କୁଆଡେ ଚାଲାଣ ହେଉଛି ସେ ସମ୍ପର୍କରେ ଅବକାରୀ ବିଭାଗ ଜାଣି ପାରୁନାହାଁନ୍ତି କିପରି ? ଯେଉଁ ସ୍ଥାନମାନଙ୍କରେ ସି.ସି. କ୍ୟାମେରା ଲଗାଯାଇନାହିଁ ସେଠାରେ କ୍ୟାମେରା ଲଗାଇବା ପାଇଁ ସାଧାରଣରେ ଦାବି ହେଉଛି । ଜିଲ୍ଲାରେ କରୋନା ସଂକ୍ରମଣ ଉପରେ ମାଟିର ପୁଅ ଜିଲ୍ଲାପାଳ ସଂଗ୍ରାମ କେଶରୀ ମହାପାତ୍ର ଯେତିକି ଗୁରୁତ୍ୱ ଦେଇ ମୃତ୍ୟୁହାର ରୋକିବାରେ ସକ୍ଷମ ହେଉଛନ୍ତି, ଗୁଟ୍‌କା ବିକ୍ରୟ କରୁଥିବା ଦୋକାନୀ ମାନଙ୍କ ଉପରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବୁଦ୍ଧିଜିବୀ ମହଲରେ ଦାବି ହେଉଛି ।

## କୋଭିଡ୍ ଟିକା ପାଇଁ ଗ୍ଲୋବାଲ ଟେଣ୍ଡର

# ଓଡ଼ିଶାକୁ ମିଳିଲା ଦୁଇ ବିଡ୍




**ଭୁବନେଶ୍ୱର :** ୧୮ରୁ ୪୪ ବର୍ଷ ବୟସ୍କଙ୍କୁ ମାଗଣାରେ ଟିକାକରଣ କରାଇବା ପାଇଁ ରାଜ୍ୟ ସରକାର ଡାକିଥିବା ଗ୍ଲୋବାଲ ଟେଣ୍ଡରର ପ୍ରାଇସ୍ ବିଡ୍ ଆସନ୍ତା ୯ ତାରିଖରେ ଖୋଲାଯିବ। ଆଜି ଏହି ଗ୍ଲୋବାଲ ଟେଣ୍ଡର ପାଇଁ ବିଡ୍ ଦାଖଲ ଶେଷଦିନ ଥିବା ବେଳେ ୨ଟି ସଂସ୍ଥା ଏଥିରେ ଅଂଶଗ୍ରହଣ କରିଛନ୍ତି। ସାମୁହିକ ଟିକାକରଣ ମାଧ୍ୟମରେ କୋଭିଡ୍ ମହାମାରୀକୁ ନିୟନ୍ତ୍ରଣ କରିବାକୁ ରଣନୀତି ପ୍ରସ୍ତୁତ କରିଥିବା ରାଜ୍ୟ ସରକାର ଏବେ କୋଭିଡ୍ ଟିକା ପାଇଁ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିଥିବା ବେଳେ ଆଜି ଶେଷଦିନରେ କୋଭିଡ୍ ଟିକା ନମନ୍ତେ ଗ୍ଲୋବାଲ ଟେଣ୍ଡରରେ ୨ଟି ସଂସ୍ଥା ଅଂଶଗ୍ରହଣ କରିଛନ୍ତି। ଏ ସମ୍ପର୍କରେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର ସୂଚନା ଦେଇ କହିଛନ୍ତି ଯେ, ୨ଟି ସଂସ୍ଥାର ଆବେଦନକୁ ଗ୍ରହଣ କରାଯାଇଛି। ଏହି ଦୁଇ ଆବେଦନକାରୀ ସଂସ୍ଥାର ମୂଲ୍ୟାଙ୍କନ କରାଯାଉଛି। ସେପଟେ ରାଜ୍ୟ ମେଡିକାଲ ନିଗମର ସୂଚନା ଅନୁସାରେ ଆସନ୍ତା ୯ ତାରିଖ ପୂର୍ବାହ୍ନ ସାଢ଼େ ୧୧ଟାରେ ଗ୍ଲୋବାଲ ଟେଣ୍ଡର ପାଇଁ ପ୍ରାଇସ୍ ବିଡ୍ ଖୋଲିବ। ଯେଉଁ ଦୁଇ ସଂସ୍ଥାର ଆବେଦନ ମିଳିଛି ତାକୁ ତର୍ଜମା କରାଯିବା ସହ ସେମାନେ ନିର୍ଦ୍ଧାରିତ ଅବଧି ମଧ୍ୟରେ ଟିକା ଦେଇପାରିବେ କି ନାହିଁ, ସେମାନେ ଟିକା ପାଇଁ ଧାର୍ଯ୍ୟ କରିଥିବା ଦର ଆଦିକୁ ବିଚାରକୁ ନିଆଯାଇ ଆସନ୍ତା ୯ ତାରିଖରେ ଚୂଡ଼ାନ୍ତ ଘୋଷଣା କରାଯିବ। ଉଲ୍ଲେଖଯୋଗ୍ୟ ଯେ, ରାଜ୍ୟ ସରକାର ୩.୮୦ କୋଟି ଡୋଜ୍ ଟିକା ପାଇଁ ଗ୍ଲୋବାଲ ଟେଣ୍ଡର ଡାକିଛନ୍ତି। ତେବେ ଗତ ଜୁନ୍ ୧ ତାରିଖରେ ରାଜ୍ୟ ସ୍ୱାସ୍ଥ୍ୟ ମନ୍ତ୍ରୀ ନବ ଦାସ କେନ୍ଦ୍ର ସରକାରଙ୍କୁ ଚିଠି ଲେଖି ଗ୍ଲୋବାଲ ଟେଣ୍ଡର ପାଇଁ ଦେଶର ଦୁଇ ଟିକା କମ୍ପାନୀ ଭାରତ ବାୟୋଟେକ ଓ ସିରମ୍ ଇନ୍‌ଷ୍ଟିଚ୍ୟୁଟ୍ ଆଗ୍ରହୀ ନଥିବା କହିଥିବା ବେଳେ ବିଦେଶୀ କମ୍ପାନୀ ଗୁଡିକ କେନ୍ଦ୍ର ସରକାରଙ୍କ ସହ ଚୁକ୍ତିବଦ୍ଧ ହେବାକୁ ଚାହୁଁଥିବା ଜଣାଇଥିଲେ।

## ବକ୍ରବାଣୀ



କରୋନା ଆଣିଚିକି ସୁଯୋଗଟେ
ଲୁଟିବାକୁ ବଢ଼ିଆ ବାହାନାଟେ
ଯିଏ ଯେମିତି ପାରୁଛି ଲୁଟୁଚି
ସ୍କିମ୍ ପରେ ସ୍କିମ୍ ଖଞ୍ଜି ଦଉଚି
କୁକୁର ଖିଆକୁ ବାଉଁଶ ପୋତା
କୋଟି କୋଟି ଖାଇଯାଆନ୍ତି ନେତା
ମାଗଣାରେ ଟିକେ ଦେବେ କହିକି
ତେଲ ଦର ଗଲା ଶହେ ଡେଇଁକି
ଟିକା ନଉଥାଆ ଗୁଣ ଗାଉଥା'
ଦାଢ଼ୀଆ ଫଟୋକୁ ବସି ଦେଖୁଥା'।

— ଟୁଟୁ

# 'କରୋନାର ତୃତୀୟ ଲହର ସମସ୍ତଙ୍କୁ ସଂକ୍ରମଣ କରିବ'

**ଭୁବନେଶ୍ୱର :** କୋଭିଡ ମହାମାରୀର ଦ୍ୱିତୀୟ ଲହର ରାଜ୍ୟରେ ଅଧିକ ଭୟାବହ ହୋଇଥିବାବେଳେ ତୃତୀୟ ଲହରକୁ ନେଇ ରାଜ୍ୟ ସରକାର ଆଶଙ୍କା ବ୍ୟକ୍ତ କରି ତା'ର ମୁକାବିଲା ପାଇଁ ପ୍ରସ୍ତୁତି ଆରମ୍ଭ କରିଛନ୍ତି। କରୋନାର ତୃତୀୟ ଲହର ମଧ୍ୟ ବର୍ତ୍ତମାନର ଦ୍ୱିତୀୟ ଲହର ଭଳି ମାରାତ୍ମକ ହେବ ଓ ସବୁ ବୟସର ଲୋକଙ୍କୁ ସଂକ୍ରମଣ କରିବ ବୋଲି ଇନଷ୍ଟିଚ୍ୟୁଟ୍ ଅଫ ଲାଇଫ ସାଇନ୍ସ ନିର୍ଦ୍ଦେଶକ ଅଜୟ ପରିଡ଼ା କହିଛନ୍ତି। ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଶ୍ରୀ ପରିଡ଼ା କହିଛନ୍ତି ଯେ, କରୋନାର ସମ୍ଭାବ୍ୟ ତୃତୀୟ ଲହରର ମୁକାବିଲା ପାଇଁ ରାଜ୍ୟ ସରକାର ଏବେ ପ୍ରସ୍ତୁତି ଆରମ୍ଭ କରିସାରିଛନ୍ତି। ତେବେ ତୃତୀୟ ଲହର ନବ୍ୟାପିବା ମଧ୍ୟ ୩ଟି ଦିଗ ଉପରେ ନିର୍ଭର କରୁଛି। ଯଦି କୋଭିଡ୍ ନିୟମ ମାନିବା ସହ ଟିକାକରଣ କରାଯିବ ଓ ଭାଇରସ୍ ପରିବର୍ତ୍ତିତ ନହୁଏ ତା'ହେଲେ ତୃତୀୟ ଲହର ବିଶେଷ କ୍ଷତି କରିପାରିବ ନାହିଁ। ବର୍ତ୍ତମାନର ଦ୍ୱିତୀୟ ଲହରରେ ବି୧.୬୧୭.୨ ଭୂତାଣୁରେ ଦେଶର ୬୦% ଲୋକ ସଂକ୍ରମିତୟ ଏହି ଭୂତାଣୁ ମଧ୍ୟ ଓଡ଼ିଶାରେ ଲୋକଙ୍କୁ ସଂକ୍ରମିତ କରୁଛି। ଓଡ଼ିଶାରେ ଦ୍ୱିତୀୟ ଲହର ମେ' ୧୫ରୁ ୨୫ତାରିଖ ମଧ୍ୟରେ ସବୁଠୁ ପିକ୍‌ରେ ରହିଥିଲା। ଖୋର୍ଦ୍ଧା, କଟକ, ଢେଙ୍କାନାଳ ଜିଲ୍ଲାଗୁଡ଼ିକରେ ସଂକ୍ରମଣ ହାର ଅଧିକ ରହିଛି। ଆସନ୍ତା ୧୦ରୁ ୧୫ଦିନ ମଧ୍ୟରେ ସଂକ୍ରମଣ ସ୍ଥିତିରେ ସୁଧାର ଆସିବ। ଦୈନିକ କୋଭିଡ୍ ସଂକ୍ରମଣ ମାମଲାରେ ଓଡ଼ିଶାର ସ୍ଥିତି ଜାତୀୟ ହାର ତୁଳନାରେ ବେଶ୍ ଭଲ ରହିଛି।

# ସ୍ୱାସ୍ଥ୍ୟକର୍ମୀ ଓ ପରିବାର ପାଇଁ ସଂରକ୍ଷିତ ରହିବ ୫% ଶଯ୍ୟା

**ଭୁବନେଶ୍ୱର :** ସ୍ୱାସ୍ଥ୍ୟକର୍ମୀ ଓ ତାଙ୍କ ପରିବାରଲୋକଙ୍କ କରୋନା ଚିକିତ୍ସା ପାଇଁ ସ୍ୱୀକୃତିପ୍ରାପ୍ତ ହସ୍ପିଟାଲଗୁଡ଼ିକରେ ଏଣିକି ୫ପ୍ରତିଶତ ସାଧାରଣ ଶଯ୍ୟା ଓ ଆଇସିୟୁ ସଂରକ୍ଷିତ ରହିବ। ରାଜ୍ୟ ସରକାର ଚଳିତବର୍ଷ ଜାନୁଆରି ୨୮ତାରିଖରେ ଜାରି କରିଥିବା ନିର୍ଦ୍ଦେଶନାମାରେ ଗୁରୁବାର ପରିବର୍ତ୍ତନ କରିଛନ୍ତି। ଏ ସଂକ୍ରାନ୍ତରେ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛିୟ କୁହାଯାଇଛି ଯେ ଆଇପିଡି ଓ ଓପିଡିରେ ଥିବା ରୋଗୀଙ୍କୁ ଯଦି ସନ୍ଦେହ କରାଯାଏ, ତାହାଲେ ତାଙ୍କର ରାପିଡ ଆଣ୍ଟିଜେନ୍ କିଟ୍‌ରେ ପରୀକ୍ଷା କରାଯିବ। ଫଳରେ ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ସଂକ୍ରମଣରୁ ରୋକାଯାଇପାରିବ। ଏହା କରୋନାର ତୃତୀୟ ଲହର ପ୍ରସ୍ତୁତିରେ ସହାୟକ ହୋଇପାରିବ। ହସ୍ପିଟାଲର ପ୍ରବେଶପଥରେ ଥର୍ମାଲ ସ୍କ୍ରିନିଂ ସହିତ ସାନିଟାଇଜର୍ ପ୍ରଦାନ କରାଯିବାକୁ ନିର୍ଦ୍ଦେଶ ଦିଆଯାଇଛି। ସ୍ୱାସ୍ଥ୍ୟକର୍ମୀମାନଙ୍କୁ ପିପିଇ କିଟ୍ ସହିତ କୋଭିଡ ନିୟାମବଳୀକୁ କଡ଼ାକଡ଼ି ଭାବେ ପାଳନ କରିବାକୁ କୁହାଯାଇଛି। ବିନା ମାସ୍କରେ କେଣସି ସ୍ୱାସ୍ଥ୍ୟକର୍ମୀ ପ୍ରବେଶ କରିପାରିବେ ନାହିଁ। ସେହିପରି ସବୁ ସ୍ୱାସ୍ଥ୍ୟକର୍ମୀଙ୍କୁ କୋଭିଡ୍ ଯୋଦ୍ଧାର ମାନ୍ୟତା ଦିଆଯିବା ସହିତ ପୂର୍ବରୁ ଜାରି ହୋଇଥିବା ନିର୍ଦ୍ଦେଶାବଳୀ ଅନୁଯାୟୀ ସମସ୍ତ ସୁବିଧା ସୁଯୋଗ ପ୍ରଦାନ କରାଯିବ ବୋଲି ବିଜ୍ଞପ୍ତିରେ କୁହାଯାଇଛି।




# ବିରଳ ପକ୍ଷୀ 'ବୁଲ୍‌ବୁଲ୍' ପ୍ରେମରେ ବିଶ୍ୱଜିତ୍







**ଭୁବନେଶ୍ୱର :** ବିଭନ୍ନ କାରଣରୁ ପୃଥିବୀ ପୃଷ୍ଠରୁ ବିଭିନ୍ନ ପ୍ରଜାତିର ପକ୍ଷୀ ଲୋପ ପାଇଯାଉଥିଲା ବେଳେ ଏକ ବିରଳ ପ୍ରଜାତିର ପକ୍ଷୀ ଭାବେ ଜଣାଶୁଣା 'ବୁଲ୍‌ବୁଲ୍' ଚଢ଼େଇ ରାଜଧାନୀ ଭୁବନେଶ୍ୱରରେ ଜଣେ ବ୍ୟକ୍ତିଙ୍କ ଛାତ ଉପରକୁ ଦୀର୍ଘ ୧୪ବର୍ଷ ଧରି ନିୟମିତ ଆସିବା ଏବଂ ଅଣ୍ଡାଦାନ ପରେ ଦୂରକୁ ଉଡିଯିବା ଭଳି ଘଟଣା ଆଶ୍ଚର୍ଯ୍ୟ ଲାଗୁଥିଲେ ବି ସତ। 'ବୁଲ୍‌ବୁଲ୍' ଏକ ବିଦେଶୀ ପକ୍ଷୀ। ସାଧାରଣତଃ ଇଣ୍ଡୋନେସିଆ, ମାଲେସିଆ ଓ ଫିଲ୍‌ପାଇନ୍ସ ଭଳି ଦେଶରେ ଏମାନେ ବିଶେଷ ଭାବେ ଦେଖାଯାଆନ୍ତି। ତେବେ ରାଜଧାନୀର ନୀଳାଦ୍ରି ବିହାର ଅଞ୍ଚଳରେ ରହୁଥିବା ବିଶ୍ୱଜିତ୍ ପଟ୍ଟନାୟକଙ୍କ ଛାତ ଉପରେ ରହିଥିବା ଏକ ନିର୍ଦ୍ଦିଷ୍ଟ ଗଛ ଉପରେ ବସା ବାନ୍ଧି ଅଣ୍ଡା ଦେଇଛନ୍ତି 'ବୁଲ୍‌ବୁଲ୍'। ସମାଜସେବୀ ଭାବେ ଜଣାଶୁଣା ବିଶ୍ୱଜିତ୍ ପଶୁପକ୍ଷୀଙ୍କୁ ଖୁବ୍ ଆଦର କରୁଥିବାରୁ 'ବୁଲ୍‌ବୁଲ୍'ଙ୍କୁ ସୁରକ୍ଷା ଦେବାରେ ତାଙ୍କ ମନରେ ଅହେତୁକ ଆଗ୍ରହ ରହିଛି। ଏକ ନିର୍ଦ୍ଦିଷ୍ଟ ସମୟରେ ଏହି 'ବୁଲ୍‌ବୁଲ୍' ଚଢ଼େଇ ତାଙ୍କ ଛାତ ଉପରେ ଥିବା ଗଛରେ ବସା ବାନ୍ଧିବାକୁ ନେଇ ସେ ବେଶ୍ ଖୁସି ଅଛନ୍ତି। 'ବୁଲ୍‌ବୁଲ୍'ଙ୍କ ସୁରକ୍ଷା ପାଇଁ ବିଶ୍ୱଜିତ୍‌ଙ୍କ ପରିବାର ସମ୍ପୂର୍ଣ୍ଣ ସମର୍ପିତ ଥିଲା ଭଳି ଜଣାପଡୁଛି। ବିଶ୍ୱଜିତ୍ କହନ୍ତି-ବର୍ତ୍ତମାନ ସମୟରେ ବିଭିନ୍ନ ପ୍ରଜାତିର ପକ୍ଷୀ ଲୋପ ପାଇଯାଉଥିଲା ବେଳେ ବିଦେଶରୁ ଆସି ଯେଉଁ ପକ୍ଷୀମାନେ ଆମ ରାଜ୍ୟରେ ବସା ବାନ୍ଧିବାକୁ ପସନ୍ଦ କରୁଛନ୍ତି ସେମାନଙ୍କୁ ସମସ୍ତେ ଭଲ ପାଇବା ଦରକାର। ଏଠାରେ ଯେଉଁ 'ବୁଲ୍‌ବୁଲ୍' ଚଢ଼େଇର କଥା କୁହାଯାଉଛି ଏହା ଦୀର୍ଘ ୧୪ ବର୍ଷ ତଳର। ବର୍ଷକୁ ଦୁଇଥର ଏହି ଦୁଇଟି ପକ୍ଷୀ ଆମ ଛାତ ଉପର ଗଛକୁ ଆସନ୍ତି ଏବଂ ସେମାନେ ଅଣ୍ଡା ଦେଇ ଏଥିରୁ ଛୁଆ ଫୁଟିବା ପରେ ଛୁଆଙ୍କୁ ଉଡିବା ଶିଖାଇ ସାଙ୍ଗରେ ନେଇ ଏମାନେ ଫେରିଯାଆନ୍ତି। ଓଡ଼ିଶାରେ ଏଭଳି ପକ୍ଷୀ ବିରଳ ହୋଇଥିଲା ବେଳେ ଆମ ଛାତ ଉପର ଗଛକୁ ଯେ 'ବୁଲ୍‌ବୁଲ୍' ଭଲ ପାଉଛି, ଏଯାଏ ତାହାର ସଠିକ୍ କାରଣ ଜଣାନଥିଲେ ବି ସେମାନଙ୍କ ଆଗମନରେ ଆମ ପରିବାରରେ ଖୁସି ଆସିଥାଏ।










Printed, Published and Owned by **Rasmita Patra**, Published at Flat-003, Mahadev Orchid, Cosmopolis Road, Dumduma, Bhubaneswar-19, Dist- Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com

Chief Editor : **Bibhuti Bhusan Patra** | Managing Editor : **Laxmipriya Dash** | Editor : **Tarak Mohanty**

ମୁଖ୍ୟ ସମ୍ପାଦକ : ବିଭୁତି ଭୂଷଣ ପାତ୍ର | ପରିଚାଳନା ସମ୍ପାଦିକା : ଲକ୍ଷ୍ମୀପ୍ରିୟା ଦାଶ | ସମ୍ପାଦକ : ତାରକ ମହାନ୍ତି